

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୦ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 20 MAY 2023
Vol.No. 34 ■ No. 132 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

### ଏଏସଓ ନିଯୁକ୍ତି ଅନିୟମିତତା ମାମଲା

## ଓପିଏସସିର ମେରିଟ୍ ଲିଷ୍ଟ ଖାରଜ କଲେ ହାଇକୋର୍ଟ




ଭୁବନେଶ୍ୱର, ୧୯/୦୫ (ନି.ପ୍ର): ଗତ ବର୍ଷ ଅଗଷ୍ଟ ମାସରେ ୭୯୬ଟି ଇଏଓ ପଦବୀ ପାଇଁ ପରୀକ୍ଷା କରି ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଯେଉଁ ମେରିଟ ଲିଷ୍ଟ ପ୍ରକାଶ କରାଯାଇଥିଲା ତାକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଏହା ସହିତ ୨ ମାସ ମଧ୍ୟରେ ସାନି ମେରିଟ ଲିଷ୍ଟ ପ୍ରକାଶ କରିବାକୁ କୋର୍ଟ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ଲିଖିତ ପରୀକ୍ଷାରେ ପିଲାମାନେ ପାଇଥିବା ମୋଟ ମାର୍କ ଆଧାରରେ ସାନି ମେରିଟ ଲିଷ୍ଟ ପ୍ରକାଶ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ରାୟକୁ ଆବେଦନକାରୀମାନେ ସ୍ୱାଗତ କରିଥିବା ବେଳେ ଓପିଏସ୍‌ସି ଏହା ବିରୋଧରେ ପୁନଃ ଆବେଦନ କରିପାରେ କିମ୍ବା ଉପରକୋର୍ଟକୁ ଯାଇପାରେ ବୋଲି କୁହାଯାଉଛି। ଆବେଦନକାରୀ ମାନଙ୍କ ଓକିଲ ମନୋଜ କୁମାର ମିଶ୍ର କହିଛନ୍ତି, ସେକ୍ସନ ଅଫିସର ନିଯୁକ୍ତି ପାଇଁ ଯେଉଁ ନିୟମ ରହିଛି, ତାହା ଅନୁଯାୟୀ ଓପିଏସ୍‌ସି କେବଳ ସର୍ଟଲିଷ୍ଟ କରିପାରିବ। କିନ୍ତୁ ତା'ମାନେ ନୁହେଁ ଯେ ଓପିଏସ୍‌ସି ନିଜେ ତାଙ୍କ ଆଡୁ ପ୍ରତି ବିଷୟରେ ୪୦% କଟ୍‌ଅଫ୍ ମାର୍କ ରଖିପାରିବେ। ଓପିଏସ୍‌ସିର ସେହି କ୍ଷମତା ନାହିଁ। ଓପିଏସ୍‌ସି ତାଙ୍କ ବିଜ୍ଞପ୍ତିରେ କହିଥିଲେ ଯେ ସେମାନେ କଟ୍‌ଅଫ୍ ମାର୍କ ରଖିବେ। କିନ୍ତୁ କେତେ କଟ୍‌ଅଫ୍ ମାର୍କ ରଖିବେ ତାହା କହିନଥିଲେ। ତେଣୁ ପରୀକ୍ଷା ଦେବା ବେଳେ ପିଲାମାନେ ଜାଣି ପାରି ନଥିଲେ ଯେ ସେମାନଙ୍କ କଟଅଫ ମାର୍କ ୪୦% ରହିବ। ତା' ପୂର୍ବଥର ଓପିଏସ୍‌ସି ଏଏସ୍‌ଓ ନିଯୁକ୍ତି ପାଇଁ ଯେଉଁ ପରୀକ୍ଷା କରିଥିଲେ ସେଥିରେ ବି ସମାନ ନିୟମ ରଖାଯାଇଥିଲା, କିନ୍ତୁ କଟ୍‌ଅଫ୍ ବ୍ୟବସ୍ଥା ନଥିଲା। ମୋଟ୍ ମାର୍କ ଆଧାରରେ ମେରିଟ ଲିଷ୍ଟ ପ୍ରକାଶ କରାଯାଇଥିଲା। ଓପିଏସ୍‌ସି କେବଳ ପ୍ରାର୍ଥୀ ଚୟନ କରିପାରିବେ। ନିୟମ ଆଧାରରେ ସେମାନେ ପ୍ରାର୍ଥୀ ଚୟନ କରିପାରିବେ। ନିୟମ ବାହାରକୁ ଯାଇ ପ୍ରାର୍ଥୀ ଚୟନ କରିବାର କ୍ଷମତା ସେମାନଙ୍କର ନାହିଁ। ଆମେ ଏହି ଯୁକ୍ତି କୋର୍ଟରେ ଉପସ୍ଥାପନ କରିଥିଲୁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଓପିଏସ୍‌ସି ପକ୍ଷରୁ ମାମଲା ଲଢୁଥିବା ସରକାରୀ ଓକିଲ କହିଛନ୍ତି, କୋର୍ଟ କହିଲେ ଯେ ପ୍ରତି ସବ୍‌ଜେକ୍ଟ ପାଇଁ ଯେଉଁ କ୍ୱାଲିଫାଇଂ ମାର୍କ ଚୂଡ଼ାନ୍ତ କରାଯାଇଛି ଓ ସେହି ଅନୁସାରେ ଯେଉଁ ମେରିଟ୍ ଲିଷ୍ଟ ପ୍ରକାଶ କରାଯାଇଛି, ତାହା ଠିକ୍ ନୁହେଁ। କାରଣ କ୍ୱାଲିଫାଇଂ ମାର୍କ କେତେ ରହିବ, ତାହା ଓଡ଼ିଶା ସେକ୍ରେଟେରିଏଟ ସର୍ଭିସ୍ ରିକ୍ରୁଟମେଣ୍ଟ ରୁଲ୍ସରେ ନାହିଁ। ଏହା ସହିତ କୋର୍ଟ ନିର୍ଦ୍ଦେଶ ଦେଲେ ଯେ ଯଦି ପୁଣି ଥରେ ମେରିଟ ଲିଷ୍ଟ ପ୍ରକାଶ କରାଯାଏ, ତା'ହେଲେ ମୋଟ ମାର୍କ ଆଧାରରେ କରାଯାଉ। ତେବେ ପୂରା ଜଜ୍‌ମେଣ୍ଟ ରିପୋର୍ଟ ଆସିଲେ ଜଣାପଡ଼ିବ ଯେ କୋର୍ଟ କାହିଁକି ଏମିତି ଏକ ନିଷ୍ପତ୍ତି ଶୁଣାଇଲେ। ଏଏସ୍‌ଓ ନିଯୁକ୍ତି ପାଇଁ ଗତ ବର୍ଷ ମୋଟ ୧ଲକ୍ଷ ୪୮ହଜାର ୮୮୮ ପ୍ରାର୍ଥୀ ଲିଖିତ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣଙ୍କ ନାଁ ମେରିଟ ଲିଷ୍ଟରେ ପ୍ରକାଶ କରାଯାଇଥିଲା, ଯାହା ମୋଟ ବିଜ୍ଞାପିତ ହୋଇଥିବା ପଦବୀ ୭୯୬ର ଦେଢ଼ଗୁଣ। ଗତ ନଭେମ୍ବର ମାସରେ ଏହି ମେରିଟ ଲିଷ୍ଟ ପ୍ରକାଶ ପାଇବା ପରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ଏହା ପରେ ଓପିଏସ୍‌ସି ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଥିଲା ଯେ ପ୍ରତ୍ୟେକ ପେପର ଓ ବିଭିନ୍ନ ବର୍ଗର ପ୍ରାର୍ଥୀଙ୍କ ନିମନ୍ତେ କଟଅଫ୍ ମାର୍କ ଚୂଡ଼ାନ୍ତ କରିବା କମିଶନଙ୍କ କ୍ଷମତା ପରିସରଭୁକ୍ତ। ସେହି ଆଧାରରେ ସର୍ବନିମ୍ନ ମାର୍କ ସ୍ଥିର କରାଯାଇଛି। ଏହା ପରେ ଅନେକ ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବିଦାୟ ନେବ ୨ ହଜାର ଟଙ୍କିଆ ନୋଟ୍




### ସେପ୍ଟେମ୍ବର ୩୦ ସୁଦ୍ଧା ବ୍ୟାଙ୍କରେ ବଦଳାଇ ହେବ

ନୂଆଦିଲ୍ଲୀ, ୧୯/୦୫ : ନେଣଦେଣରୁ ବିଦାୟ ନେବ ୨ ହଜାର ଟଙ୍କିଆ ନୋଟ୍। ୨ ହଜାର ଟଙ୍କିଆ ନୋଟ୍ ନେଇ ରିଜର୍ଭ ବ୍ୟାଙ୍କର ଆଜି ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି। ବିଦାୟ ନେଲେ ବି ଏବେ ଅଚଳ ହେବନି ୨ ହଜାର ଟଙ୍କିଆ ନୋଟ୍। ମେ' ୨୩ରୁ ବ୍ୟାଙ୍କମାନଙ୍କରେ ବଦଳାଇ ହେବ ୨ ହଜାର ଟଙ୍କିଆ। ସେପ୍ଟେମ୍ବର ୩୦ ମଧ୍ୟରେ ବ୍ୟାଙ୍କରୁ ବଦଳାଇ ହେବ ଏହି ନୋଟ୍। ନୋଟ୍ ବଦଳାଇବା ପାଇଁ ବ୍ୟାଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଥରକେ ସର୍ବାଧିକ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ବଦଳାଇ ହେବ। ସୂଚନା ଥାଉକି, ୨୦୧୬ ନୋଟ୍‌ବନ୍ଦି ପରେ ରିଜର୍ଭ ବ୍ୟାଙ୍କ ୨ ହଜାର ଟଙ୍କିଆ ନୂଆ ନୋଟ୍ ଜାରି କରିଥିଲା। ଦେଶରେ ୨୦୧୭-୧୮ ଆର୍ଥିକ ବର୍ଷରେ ୨ ହଜାର ଟଙ୍କିଆ ଅଧିକ ନୋଟ୍ ବଜାରକୁ ଛଡ଼ା ଯାଇଥିଲା। ଏହି ବର୍ଷ ୩୩ ହଜାର ୬୩୦ ଲକ୍ଷ ୨ ହଜାର ▶▶ପୃଷ୍ଠା ୭

## ଜୁନ ୪ରେ କେରଳ ଛୁଇଁପାରେ ମୌସୁମୀ ବାୟୁ

ଭୁବନେଶ୍ୱର, ୧୯/୦୫ (ନି.ପ୍ର): ପାଣିପାଗ ବିଭାଗର ପୂର୍ବାନୁମାନ ସୂଚନା ଅନୁସାରେ ପୂର୍ବ ବର୍ଷ ଗୁଡ଼ିକ ତୁଳନାରେ ଚଳିତ ବର୍ଷ ସାମାନ୍ୟ ବିଳମ୍ବରେ ଅର୍ଥାତ୍ ଜୁନ୍ ୪ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର କେରଳ ଛୁଇଁବ । ମୌସୁମୀ କେରଳ ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ ଟୁଇଟ୍‌ରେ ସୂଚନା ଦିଆଯାଇଛି । ଜୁନ୍ ୧ ବଦଳରେ ସାମାନ୍ୟ ବିଳମ୍ବରେ ତଥା ୪ରେ କେରଳ ଛୁଇଁବ ମୌସୁମୀ ବାୟୁ । କେରଳ ଛୁଇଁବାର ଏକ ସପ୍ତାହ ପରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିଥାଏ । ଫଳରେ ମୌସୁମୀ ଜୁନ୍ ୧୩ ତାରିଖ ପୂର୍ବରୁ ଓଡ଼ିଶାରେ ପ୍ରବେଶ କରିବା ସମ୍ଭାବନା ରହିଛି। ଚାଷୀମାନେ ଅଖିମୁଠି ଅନୁକୂଳ କରି ବର୍ଷାକୁ ଅପେକ୍ଷା କରି ରହିଛନ୍ତି । ପ୍ରାକ୍ ମୌସୁମୀ ବର୍ଷା ହେଲେ ଧାନବୁଣା ଆରମ୍ଭ ହେବ । ଏ ପର୍ଯ୍ୟନ୍ତ ପ୍ରାକ୍ ମୌସୁମୀ ବର୍ଷା ହୋଇ ନ ଥିବାରୁ ବିହନ ଅନୁକୂଳ ହୋଇ ନାହିଁ । ଡିଜି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ପୂର୍ବାନୁମାନ ଅନୁଯାୟୀ ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ।

## ୧୮ ଟି ସହରର ତାପମାତ୍ରା ୪୦ ଡିଗ୍ରି ଉପରେ ରେକର୍ଡ



ଭୁବନେଶ୍ୱର, ୧୯/୦୫ (ନି.ପ୍ର): ଏବେ ରାଜ୍ୟରେ ପ୍ରଚଣ୍ଡ ଖରା ଜାରି ରହିଥିବା ବେଳେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ବଲାଙ୍ଗିରରେ ୪୩.୭ ଡିଗ୍ରି ରେକର୍ଡ ହୋଇଛି । ଏହା ସହିତ ସୋନପୁରରେ ମଧ୍ୟ ୪୩ ଡିଗ୍ରୀ ରେକର୍ଡ କରାଯାଇଛି । ସେହି ପରି ଭାବରେ ୪୩ ଡିଗ୍ରି ତାପମାତ୍ରା ଉପରେ ଥିବା ସହର ଗୁଡିକ ମଧ୍ୟରେ ଅଛି ସମ୍ବଲପୁର। ଏହା ସହିତ ୪୨ ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ସହର ଗୁଡିକ ମଧ୍ୟରେ ଅଛନ୍ତି ସୁନ୍ଦରଗଡ, ବୌଦ୍ଧ, ଝାରସୁଗୁଡା, ରାଉରକେଲା , ନୂଆପଡା ଓ ବରଗଡ ଅଛି। ୪୧ ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ସହର ଗୁଡିକ ହେଉଛି ବାରିପଦା, ଦେଓଗଡ ଥିବାବେଳେ ୪୦ ଡିଗ୍ରୀ ଉପରେ ଥିବା ସହର ଗୁଡୁକ ହେଉଛି ହିରାକୁଦ, ତାଳଚେର, ଟିଟିଲାଗଡ, ଭବାନିପାଟଣା, ଫୁଲବାଣି, ଅନଗୁଳ, ଓ ଭଦ୍ରକ ଅଛନ୍ତି।

### ଦୁଇ ବାଇକ୍ ଭିତରେ ଧକ୍କା: ଘଟଣାସ୍ଥଳରେ ୩ ମୃତ

ଭୁବନେଶ୍ୱର, ୧୯/୦୫ (ନି.ପ୍ର): ଦୃତଗତିରେ ଯାଉଥିବା ୨ ବାଇକ୍ ସାମ୍ନାସାମ୍ନି ଧକ୍କା ହେବାରୁ ବାଇକ୍‌ରେ ଯାଉଥିବା ୩ ଯୁବକଙ୍କ ମୃତ୍ୟୁ ହୋଇଛି। ଆଜି ଝାରସୁଗୁଡା-ସୁନ୍ଦରଗଡ ମୁଖ୍ୟ ରାସ୍ତାର ଦୁର୍ଲଗା ଠାରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି। ମୃତକମାନେ ହେଲେ ଲାଇକେରା ଥାନା ଅନ୍ତର୍ଗତ ନାଚେନଡିହି ଗ୍ରାମର ଅଜୁ ରୋହିଦାସ, ଭବାନୀ ରୋହି ଦାସ ଓ ଉତ୍ତର ପ୍ରଦେଶର ରମେଶ ଯାଦବ। ଘଟଣାସ୍ଥଳରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଜଣେ ମହିଳା ଗୁରୁତର ଆହତ ହୋଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ, ଅଜୁ ରୋହିଦାସ, ଭବାନୀ ରୋହି ଦାସ ମିସ୍ତ୍ରୀ କାମ ସାରି ଗୋଟିଏ ବାଇକରେ ନିଜ ଗ୍ରାମକୁ ଫେରୁଥିଲେ। ଠେଲକୁଳି ଭୂଷଣରେ କାମ କରୁଥିବା ଶ୍ରମିକ ଉତ୍ତର ପ୍ରଦେଶର ରମେଶ ଯାଦବ ନିଜ ସ୍ତ୍ରୀକୁ ବାଇକରେ ବସାଇ ସୁନ୍ଦରଗଡ଼ରୁ ଫେରୁଥିବା ସମୟରେ ସନ୍ଧ୍ୟା ସମୟରେ ଉଭୟ ବାଇକ ମଧ୍ୟରେ ସାମ୍ନାସାମ୍ନି ଧକ୍କା ହୋଇଥିଲା। ସ୍ଥାନୀୟ ଲୋକ ଓ ପୁଲିସ ସହାୟତାରେ ସମସ୍ତଙ୍କ ରାସ୍ତାରୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲା। ହେଲେ ୩ ଜଣଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ ଡାକ୍ତର। ପୁଲିସ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ କରୁଛି। ସେପଟେ ଦୁର୍ଘଟଣାର ଖବର ପାଇଁ ମୃତକଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଥିଲେ। ଫଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ପୋଖରୀରେ ବୁଡ଼ି ଭାଇଭଉଣୀଙ୍କ ମୃତ୍ୟୁ

କୋରାପୁଟ, ୧୯/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ପିପିଲପୁଟରେ ଶୁକ୍ରବାର ପୋଖରୀରେ ବୁଡ଼ି ଦୁଇ ଭାଇଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି ଗାଁର ଜୀନୁ ବଡ଼ନାୟକଙ୍କ ପୁଅ ଯୋଗେଶ (୫) ଓ ସନ୍ତୋଷୀ (୧୦)। ଜୀନୁ ଗାଁ ପାଖ ତାଙ୍କ ଜମିରେ କାମ କରୁଥିଲେ। ତାଙ୍କ ସହିତ ଯୋଗେଶ ଓ ସନ୍ତୋଷୀ ବି ଥିଲେ। ଭାଇଭଉଣୀ ଜମିରେ ଖେଳୁଥିଲେ। ଖେଳାଖେଳି କରୁ କରୁ ଦୁହେଁ ପାଖରେ ଥିବା ଏକ ପୋଖରୀ ନିକଟକୁ ଚାଲି ଯାଇଥିଲେ। ଛୁଆ ଦୁହିଁଙ୍କୁ ବେଶ୍ କିଛି ସମୟ ଧରି ପାଖରେ ନ ଦେଖିବାରୁ ଜୀନୁ ସେମାନଙ୍କୁ ଖୋଜାଖୋଜି କରିଥିଲେ। ହେଲେ ପାଇ ନଥିଲେ। ସେହି ସମୟରେ ସ୍ଥାନୀୟ କିଛି ଲୋକ ଯୋଗେଶ ଓ ସନ୍ତୋଷୀ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ।

### ଓଡ଼ିଶା ସିମକାର୍ଡର ପାକିସ୍ତାନ ଲିଙ୍କ ମାମଲା

## ମାଷ୍ଟରମାଇଣ୍ଡ ପଠାଣି ସାମନ୍ତ ଲେଙ୍କା ବିରୋଧରେ ଲାଗିବ ଦେଶଦ୍ରୋହ ଅପରାଧ ଦଫା

ଭୁବନେଶ୍ୱର, ୧୯/୦୫ (ନି.ପ୍ର): ଓଡିଶା ସିମ କାର୍ଡର ପାକିସ୍ତାନ ଲିଙ୍କ ନେଇ ତଦନ୍ତ କରୁଥିବା ସ୍ପେଶାଲ ଟାସ୍କ ଫୋର୍ସ ମାମଲାର ତଦନ୍ତ ଜାରୀ ରଖିଛି । ଅନ୍ୟ ପକ୍ଷରେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପଠାଣୀ ସାମନ୍ତ ଲେଙ୍କା ବିରୋଧରେ ଦେଶଦ୍ରୋହର ଦଫା ଲଗା ଯିବ ବୋଲି ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ପଠାଣୀ ସାମନ୍ତ , ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ, ଓ ପଶ୍ଚିମବଙ୍ଗରେ ଥିବା ଆଇଏସଆଇ ଏଜେଂଟଙ୍କ ସମ୍ପର୍କରେ ଥିଲା । ତେବେ ଏହି ମାମଲାରେ ଆଗକୁ ତଦନ୍ତ ଚଳାଇଛି ଏସଟିଅଫ । ଏହା ପୂର୍ବରୁ ପଠାଣୀଙ୍କ ବିରୋଧରେ ଅଫିସିଆଲ ଡାଟା ଲିକ୍ ନେଇ ପଶ୍ଚିମବଙ୍ଗର ଜଳପାଇଗୁଡି ଥାନାରେ ଅଭିଯୋଗ ରହିଛି ।

### ସମ୍ଭାଜୀ ନଗର ଜିଲ୍ଲାରେ ଚାଂଚଲ୍ୟ: ଗୋଟିଏ ପରିବାରର ତିନି ଜଣଙ୍କ ଆତ୍ମହତ୍ୟା

ମୁମ୍ବାଇ, ୧୯/୦୫ (ନି.ପ୍ର): ଛତ୍ରପତି ସମ୍ଭାଜିନଗର ଜିଲ୍ଲାର ବଲ୍ଲୁ ଗ୍ରାମେର ସମାନ ପରିବାରର ତିନି ଜଣ ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ମଧ୍ୟେର ଏକ ଚାରି ବଷର୍ର ଶିଶୁ ମଧ ଅଛି । ଏ ସମ୍ପକର୍ରେ ସୂଚନା ପାଇବା ମାତ୍ରେ ସାତାରା ପୋଲିସ ଷ୍ଟେସନର ପୋଲିସ ଟିମ୍ ମୃତେଦହ ଉଦ୍ଧାର କରି ପୋଷ୍ଟମଟର୍ମ ପାଇଁ ହସ୍ପିଟାଲକୁ ପଠାଇଛନ୍ତି । ଶୁକ୍ରବାର ସକାଳ ୧୦ ଟାେର ଛତ୍ରପତି ସମ୍ଭାଜି ନଗେରର ବଲ୍ଲୁ ଗ୍ରାମ ନିବାସୀ ମୋହନ ପ୍ରତାପ ଡଙ୍ଗର (୨୮) ଙ୍କ କବାଟ ଖୋଲି ନ ଥିବାରୁ ପେଡାଶୀମାେନ ସେନ୍ଦହ ପ୍ରକଟ କରିଥ୍ଲେ। ଏହା ପେର ପେଡ଼ାଶୀମାେନ ଗାଁର ନ୍ୟାୟ ସରପଂଚ ସଞ୍ଜୟ ଜାଲେକ ଏବଂ ପୋଲିସକୁ ସୂଚନା ଦେଇଥ୍ଲେ। ଏହା ପେର ପୋଲିସ ଘଟଣାସ୍ଥେଳର ପହଂଚି ଘରର କବାଟ ଭାଙ୍ଗି ଦେଇଥିଲା, ତା'ପେର ଘର ଭିତେର ତିନିଟି ମୃତେଦହ ସମାନ ଦଉଡରେ ଛାତ ଉପେର ଝୁଲୁଥିବାର ଦେଖାଯାଇଥିଲା। ଏହା ପେର ପୋଲିସ ଘଟଣାସ୍ଥଳରୁ ସମସ୍ତ ତେନାଟି ମୃତେଦହ ଉଦ୍ଧାର କରି ପୋଷ୍ଟମଟର୍ମ ପାଇଁ ପଠାଇଥିଲା।

## କର୍ଣ୍ଣାଟକରେ ନୂଆ ସରକାରର ଶପଥ ଗ୍ରହଣ ସମାରୋହରେ ଏକାଠି ହେବେ ମୋଦୀ ବିରୋଧୀ: ସାମିଲ ହେବେ ନାହିଁ ମମତା ବାନାର୍ଜୀ



ନୂଆଦିଲ୍ଲୀ,୧୯/୦୫ : କର୍ଣ୍ଣାଟକର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ସିଦ୍ଧରମୈୟା । ଶିବକୁମାର ଉପମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ । ଶନିବାର ବେଙ୍ଗାଲୁରୁର କାନ୍ତିବୀରା ଷ୍ଟାଡିୟମରେ ଶପଥଗ୍ରହଣ ସମାରୋହ ଆୟୋଜିତ ହେବ । ଏଥିରେ ମୋଦି ବିରୋଧୀ ଏକାଠି ହୋଇପାରନ୍ତି ବୋଲି ଆକଳନ କରାଯାଉଛି । ହିମାଚଳପ୍ରଦେଶ, ରାଜସ୍ଥାନ, ତାମିଲନାଡୁ, ଛତିଶଗଡ, ବିହାର, ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ସାମିଲ ହେବେ । ଏହାବ୍ୟତିତ ଆରଜେଡିର ତେଜସ୍ୱୀ ଯାଦବ, ଏନସିପି ସୁପ୍ରିମୋ ଶରଦ ପାୱାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ନିମନ୍ତ୍ରଣ କରାଯାଇଛି । ଏଥିରେ ସୋନିଆ , ରାହୁଲ ଓ ପ୍ରିୟଙ୍କା ଗାନ୍ଧିଙ୍କୁ ଯୋଗଦେବାକୁ ନିମନ୍ତ୍ରଣ କରିଛି କର୍ଣ୍ଣାଟକ କଂଗ୍ରେସ । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ସିଦ୍ଧରମୈୟା । ତାଙ୍କ ଡେପୁଟୀ ବା ରାଜ୍ୟର ଉପମୁଖ୍ୟମନ୍ତ୍ରୀ ହେବେ ଡି.କେ ଶିବକୁମାରଙ୍କୁ ଶପଥ ଓ ଗୋପନୀୟତାର ପାଠ କରାଇବେ ରାଜ୍ୟପାଳ । ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମରେ ହେବାକୁ ଥିବା ଭବ୍ୟ ସମାରୋହ ପାଇଁ ପ୍ରସ୍ତୁତି ଜୋରଦାର । ଖୋଦ୍ ଡି.କେ ଶିବକୁମାର ଏହାର ସମୀକ୍ଷା କରିଛନ୍ତି । ସମୀକ୍ଷା କରିବା ପରେ ଶିବକୁମାର ଦିଲ୍ଲୀ ଯାଇ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ, ପୂର୍ବତନ ସାଂସଦ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀଙ୍କୁ ନିମନ୍ତ୍ରଣ କରିଛନ୍ତି । ଏହାସହ ଶପଥ ସମାରୋହରେ ସାମିଲ ହେବା ପାଇଁ ଦଳୀୟ କର୍ମକର୍ତା ଓ ସମର୍ଥକଙ୍କୁ ମଧ ନିମନ୍ତ୍ରଣ କରିଛନ୍ତି । ଶପଥ ସମାରୋହ ପାଇଁ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ କିଛି ଅଣବିଜେପି ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବଡ଼ ବଡ଼ ନେତାଙ୍କୁ ନିମନ୍ତ୍ରଣ ଦେଇଛନ୍ତି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଏନସିପି ମୁଖ୍ୟ ଶରଦ ପାୱାର, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ଏନସି ମୁଖ୍ୟ ଫାରୁକ ଅବଦୁଲ୍ଲାଙ୍କୁ ଆମନ୍ତ୍ରଣ କରିଛନ୍ତି । ଏହାବ୍ୟତୀତ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ, ହେମନ୍ତ ସୋରେନଙ୍କୁ ମଧ ଶପଥ ସମାରୋହ ପାଇଁ ଡାକରା ମିଳିଛି । ସେହିପରି ସିପିଆଇ ମହାସଚିବ ଡି. ରାଜା, ସିପିଆଇ-ଏମ୍ ମହାସଚିବ ସୀତାରାମ ୟେଚୁରୀ ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ମଧ ନିମନ୍ତ୍ରଣ କରାଯାଇଛି। ▶▶ପୃଷ୍ଠା ୭

## ପଶ୍ଚିମବଙ୍ଗ ବାଣ ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତଙ୍କର କଟକରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ



କଟକ, ୧୯/୦୫ (ନି.ପ୍ର): ଜଳେଶ୍ୱର/ଭୋଗରାଇ: ପଶ୍ଚିମବଙ୍ଗ ବାଣ ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ଭାନୁ ବାଗଙ୍କର କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବାର ଖବର ମିଳିଛି। ୧୬ ତାରିଖ ରାତି ୨ ଟା ସମୟରେ ସେ ଭର୍ତି ହୋଇଥିଲେ। ତାଙ୍କ ଶରୀରର ୮୦% ଭାଗ ଜଳିଯାଇଥିଲା। ଘର ତାଙ୍କର ପଶ୍ଚିମବଙ୍ଗ ହୋଇଥିଲେ ବି ଏକ ବାଲେଶ୍ୱର ଅଞ୍ଚଳର ଫେକ୍ ଆଧାର କାର୍ଡ ଦେଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏନେଇ ଜଣାପଡ଼ିବା ପରେ ହସ୍ପିଟାଲ ପକ୍ଷରୁ କଟକ ପୁଲିସକୁ ସୂଚନା ଦିଆଯାଇଥିଲା ଏହାପରେ ପୁଲିସ ତାଙ୍କୁ ଗତକାଲି ଗିରଫ କରିଥିଲା। ସୂଚନାଯୋଗ୍ୟ, କିଛି ଦିନ ତଳେ ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ରାଜ୍ୟ ଏଗ୍ରା ଥାନା ଅଧୀନ ଖାଦିକୁଲ ଗ୍ରାମରେ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ ଜଣରୁ ଅଧିକ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଖାଦିକୁଲରେ ଦୀର୍ଘ ୪୦ ▶▶ପୃଷ୍ଠା ୭

# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ କେନ୍ଦୁଝରେ ଗସ୍ତ

କେନ୍ଦୁଝର, ୧୯/୦୫ (ନି.ପ୍ର): ରାଜ୍ୟ ଖାଦ୍ୟ ଆୟୋଗର ନୂତନ ଭାବରେ ନିଯୁକ୍ତ ଅଧ୍ୟକ୍ଷ ଅବନିକାନ୍ତ ସାହୁ କେନ୍ଦୁଝର ଜିଲ୍ଲା ଗସ୍ତ କରିଛନ୍ତି । ଅଧ୍ୟକ୍ଷଙ୍କ ସହିତ ୟୁନିସେଫର ପରାମର୍ଶଦାତା ତମଲ ରେଜା ପରିଦର୍ଶନରେ ଆସିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, କେନ୍ଦୁଝର ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଓ ଜିଲ୍ଲା ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଜିଲ୍ଲା ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡା ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ଯୋଗାଣ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ । ଜିଲ୍ଲାର ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ବଂଟନର ପ୍ରକ୍ରିୟା ସମ୍ବନ୍ଧରେ ପଚାରି ବୁଝିଥିଲେ । ଆଲୋଚନା ପରେ କ୍ଷେତ୍ର ପରିଦର୍ଶନ ପାଇଁ ସଦର ବ୍ଲକ ଅନ୍ତର୍ଗତ ନରଣପୁର ଗ୍ରାମପଂଚାୟତର ଖୁଚୁରା ବିକ୍ରୟ କେନ୍ଦ୍ରରେ ପହଂଚିଥିଲେ । ଗ୍ରାମପଂଚାୟତ ସରପଂଚ ଓ ପଂଚାୟତନିର୍ବାହୀ ଅଧିକାରୀ, ନରଣପୁରଙ୍କ ଉପସ୍ଥିତିରେ ହିତାଧିକାରୀଙ୍କ ସହ ଖାଦ୍ୟଶସ୍ୟ ବଂଟନ ସମ୍ବନ୍ଧରେ ଆଲୋଚନା କରିଥିଲେ । ବଂଟନ ସମୟରେ ଖାଦ୍ୟଶସ୍ୟର ମାନ ଓ ଓଜନର ସଠିକତା ପରଖିଥିଲେ । ତତ୍ପରେ ହଳଦିଆଟାଙ୍ଗୀରି ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଅଙ୍ଗନବାଡି କର୍ମୀ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଶିଶୁମଙ୍ଗଳ ଯୋଜନା ଗୁଡିକର କାର୍ଯ୍ୟକାରିତା ସମ୍ବନ୍ଧରେ ପଚାରି ବୁଝିଥିଲେ । ଅଧ୍ୟକ୍ଷ ଏହି ଗସ୍ତ ଅବସରରେ ଜିଲ୍ଲାପାଳ କେନ୍ଦୁଝର ଆଶିଷ ଠାକରେଙ୍କ ସହିତ ଜିଲ୍ଲାରେ ଚାଲିଥିବା ଖାଦ୍ୟ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ ।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ: ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର , ୧୯/୦୫ (ନି.ପ୍ର): ପଶ୍ଚିମ ଓଡ଼ିଶା ବିକାଶ ପରଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ଦିନିକିଆ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ପରିଷଦ ପାଣ୍ଠିରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଶ୍ରୀଯୁକ୍ତ ତ୍ରିପାଠୀ ବୌଦ୍ଧ ଜିଲ୍ଲାରେ ପହଂଚିବା ପରେ ଜିଲ୍ଲାପାଳ ସତ୍ୟରଂଜନ ସାହୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ତାଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରଥମେ ସେ ଆର.ଏମ୍ .ସି ପରିସରରେ ଚାଲିଥିବା କୃଷକ ବଜାର ପ୍ରାଙ୍ଗଣରେ ଫଳ ଓ ପନିପରିବା ବିକ୍ରି କରୁଥିବା ଚାଷୀଙ୍କ ସହ ଆଲୋଚନା କରିଥିଲେ । ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଭିତିଭୂମିକୁ ନେଇ ବିକ୍ରେତାତଥା କ୍ରେତା ମାନେ ସନ୍ତୋଷ ବ୍ୟକ୍ତ କରିଥିଲେ । ପ୍ରତି ରବିବାର ଦିନ ଏହି ଠାରେ ବୁଣାକାର ବଜାର ବସୁଥିବା ଓ ବୌଦ୍ଧ ସମେତ ପାର୍ଶ୍ୱବର୍ତୀ ଜିଲ୍ଲା ମାନଙ୍କରୁ ବୁଣାକାର ଏକତ୍ରିତ ହେବା ବିଷୟରେ ଉପସ୍ଥିତ ଚାଷୀ ତଥା ଅଧିକାରୀ ମାନେ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀଙ୍କୁ ଅବଗତ କରାଇଥିଲେ । ପରେ ପରେ ଶ୍ରୀ ତ୍ରିପାଠୀ ବୌଦ୍ଧ ଜିଲ୍ଲା ସଦର ମହାକୁମାରେ ଦୁର୍ଗାଦେବୀ ତଥା ତ୍ରିନାଥ ବାବା ମିଶନ୍ ଶକ୍ତି ଗୋଷ୍ଠୀ ଦ୍ୱାରା ସଂଚାଳିତ ମିଲେଟ୍ ଶକ୍ତି କାଫେକୁ ପରିଦର୍ଶନରେ ଆସି ସଦସ୍ୟଙ୍କ ସହ କଥାବାର୍ତା କରିଥିଲେ । ମିଲେଟ୍ ପ୍ରସ୍ତୁତ ଖାଦ୍ୟ ପ୍ରତି ଚାହିଦା ବଢୁଥିବା ବିଷୟରେ ସଦସ୍ୟ ମାନେ ତାଙ୍କୁ ଅବଗତ କରାଇଥିଲେ । ଏହାପରେ ଶ୍ରୀ ତ୍ରିପାଠୀ ବୌଦ୍ଧ ଜିଲ୍ଲାରେ ନିର୍ମାଣାଧୀନ ୩୦୦ ବେଡ୍ ବିଶିଷ୍ଟ ଅତ୍ୟାଧୁନିକ ଜିଲ୍ଲା ଚିକିତ୍ସାଳୟର ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ । ସି.ଡ଼ି.ଏମ୍ .ଓ ତଥା ନିର୍ମାଣକାରୀ ସଂସ୍ଥା ପ୍ରତିନିଧି ମାନେ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ସାତ ମହଲା ବିଶିଷ୍ଟ ହେବାକୁ ଥିବା ଏହି ଚିକିତ୍ସାଳୟ ନିର୍ମାଣରେ ୯୮ କୋଟି ଟଙ୍କା ଖର୍ଚ୍ଚ ହେବ । ୨୦୨୨ ମସିହା ଅଗଷ୍ଟ ମାସରେ ଆରମ୍ଭ ହୋଇଥିବା ଏହି ନିର୍ମାଣ କାର୍ଯ୍ୟ ୨୦୨୩ ମସିହା ଡିସେମ୍ବର୍ ମାସ ସୁଦ୍ଧା ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥି ସହ ସେ ପଶ୍ଚିମ ଓଡ଼ିଶା ବିକାଶ ପରଷଦର ଅନୁଦାନରୁ ଆଗାମୀ ଜୁନ୍ ମାସ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଥିବା ୨୦ ବେଡ଼ ବିଶିଷ୍ଟ ଅତ୍ୟାଧୁନିକ କିଡ଼ନୀ ଡାଏଲିସିସ୍ ୟୁନିଟ୍ ପରିଦର୍ଶନ କରିଥିଲେ । କୋଭିଡ଼-୧୯ ପଦକ୍ଷେପ ସ୍ୱରୂପ ଏହାର ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୧ କୋଟି ଟଙ୍କାର ସହାୟତା ଦିଆ ଯାଇଥିଲା । ସି ଶ୍ରୀ ତ୍ରିପାଠୀ ମେଡ଼ିକାଲ କର୍ମଚାରୀଙ୍କ ସହ ମଧ୍ୟ ଏହାର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ପରେପରେ ସେ ନିର୍ମାଣାଧୀନ ସାଂସ୍କୃତିକ ପ୍ରେକ୍ଷାଳୟ ଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ 'ପଶ୍ଚିମା ଭବନ' ର ଅଗ୍ରଗତି ଅନୁଧ୍ୟାନ କରିଥିଲେ । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ସଂସ୍କୃତି ଓ କ୍ରୀଡ଼ାର ବିକାଶ ପାଇଁ ଏହି ପ୍ରକଳ୍ପକୁ ୫.୫ କୋଟି ଟଙ୍କାର ଅନୁଦାନ ଦିଆଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଜିଲ୍ଲା ଓକିଲ ସଂଘ

କେନ୍ଦ୍ରାପଡ଼ା, ୧୯/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗ୍ରସ୍ତରେ ୫ଟି ସଚିବ ଭି.କେ ପାଣ୍ଡିଆନ୍ ଆସିଥିବା ଅବସରରେ ଜିଲ୍ଲା ଓକିଲ ସଂଘର ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଏକ କମିଟି ଦାବିପତ୍ର ପ୍ରଦାନ କରିଥିଲା । ଓକିଲ ସଂଘର ଉନ୍ନତି ପାଇଁ ୩୦ ଲକ୍ଷ ଟଙ୍କା ଅନୁଦାନ ରାଶି ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଜିଲ୍ଲା ଓକିଲ ସଂଘର ସମ୍ପାଦକ ଧର୍ନୁଧର ନାୟକ, ବରିଷ୍ଠ ଆଇନଜୀବୀ ଉମେଶ ଚନ୍ଦ୍ର ସିଂ, ବୈଦ୍ୟନାଥ ଚାଟାର୍ଜୀ, ଗଗନ ବିହାରୀ ଜେନା, ସରକାରୀ ଆଇନଜୀବୀ ସଂଜୟ କୁମାର ଜେନା, ବିଭୁପ୍ରସାଦ ସିଂ, ପ୍ରଦୀପ୍ତ ମହାନ୍ତି, ସୁବାଷ ଦାସ, ରମେଶ ଚନ୍ଦ୍ର ଲେଙ୍କା, ଗୋବର୍ଦ୍ଧନ ରାଉତ, ରମାକାନ୍ତ ସ୍ୱାଇଁ, ଆଶୁତୋଷ ମହାନ୍ତି, ଦିଲ୍ଲୀପ ପରିଡା, ମନୋଜ ସାହୁ, ନିରଞ୍ଜନ ବଳ, ହରି ପ୍ରସାଦ କର, ବ୍ରଜ ସୁନ୍ଦର ରାଉତ, ଚୌଧୁରୀ ସୁବାଷ ଚନ୍ଦ୍ର ମିଶ୍ର, ତମସା ପାତ୍ର, ଅଜୟ ମହାନ୍ତି, ଅକ୍ଷୟ ନାଥ, ନିତ୍ୟାନନ୍ଦ ସ୍ୱାଇଁ, ତାରେଣୀ ପାଟଜୋଷି, ରବି ନାରାୟଣ ଦାସ, ଇତିହାସ ଲେଙ୍କା, ଶାନ୍ତିସ୍ୱରୂପ ଭୂୟାଁ, ସରୋଜ କୁମାର ଜେନା, ସଂଘର ସମସ୍ତ କାର୍ଯ୍ୟନିର୍ବାହୀ କର୍ମକତା ଓ ବହୁ ଆଇନଜୀବୀ ପ୍ରମୁଖ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଖିଳ ଉତ୍କଳ କ୍ଷେତ୍ରୀୟ ଖଣ୍ଡାୟତ ମହାସଭାର ରାଜ୍ୟସ୍ତରୀୟ ସମାବେଶ

ଯାଜପୁର, ୧୯/୦୫ (ନି.ପ୍ର): ପରାଧୀନତାର ଭାରତ ବର୍ଷକୁ ସ୍ୱାଧୀନତାର ସ୍ୱାଦ ଚଖାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା କ୍ଷେତ୍ରୀୟ ଓ ଖଣ୍ଡାୟତମାନେ ଆଜି ପୃଥିବୀର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଏହି ଆମ ଦେଶରେ ବିବିଧ ଭାବେ ସମସ୍ତ ସରକାରୀ ଓ ବେସରକାରୀ ସୁବିଧା ସୁଯୋଗରୁ ବଂଚିତ ହୋଇଆସୁଛନ୍ତି । ଏଭଳି ଏକ ମହାନ୍ ଯୋଦ୍ଧା ଜାତିର ପୂର୍ବସୁରୀମାନଙ୍କ ତ୍ୟାଗ ଓ ବଳିଦାନ ଆଜି ମଧ୍ୟ ହିମାଳୟ ଠାରୁ କନ୍ୟାକୁମାରୀ ଯାଏ ନିନାଦିତ ହୋଇଆସୁଥିବାବେଳେ ସେମାନଙ୍କ ବର୍ତ୍ତମାନର ବଂଶଧର ମାନେ ଯେଉଁଭଳି ରାଜନୈତିକ ଓ ପ୍ରଶାସନିକ ପଶାପାଳିର ଚକ୍ରବ୍ୟୁହରେ ନିର୍ଯ୍ୟାତିତ ହୋଇଆସୁଛନ୍ତି, ସେଥିରୁ ମୁକ୍ତି ପାଇବାକୁ ହେଲେ ଏହି ଜାତିର ସମସ୍ତ ଦାୟଦ ମାନେ ଏକଜୁଟ ହେବା ଆବଶ୍ୟକ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ୍ କୁଆଖିଆସ୍ଥିତ ଅଭିମନ୍ୟୁ ସାମନ୍ତସିଂହାର ଭବନ ଠାରେ ନିଖିଳ ଉତ୍କଳ କ୍ଷେତ୍ରୀୟ ଖଣ୍ଡାୟତ ମହାସଭାର ରାଜ୍ୟସ୍ତରୀୟ ସମାବେଶରେ ବହୁ ବକ୍ତା ଆହ୍ୱାନ ଦେଇଛନ୍ତି । ଜିମୁତ ବାହନ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏହି ମହାସଭା ପୂର୍ବରୁ ଅତିଥିମାନେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପ୍ରଦାନ କରିବା ପରେ ଶ୍ରୀଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଗୀତାପାଠ ମଧ୍ୟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଏଥିରେ କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ, ଅଧ୍ୟାପକ ବୀରେନ ରାୟ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ନିଖିଳ ସମାନ୍ତ, ଶଶିକାନ୍ତ ନାୟକ, ସୁବାଶିଷ ସାମଲ, ପ୍ରଦୀପ ସାମଲ, ବିନୋଦ ନାୟକ, ଦେବେନ୍ଦ୍ର ସ୍ୱାଇଁ, ଗୋବିନ୍ଦ ସାମଲ, ନିରଞ୍ଜନ ରଣସିଂହ, ସଂଗ୍ରାମ ସାହୁ, ଦେବଦର୍ଶୀ ସାହୁ, ଗଣେଶ ନାୟକ, କୁମରବର ନାୟକ ଓ ଅନନ୍ତ ସାହୁ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୦ ପ୍ରତିଶତ କ୍ଷେତ୍ରୀୟ ଓ ଖଣ୍ଡାୟତ ଥାଇ ସଂଗଠିତ ହୋଇନପାରିବାରୁ ସାଲିସ ବିହୀନ ଏ ଲଢୁଆ ଜାତି ଅନ୍ୟମାନଙ୍କ ଦୟାର ପାତ୍ର ହେଉଛି ବୋଲି କହିଥିଲେ ଏବଂ ଆଗାମୀ ଦିନରେ ପ୍ରତି ବ୍ଲକ୍‌ରେ କ୍ଷେତ୍ରୀୟ ଖଣ୍ଡାୟତମାନଙ୍କୁ ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ମହାସଭାରେ ରାଜ୍ୟର ୧୮ ଟି ଜିଲାର ୨ ଶହରୁ ଊର୍ଦ୍ଧ୍ୱ କ୍ଷେତ୍ରୀୟ ଖଣ୍ଡାୟତ ସଂଗଠକ ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିଲେ ।

# ୧୩ଟି ମନ୍ଦିରର ପୁନରୁଦ୍ଧାର ପାଇଁ ୫ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର

ଗଞ୍ଜାମ, ୧୯/୦୫ (ନି.ପ୍ର): ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳି ହିଞ୍ଜିଳିକାଟୁ ଏବଂ ଶେରଗଡ଼ ବ୍ଲକର ସମସ୍ତ ହାଇସ୍କୁଲକୁ କୋଟି କୋଟି ଟଙ୍କା ବ୍ୟୟରେ ସ୍ମାର୍ଟ ହାଇସ୍କୁଲ କରାଯାଇଛି । ସେହିପରି କଲେଜ ଗୁଡିକୁ ମଧ୍ୟ ସ୍ମାର୍ଟ କଲେଜ କରାଯାଇଛି । ବର୍ତ୍ତମାନ ପୁଣି ଏହି ଦୁଇଟି ନିର୍ବାଚନ ମଣ୍ଡଳିରେ କୋଟି କୋଟି ଟଙ୍କା ବ୍ୟୟ କରି ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନ ଗତ ୭ ତାରିଖରେ ଉପରୋକ୍ତ ଦୁଇଟି ବ୍ଲକର ମନ୍ଦିର ଗୁଡିକ ପରିଦର୍ଶନ କରିବାର ମାତ୍ର ୮ ଦିନ ପରେ ୧୩ଟି ମନ୍ଦିରର ପୁନରୁଦ୍ଧାର ପାଇଁ ୫ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ମଞ୍ଜୁର କରାଯାଇଛି । ସେହି ମନ୍ଦିର ଗୁଡିକ ହେଲା ପିତଳ ଶ୍ରୀ ଜଗନ୍ନାଥ ମନ୍ଦିର ନିମନ୍ତେ ୪୫ ଲକ୍ଷ, ଶ୍ରୀ ଉତରେଶ୍ୱର ମନ୍ଦିର ପାଇଁ ୪୫ ଲକ୍ଷ, କରଞ୍ଜେଇ ପୀଠର ବିକାଶ ପାଇଁ ୬୫ ଲକ୍ଷ, ଶେରଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିରର ପୁନଃଉଦ୍ଧାର ପାଇଁ ୨୫ ଲକ୍ଷ, ଶୋଭାଚନ୍ଦ୍ରପୁର ମା ତାରାତାରିଣୀ ମନ୍ଦିର ପାଇଁ ୪୫ ଲକ୍ଷ, ଧବଳପୁର ଗ୍ରାମସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପାଇଁ ୪୫ ଲକ୍ଷ ଓ ବେଲେଶ୍ୱର ମନ୍ଦିରର ପୁନଃଉଦ୍ଧାର ପାଇଁ ୪୫ ଲକ୍ଷ, କରଡ଼ାକଣା ଉଦୟନାଥ ମନ୍ଦିରକୁ ୫୦ ଲକ୍ଷ, ଅଲାରିଗଡ଼ ସ୍ୱପ୍ନେଶ୍ୱର ମନ୍ଦିରକୁ ୪୫ ଲକ୍ଷ, ଶ୍ୟାମଳାଇ ମନ୍ଦିର ପାଇଁ ୭୫ ଲକ୍ଷ, କୋରେଇଶୁଣି ମନ୍ଦିରକୁ ୫୦ ଲକ୍ଷ, ଘୋଡ଼େଇଶୁଣି ମନ୍ଦିରକୁ ୩୦ ଲକ୍ଷ, ଗଣ୍ଡଳା ଗୋପୀନାଥ ମନ୍ଦିର ପାଇଁ ୩୦ ଲକ୍ଷ ଓ ଇଶାନେଶ୍ୱର ମନ୍ଦିରର ପୁନରୁଦ୍ଧାର ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ମଞ୍ଜୁର କରାଯାଇଛି । ଜନସାଧାରଣଙ୍କ ଦାନରେ ପ୍ରତ୍ୟେକ ପୁରପଲ୍ଲୀରେ ବର୍ତମାନ ନୂତନ ନୂତନ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ଉତ୍ସବ ଚାଲିଥିବା ବେଳେ ଭୋଟ୍ ରାଜନୀତିକୁ କେନ୍ଦ୍ର କରି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରେ ବର୍ତମାନ ମନ୍ଦିର ଉନ୍ନୟନ ପାଇଁ ଟଙ୍କା ମଞ୍ଜୁରକୁ କେନ୍ଦ୍ର କରି ଜନଅସନ୍ତୋଷ ପ୍ରକାଶ ପାଇଛି । ଏହି ଟଙ୍କାରେ କ୍ଷୁଦ୍ର କଳକାରଖାନା କରାଯାଇଥିଲେ ବହୁ ବେକାରୀ ବେରୋଜଗାରୀ ଯୁବକ ଯୁବତୀଙ୍କ କର୍ମସଂସ୍ଥାନ ହୋଇପାରନ୍ତା ବୋଲି ଜନମତ ପ୍ରକାଶ ପାଇଛି ।

# ନିଶ୍ଚିନ୍ତକୋଇଲି ମିନି ଷ୍ଟାଡିୟମ ଅନାବନା ଗଛ ଘାସରେ ପରିପୂର୍ଣ୍ଣ : ସଫା କରୁଛନ୍ତି ପ୍ରଶିକ୍ଷାର୍ଥୀ

ସାଲେପୁର, ୧୯/୦୫ (ନି.ପ୍ର): ନିଶ୍ଚିନ୍ତକୋଇଲି ମିନି ଷ୍ଟାଡିୟମ ୧୦ ବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଫଳରେ ତତ୍କାଳୀନ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଯେଉଁ ଉଦ୍ଦେଶ୍ୟରେ ଅହମ୍ମଦ ବକ୍ସ ଖେଳ ପଡିଆକୁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଦେଇ ମିନୀ ଷ୍ଟାଡିୟମ୍ରେ ରୂପାନ୍ତରିତ କରିଥିଲେ ତାହା ଫଳପ୍ରଦ ହୋଇପାରୁନାହିଁ । ପୂର୍ବରୁ ଏହି ପଡିଆରେ ସ୍ଥାନୀୟ ଅଂଚଳର ବହୁ କ୍ରୀଡାବିତ୍ ଏବଂ କ୍ରୀଡା ଓ ବ୍ୟାୟାମରେ ଶିକ୍ଷାଗ୍ରହଣ କରୁଥିବା ପ୍ରଶିକ୍ଷାର୍ଥୀମାନେ ଏହାକୁ ବ୍ୟବହାର କରୁଥିଲେ । ବର୍ତମାନ ଏହି ମିନୀ ଷ୍ଟାଡିୟମଟି ଅନାବନା ଗଛ ଘାସରେ ପରିପୂର୍ଣ୍ଣ ହୋଇ ରହିଛି । ଫଳରେ ଏଠାରେ କୌଣସି କ୍ରୀଡା ଏବଂ ଅନ୍ୟାନ୍ୟ ସଭାସମିତିମାନ କରାଯାଇ ପାରୁନଥିବା ବେଳେ ପ୍ରତ୍ୟେକ ଦିନ ଏଠାରେ ଦୌଡୁଥିବା ଓ ବିଭିନ୍ନ ଶାରିରୀକ ଅଭ୍ୟାସ କରୁଥିବା ପିଲାମାନେ ହଇରାଣ ହରକତ ହେଉଛନ୍ତି । ଏ ଅଂଚଳରେ ସେଭଳି ପଡିଆ ନଥିବାରୁ ଏଠାରେ ଖେଳକୁଦ, ଦୌଡ ଓ ଶାରିରୀକ ଶିକ୍ଷା ଅଭ୍ୟାସ କରିବା ନିମନ୍ତେ ଛାତ୍ର ଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ଏହା ଉପରେ ନିର୍ଭର କରିଥାଆନ୍ତି । ଏହା ଅହମ୍ମଦ ବକ୍ସ ସ୍କୁଲର ଖେଳପଡିଆ ହୋଇଥିବାରୁ ମିନି ଷ୍ଟାଡିୟମ ହେବା ସମୟରେ ଏହାକୁ ବ୍ଲକ ପ୍ରଶାସନ ଉନ୍ନତିକରଣ କରିବା ପାଇଁ ଦାୟିତ୍ୱ ନେଇଥିଲା । ପ୍ରଶାସନିକ ଅବହେଳା ଯୋଗୁ ୨୦୧୪ ମସିହାରୁ ନିର୍ମାଣ ହୋଇଥିବା ଏହି ମିନୀ ଷ୍ଟାଡିୟମ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ । ଏ ସଂକ୍ରାନ୍ତରେ ବହୁବାର ବ୍ଲକ ପ୍ରଶାସନ ନିକଟରେ ଅବଗତ କରାଯାଇଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାଁନ୍ତି । ଫଳରେ ଏ ଅଂଚଳର ପ୍ରଶିକ୍ଷାର୍ଥୀମାନେ ବାଧ୍ୟ ହୋଇ ମିନୀ ଷ୍ଟାଡିୟମରେ ହୋଇଥିବା ଅନାବନା ଘାସ ଗଛ ଗୁଡିକୁ ନିଜେ ସଫା କରି ଏହାକୁ ଖେଳ ଉପଯୋଗୀ କରିବା ପାଇଁ ଲାଗି ପଡିଛନ୍ତି । ଏତେ ବଡ ଷ୍ଟାଡିୟମକୁ ଏହି ପିଲାମାନେ ସଫା କରିବା ସମ୍ଭବପର ହେବ ନାହିଁ । ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ମିନୀଷ୍ଟାଡିୟମକୁ ସଫା ସୁତୁରା କରାଯାଇ ଖେଳ ଉପଯୋଗୀ କରିବା ନିମନ୍ତେ ଅଂଚଳବାସୀ ଦାବି କରିଛନ୍ତି ।

# ଭରତପୁର ଗ୍ରାମ ପଂଚାୟତରେ ଜଳ ସଙ୍କଟ: ପିଇବା ପାଣି ପାଇଁ ଗ୍ରାମାବସୀ ଡହଳ ବିକଳ

କେନ୍ଦ୍ରାପଡ଼ା, ୧୯/୦୫ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମ ପଂଚାୟତରେ ପିଇବା ପାଣି ପାଇଁ ଗ୍ରାମବାସୀ ମାନେ ଗରା, ବାଲ୍‌ଟି ଧରି ଘଂଟା ଘଂଟା ଧରି ଛିଡା ହୋଇ ପାଣି ପାଉନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଭରତପୁର ପଂଚାୟତ ୯ ନଂ ୱାର୍ଡରେ ଦୀର୍ଘ ଦିନ ହେଲା ପାଇପ୍ ଯୋଗେ ଯୋଗା ଯାଉଥିବା ପିଇବା ପାଇଁ ପାଣି ପାର୍ବତୀ ଠାକୁରାଣୀଙ୍କ ମନ୍ଦିର ଠାରୁ ବାସନ୍ତୀ ପଡିଆ ପର୍ଯ୍ୟନ୍ତ ପହଁଚି ପାରୁନାହିଁ । ସ୍ଥାନୀୟ କେତେକ ଲୋକ ବେଆଇନ ଭାବେ ପାଣି ନେଇ ପରିବା ଚାଷରେ ମଡାଉ ଥିବାରୁ ତଳ ମୁଣ୍ଡରେ ଥିବା ଲୋକମାନେ ପିଇବା ପାଣି ପାଇବା ପାଇଁ ହଇରାଣ ହରକତ ହେଉଛନ୍ତି । ଏନେଇ ଗ୍ରାମୀଣ ଜଳ ଯୋଗାଣ ସଂସ୍ଥାର ଏସଡିଓଙ୍କୁ ଅଭିଯୋଗ କରାଯାଇ ଥିଲେ ମଧ୍ୟ କୌଣସି ପ୍ରତିକାର ହୋଇ ନଥିବାରୁ ତୁରନ୍ତ ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମର କୈଳାସ ନାୟକ, ଚମ୍ପା ମହାନ୍ତି, ମନୋରମା ସ୍ୱାଇଁ, ବାସନ୍ତୀ ସ୍ୱାଇଁ, ରାଜ କିଶୋର ସ୍ୱାଇଁ, ସୁନିତା ସ୍ୱାଇଁ, ଜୟନ୍ତୀ ବାରିକ ପ୍ରମୁଖ ଗ୍ରାମବାସୀମାନେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ଦାବି ଜଣାଇଛନ୍ତି ।

# ପିଅନପଡ଼ାଠାରେ ଶ୍ରୀ ବାବା ଅମରେଶ୍ୱରଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ

କନ୍ଧମାଳ, ୧୯/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀରେ ପିଅନପଡା ସ୍ଥିତ ସାଲୁଙ୍କି ନଦୀ ତଟରେ ଶ୍ରୀ ଶ୍ରୀ ଶ୍ରୀ ବାବା ଅମରେଶ୍ୱରଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା ଓ ଶୁଭ ଦେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର କର୍ତା ଭାବରେ ସରୋଜ କୁମାର ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପୂଜକ ଭାବେ ସୂର୍ଯ୍ୟ ନାରାୟଣ ମିଶ୍ର, ଶିବ ପ୍ରସାଦ ପଣ୍ଡା, ରବି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ରହି ନାମଯଜ୍ଞ, ଘୃତଯଜ୍ଞ, ଅର୍ଣ୍ଣଯଜ୍ଞ ସମେତ ସମସ୍ତ ରୀତି ନୀତି ପୂର୍ବକ ଆୟୋଜନ କରାଯାଇ ମନ୍ଦିର ନିର୍ମାଣ ନିମନ୍ତେ ଶୁଭ ଦିଆଯାଇଛି । ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ଲଡୁ କିଶୋର ମିଶ୍ର ଓ ସଭାପତି ଶୁକାନ୍ତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥି ସହିତ ମନ୍ଦିର ପରିଚାଳନା କମିଟିର ଉପ ସଭାପତି ମୃତ୍ୟୁଞ୍ଜୟ ପେରା ଓ ଶ୍ରୀନିବାଶ ପଟ୍ଟନାୟକ, ସମ୍ପାଦକ ସୂର୍ଯ୍ୟ କାନ୍ତ ଦାଶ, ଉପଦେଷ୍ଟା ଅଶୋକ କୁମାର ମହାନ୍ତି, ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କ ସମେତ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ହଜାର ହଜାର ଭକ୍ତ ଅର୍ଣ୍ଣ ପ୍ରସାଦ ପାଇ ମହାଦେବଙ୍କ ଆଶିଷ ଲାଭ କରିଥିଲେ ।

# ଜଳସମ୍ପଦ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡିଶାକୁ ଜାତୀୟ ଜଳ ପୁରସ୍କାର

ଭୁବନେଶ୍ୱର , ୧୯/୦୫ (ନି.ପ୍ର): ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା,୨୦୨୦-୨୦୨୧ ଏବଂ ୨୦୨୧-୨୦୨୨ ବର୍ଷରେ ଜଳସମ୍ପଦ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଜାତୀୟ ଜଳ ପୁରସ୍କାର- ୨୦୨୨ ପାଇଁ ଓଡ଼ିଶା ବିବେଚିତ ହେବା ସହ ଏ କ୍ଷେତ୍ରରେ ଓଡିଶାକୁ ଦେଶର ଦ୍ୱିତୀୟ ଶ୍ରେଷ୍ଠ ରାଜ୍ୟ ମାନ୍ୟତା ପ୍ରଦାନ କରାଯାଇଛି । ଓଡିଶାରେ ୩.୨ଲକ୍ଷ ହେକ୍ଟର ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି କରାଯାଇ ପ୍ରାୟ ୪ ଲକ୍ଷରୁ ଅଧିକ ଚାଷୀଙ୍କୁ ଜଳ ସୁରକ୍ଷା ଯୋଗାଇ ଦିଆଯାଇଛି । ଜଳ ସମ୍ପଦ ବିଭାଗ ଦ୍ୱାରା ଦୁଇଟି ବୃହତଜଳ ସେଚନ ପ୍ରକଳ୍ପ ଯଥା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ନୂଆପଡା ଏବଂ ବଲାଙ୍ଗିର ଜିଲ୍ଲା) ଏବଂ ଉପର ଇନ୍ଦ୍ରାବତୀ ଲିଫ୍ଟ କେନାଲ ପ୍ରକଳ୍ପ, (କଳାହାଣ୍ଡି ଜିଲ୍ଲା), ଉଚ୍ଚ ଅଂଚଳକୁ ଜଳ ଯୋଗାଣ ନିମନ୍ତେ ୬୧ଟି ବୃହତ ଉଠା ଜଳସେଚନ ପ୍ରକଳ୍ପ,୨୮୩୩ ଟି ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଓ ୨୨,୫୦୦ ଟି ଗଭୀର ନଳକୂପ(ଡିପ୍ ବୋର ୱେଲ) ନିର୍ମାଣ କରାଯାଇ ଭୌଗୋଳିକ ତଥା ସାମାଜିକ ସମାନତାକୁ ସୁନିଶ୍ଚିତ କରାଯାଇପାରିଛି । ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୀର୍ଘଦିନର ସମସ୍ୟାର ସମାଧାନ କରାଯାଇ ପ୍ରାୟ ୩୨,୦୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ଅଧିକନ୍ତୁ, ସମସ୍ତ ବର୍ଗର ଜଳସେଚନ ପ୍ରକଳ୍ପର ବଂଟନ ପ୍ରଣାଳୀରେ ଭୂତଳ ପାଇପ ଲାଇନ ବ୍ୟବହାର କରାଯିବା ଦ୍ୱାରା ପ୍ରକଳ୍ପଗୁଡିକର ଜଳସେଚନ ଦକ୍ଷତା ୨୦% ରୁ ଅଧିକ ବୃଦ୍ଧି ପାଇଛି । ଜଳସମ୍ପଦର ସଂରକ୍ଷଣ ପାଇଁ ରାଜ୍ୟ ସରକାର ପାଂଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ବିନିଯୋଗ କରି, ୪୬ଟି ଅନ୍ତଃନଦୀ ଜଳାଶୟ ନିର୍ମାଣ ଦ୍ୱାରା ପ୍ରାୟ ୫୦ ହଜାର ହେକ୍ଟର ମିଟର ଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଅଛି । ଏହା ବ୍ୟତୀତ ବିଭାଗ ଦ୍ୱାରା ନିଆଯାଇଥିବା ବିଭିନ୍ନ ଜଳ ସଂରକ୍ଷଣ ପଦକ୍ଷେପ ଯୋଗୁଁ ରାଜ୍ୟର ଭୂତଳ ଜଳ ସମ୍ପଦ ପ୍ରାୟ ୧୭.୨୬ ବିଲିୟନ ଘନ ମିଟରକୁ ବୃଦ୍ଧି ପାଇଛି । ଆହୁରି ମଧ୍ୟ, ଜଳ ଶକ୍ତି ଅଭିଯାନ ମାଧ୍ୟମରେ ଛୋଟ ଛୋଟ ଜଳ ସଂରକ୍ଷଣ କାର୍ଯ୍ୟ ସାରା ରାଜ୍ୟରେ ଆରମ୍ଭ ହୋଇଛି । ଜଳ ସମ୍ପଦ ବିଭାଗ, ପ୍ରଭାବୀ ଜଳ ପରିଚାଳନା ନିମନ୍ତେ ତଥା ଓଡିଶା ସରକାରଙ୍କ '୫-ଟି' ଉପକ୍ରମ ଆଧାରରେ ଲକ୍ଷ୍ୟ ପୂରଣ ଦିଗରେ ସୂଚନା ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଜାରି ରଖିଛି । ଜଳଶକ୍ତି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଖୁବ ଶୀଘ୍ର ଆୟୋଜିତ ହେବାକୁ ଥିବା ଏକ ପୁରସ୍କାର ବିତରଣ ଉତ୍ସବରେ ଓଡିଶାକୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାଯାଇଛି ।

# ରାଜ୍ୟରେ କାର୍ଯ୍ୟକାରୀ ହେବ ୧୧ଟି ସ୍ୱତନ୍ତ୍ର ଅବକାରୀ ଅଦାଲତ



କଟକ , ୧୯/୦୫ (ନି.ପ୍ର): ରାଜ୍ୟରେ ଅବକାରୀ ମାମଲାରେ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଇଁ ରାଜ୍ୟରେ ମୋଟ ୧୧ଟି ସ୍ୱତନ୍ତ୍ର ଅବକାରୀ କୋର୍ଟ ଖୋଲିବାକୁ ଗୃହ ବିଭାଗ ନିର୍ଦ୍ଦେଶ ଦେଇଛି । ଓଡ଼ିଶା ଅବକାରୀ ଆଇନ ବଳରେ ରୁଜୁ ମାମଲାର ତଦନ୍ତ ଏହି ସ୍ୱତନ୍ତ୍ର କୋର୍ଟ କରିବାକୁ ଯାଉଛି । ଯାହାଫଳରେ ତ୍ୱରିତ ଶୁଣାଣି ହେବା ଦ୍ୱାରା ରାଜ୍ୟରେ ଅବକାରୀ ମାମଲାରେ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଇବ । ଗୃହ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା(ନଂ ୩୫୭୮)ରେ ସମ୍ବଲପୁର, ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଓ ବାଲେଶ୍ୱର ଜିଲ୍ଲାରେ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ କୋର୍ଟ, ଗଜପତି ପାରାଳାଖେମୁଣ୍ଡି, ଢେଙ୍କାନାଳ, କନ୍ଧମାଳ ଜିଲ୍ଲା ଫୁଲବାଣୀ, ଜଗତସିଂହପୁର ଜିଲ୍ଲା, କନ୍ଧମାଳ ଜିଲ୍ଲା ଭବାନୀପାଟଣା, ଯାଜପୁରରେ ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ କୋର୍ଟ, ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାରେ ସିନିୟର ସିଭିଲ୍ ଜଜ ତଥା ଅତିରିକ୍ତ ଦୌରା ଜଜ କୋର୍ଟ ଖୋଲିବାକୁ ଗୃହ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା(ନଂ ୩୫୭୮) ଜାରି କରାଯାଇଛି । ଓଡ଼ିଶା ପୁଲିସରେ ବାର୍ଷିକ ଦୋଷୀ ସାବ୍ୟସ୍ତ ହାର ୫.୭ ପ୍ରତିଶତ ଥିବା ବେଳେ ଅବକାରୀ ବିଭାଗରେ ବାର୍ଷିକ ଦୋଷୀ ସାବ୍ୟସ୍ତ ହାର ମାତ୍ର ୩ ପ୍ରତିଶତ ରହିଛି । ୧୯୧୫ରୁ ଲାଗୁ ହୋଇଥିବା ବିହାର ଓ ଓଡ଼ିଶା ଅବକାରୀ ଆଇନରେ ଜାମିନ୍ ବ୍ୟବସ୍ଥା ଥିଲା । ଲୋକ ଅଦାଲତରେ ଏହି ମାମଲାର ବିଚାର କରାଯାଉଥିଲା । କିନ୍ତୁ ୨୦୦୬ରେ କ୍ୟାବିନେଟ୍ ନିଷ୍ପତ୍ତି ପରେ ଓଡ଼ିଶା ଅବକାରୀ ଆଇନରେ ସଂଶୋଧନ ହୋଇଥିଲା । ଦଫାଗୁଡ଼ିକ ଜାମିନ ବିହୀନ କରାଯାଇଥିଲା । ହେଲେ ମାମଲା ରୁଜୁ ସଂଖ୍ୟା ବୃଦ୍ଧି ପାଇଥିଲେ ହେଁ ସ୍ୱତନ୍ତ୍ର କୋର୍ଟ ନଥିବାରୁ ତ୍ୱରିତ ଶୁଣାଣି ହୋଇପାରୁନଥିଲା । ନିଶା ମାଫିଆ ନିର୍ଦ୍ଦୋଷରେ ଖଲାସ ହୋଇଯାଉଥିଲେ । ଜଣେ ବରିଷ୍ଠ ଅବକାରୀ ଅଧିକାରୀଙ୍କ କହିବା ଅନୁଯାୟୀ, ବିଳମ୍ବରେ ମାମଲାର ଶୁଣାଣି ଆରମ୍ଭ ହେଉଥିବାରୁ ସାକ୍ଷୀ ପ୍ରଭାବିତ ହେଉଛନ୍ତି । ଅଭିଯୁକ୍ତକୁ ଜାମିନ୍ ମିଳିଯାଉଥିଲା । ତଦନ୍ତକାରୀ ଅଧିକାରୀଙ୍କ ଏହାରି ଭିତରେ ମୃତ୍ୟୁ ହୋଇଗଲେ ଏହା ବି ମାମଲାର ଶୁଣାଣି ଉପରେ ପ୍ରଭାବ ପକାଉଥିଲା । ୨୦୧୨ ଫେବ୍ରୁଆରି ୬ରୁ ୯ ତାରିଖ ଭିତରେ କଟକ ସଦର ବ୍ଲକର ବଡ଼ ଝରିଲୋ, ଓଲଟପୁର, ତୁହାଲ ପଡ଼ା, ବ୍ରାହ୍ମଣ ଝରିଲୋ ଓ ଖୋର୍ଦ୍ଧା ବାଲିଅନ୍ତା ବ୍ଲକର ରାମଚନ୍ଦ୍ରପୁର, ପରିବାସୁଦେବପୁର, ବିଂଝାରପୁର, ଗୋପାଳଗଡ଼ରେ ଇଟା ଭାଟିରେ କାମ କରୁଥିବା ୪୧ ଶ୍ରମିକ ମିଥାଇଲ୍ ଆଲକହଲ୍(ଶିଳ୍ପ କାମରେ ବ୍ୟବହାର ହୁଏ) ମିଶ୍ରିତ ବିଷାକ୍ତ ପିଇ ମୃତ୍ୟୁ ହୋଇଥିଲା । ଏହି ଘଟଣାର ତଦନ୍ତ କରିଥିବା ଜଷ୍ଟିସ ଏ.ଏସ ନାଇଡୁ ୨୦୧୩ ଏପ୍ରିଲ ୬ରେ ଦାଖଲ କରିଥିବା ରିପୋର୍ଟରେ ଅବକାରୀ ବିଭାଗର ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର କୋର୍ଟ ଖୋଲିବାକୁ ସୁପାରିସ କରିଥିଲେ । କିନ୍ତୁ ଏହି ସୁପାରିସ ୧୦ ବର୍ଷ ଭିତରେ କାର୍ଯ୍ୟକାରୀ ହୋଇପାରିନଥିଲା । ୨୦୧୭, ଏପ୍ରିଲ ୧ ତାରିଖରେ ଲାଗୁ ହୋଇଥିବା ନୂଆ ଅବକାରୀ ଆଇନରେ ବି ସ୍ୱତନ୍ତ୍ର କୋର୍ଟ ସମ୍ପର୍କରେ ଦର୍ଶାଯାଇଥିଲା । ଗଣମାଧ୍ୟମରେ ୨୦୨୨ ଅଗଷ୍ଟ ୨ ତାରିଖରେ 'ଏଯାଏ ଖୋଲିପାରିଲାନି ସ୍ୱତନ୍ତ୍ର ଅବକାରୀ କୋର୍ଟ ଶୀର୍ଷକ ଏକ ସ୍ୱତନ୍ତ୍ର ରିପୋର୍ଟ ପ୍ରକାଶ ପାଇଥିଲା । ଏହି ରିପୋର୍ଟ ପ୍ରକାଶ ପାଇବାର ୧୦ମାସ ଭିତରେ ରାଜ୍ୟ ସରକାର ରାଜ୍ୟରେ ୧୧ଟି ସ୍ୱତନ୍ତ୍ର ଅବକାରୀ କୋର୍ଟ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କୋର୍ଟ ଓଡ଼ିଶା ଅବକାରୀ ଆଇନ ବଳରେ ରୁଜୁ ମାମଲାର ତଦନ୍ତ କରିବେ । ଏହା ସହିତ ଏନଡିପିଏସ୍ ମାମଲାର ତଦନ୍ତ କରାଯିବ କି ନାହିଁ, ସେ ଖୁବ ଶୀଘ୍ର ସ୍ପଷ୍ଟ ଚିତ୍ର ସାମନାକୁ ଆସିପାରିବ ।

# ଫୋନ ଦ୍ୱାରା ଜଳିବ ମହମବତୀ !




ମାର୍କିନ କମ୍ପାନୀ ଲ୍ୟୁଡେଲା ପକ୍ଷରୁ ଏଭଳି ମହମବତୀ ବିକଶିତ କରାଯାଇଛି, ଯାହାକୁ ସ୍ମାର୍ଟଫୋନ ଦ୍ୱାରା ଜଳା ଓ ଲିଭା ଯାଇପାରିବ । ମହମବତୀର ପ୍ରତିଟି କାର୍ଯ୍ୟ ସ୍ମାର୍ଟଫୋନ ଦ୍ୱାରା ହିଁ ନିୟନ୍ତ୍ରିତ ହେବ । ଦିଆଶିଲି ଦରକାର ହେବନାହିଁକି ଫୁଙ୍କିବାକୁ ପଡ଼ିବ ନାହିଁ । ଏହି ମହମବତୀ ସଂପୂର୍ଣ୍ଣ ନିରାପଦ । ଏହା ତରଳି ଏଠିସେଠି ମହମ ଜମାହେବ ନାହିଁ । ଏଥରୁ ଅସ୍ୱାସ୍ଥ୍ୟକର ଧୂମ ବାହାରିବ ନାହିଁ । ହଠାତ୍ ଦଲକାଏ ପବନ ମଧ୍ୟ ଏହାକୁ ଲିଭାଇପାରିବ ନାହିଁ । ମହମବତି କ୍ରମାଗତ ଭାବେ ତିରିଶ ଘଣ୍ଟା ଜଳିପାରିବ । ମହମ ସରିଗଲେ ଭର୍ତ୍ତି କରାଯାଇପାରିବ । ଏତେ ସୁବିଧା ଥିବା ମହମବତୀର ମୂଲ୍ୟ ଭାରତୟ ମୁଦ୍ରାରେ ପ୍ରାୟ ୬୫୦୦ଟଙ୍କା । ୱାଇ-ଫାୟାର ବୈଷୟିକ ଜ୍ଞାନ-କୌଶଳ ଦ୍ୱାରା ମହମବତୀ ଓ ସ୍ମାର୍ଟଫୋନ ବିକଶିତ ।

# କୁଲ୍ ହେୟାର ଷ୍ଟାଇଲ୍



ଏଇ ଖରାରେ ଯଦି ଆପଣଙ୍କ କେଶ ଛୋଟ ଅଛି ତ ବଂଚିଗଲେ । ଯଦି ଲମ୍ୱା କେଶ ତେବେ କଷ୍ଟ ପାଇବା ସ୍ୱାଭାବିକ । କିନ୍ତୁ ଚିନ୍ତା ନାହିଁ ସମରରେ ଆପଣ କିଛି କୁଲ୍ ହେୟାରଷ୍ଟାଇଲ୍ କରିପାରିବେ ।

କର୍ନରୋ ବ୍ରେଡ୍:- କେଶକୁ ମୁହଁ ଏବଂ ତ୍ୱଚା ଚାରିପାଖରୁ ଦୂରେଇ ରଖିବାପାଇଁ କର୍ନରୋ ବେିଡ୍ ଠାରୁ ଅନ୍ୟ କୌଣସି ଭଲ ଉପାୟ ଆଉ ନାହିଁ । ଡିଜାଇନରେ ବେଣୀ କରିବାପରେ ଏହାକୁ ଷ୍ଟାଇଲିଶ୍ ଉପାୟରେ ଗଣ୍ଠି ମଧ କରିପାରିବେ ।

ଲୋ ହାଫ୍ ନଟ୍:- ଏହି ଷ୍ଟାଇଲ ଭାରି ଆରାମଦାୟକ । ଏହା ଅତ୍ୟଧିକ ଟାଇଟ୍ ନୁହେଁ । କେଶକୁ ସୁନ୍ଦର ରଖିବା ସହ ଆରାମ ଅନୁଭବ ହେବାକୁ ଦେଇଥାଏ । ଗଣ୍ଠିକୁ ସଠିକ୍ ଭାବେ ରଖିବାପାଇଁ କିଛି ହେୟାର ପିନ୍ ବ୍ୟବହାର କରନ୍ତୁ ।

ମିଲ୍କମେଡ୍ ବ୍ରେଡ୍:- ଏହି ହେୟାରଷ୍ଟାଇଲ ଦେଖିଲେ ଆପଣଙ୍କୁ ଲାଗୁଥିବ ଯେ, କଷ୍ଟଦାୟକ କିନ୍ତୁ ପ୍ରକୃତରେ ଆପଣ ଯେତିକି କଷ୍ଟ ଭାବୁଛନ୍ତି ସେତିକି ନୁହେଁ । ଦୁଇ ଭାଗ କରି କେଶକୁ ବେଣୀ କରିଦିଅନ୍ତୁ । ବେଣୀ ହୋଇଯିବାପରେ ବେଣିକୁ ହେୟାର ନପିନ୍ ସାହାଯ୍ୟରେ ଅପୋଜିଟ୍ ଡାଇରେକ୍ସନ୍‌ରେ ମୁଣ୍ଡ ଉପରେ ରଖନ୍ତୁ । କେଶକୁ ସଠିକ୍ ଭାବେ ରଖିବା ପାଇଁ ଗୋଟିଏ ଟେକ୍ସ୍‌ରାଇଜିଙ୍ଗ ସ୍ପ୍ରେ ବ୍ୟବହାର କରନ୍ତୁ ।




ସାଇଡ୍ ବ୍ରେଡ୍ :- ଏହି ହେୟାରଷ୍ଟାଇଲ ଦେଖିବାକୁ କ୍ୟୁଟ୍ ଏବଂ ଏଥିସହ ଏହା ଉପରକୁ ମଧ ରହିବ । କେଶକୁ ଗୋଟିଏ ପାର୍ଶ୍ୱକୁ ଆଣି ବେଣି କରନ୍ତୁ ।

ଟାଇଟ୍ ଟପ୍ ନଟ୍:- ଏହି ହେୟାରଷ୍ଟାଇଲ ଲମ୍ୱା କେଶ ପାଇଁ ବେଷ୍ଟ୍ । କେଶକୁ ହାଇ ପନିଟେଲ କରି ବାନ୍ଧି ଦିଅନ୍ତୁ ଏବଂ ଦୁଇ ଭାଗ କରିଦିଅନ୍ତୁ ପ୍ରତ୍ୟେଟିକୁ ପରସ୍ପର ବାନ୍ଧିବା ପରେ ଏକ ସ୍କ୍ରଞ୍ଚରେ ବାନ୍ଧି ଦିଅନ୍ତୁ ।



# ଆପଣ ଜାଣନ୍ତି କି ?

- ସିଙ୍ଗାପୁରରେ ଚୁଇଂଗମ କିଣାବିକା ଆଇନ ବିରୋଧୀ ଅଟେ ।
- ଭିନେଗାରରେ ମୋତି ମିଳେଇଯାଏ ।
- ପ୍ରଖ୍ୟାତ ଚିତ୍ରକର ଲିଓନାଡ଼ୋ ଦା ଭିନସ ତାଙ୍କର ପ୍ରସିଦ୍ଧ ଚିତ୍ର 'ମୋନାଲିସା'ରେ ତାରିଖ ଓ ଦସ୍ତଖତ ଦେଇ ନଥିଲେ ।
- ଯେଉଁ ମାସର ପ୍ରଥମ ଦିନଟି ରବିବାରରୁ ଆରମ୍ଭ ହୋଇଥାଏ, ସେହି ମାସର ୧୩ ତାରିଖଟି ଶୁକ୍ରବାର ହୋଇଥାଏ ।
- କ୍ୟାଲେଣ୍ଡର ପ୍ରତି ୪ଶହ ବର୍ଷ ପରେ ପୁନର୍ବାର ହୁଏ ।
- ଲିଓନାଡ଼ୋ ଦା ଭିନସ କଇଁଚିର ଉଦ୍ଭାବନ କରିଛନ୍ତି । 'ମୋନାଲିସା' ଚିତ୍ରରେ ମୋନାଲିସାରେ ଓଠ ଆଙ୍କିବା ପାଇଁ ତାଙ୍କୁ ୧୨ବର୍ଷ ସମୟ ଲାଗିଯାଇଥିଲା ।
- ଗୋଟିଏ ଦିନରେ ଜଣେ ମହିଳା ୭୦୦୦ ଶବ୍ଦ କହୁଥିବାବେଳେ ପୁରୁଷମାନେ ୨୦୦୦ଟି ଶବ୍ଦ କହନ୍ତି ।
- ୧୦୦ ମିଲିୟନ ବା ଦଶକୋଟି ବର୍ଷ ପୂର୍ବରୁ ଭାରତ ଏକ ଦ୍ୱୀପଥିଲା ।
- ପ୍ରତି ୧୨ବର୍ଷରେ ଭାରତରେ ଆୟୋଜିତ ହେଉଥିବା କୁମ୍ଭମେଳା ହେଉଛି ବିଶ୍ୱର ସବୁଠାରୁ ଅଧିକ ଜନଗହଳିପୂର୍ଣ୍ଣ ଉତ୍ସ ।

# ଶିଶୁଙ୍କ ଯତ୍ନ ନିଅନ୍ତୁ



- ଉତ୍ତମ ପୋଷଣଯୁକ୍ତ ଖାଦ୍ୟ ଶିଶୁ ସ୍ୱାସ୍ଥ୍ୟର ମୁଖ୍ୟ ଆଧାର । ପାରମ୍ପରିକ ଘରୋଇ ଖାଦ୍ୟ ପ୍ରସ୍ତୁତ କରି ଶିଶୁକୁ ଖୁଆନ୍ତୁ । ଖାଦ୍ୟରେ ନିୟମିତ ସାଲାଡ଼, ଫଳ ସାମିଲ କରନ୍ତୁ । ଏହା ଦ୍ୱାରା ଶିଶୁ ସଂକ୍ରମଣକୁ ରକ୍ଷାପାଏ । ସବୁବେଳେ ସକ୍ରିୟ ରହେ ।

-ସୁସ୍ଥ ଶରୀର ପାଇଁ ଚାଳିଶ ପ୍ରକାର ଖାଦ୍ୟସାର ଓ ଟନିକ ଆବଶ୍ୟକ । ଏଣୁ ଶିଶୁ ପାଇଁ ସବୁ ପ୍ରକାର ଖାଦ୍ୟ ଉପାଦାନ ମିଶ୍ରଣରେ ସନ୍ତୁଳିତ ଆହାର ପ୍ରସ୍ତୁତ କରିବା ଶିଖନ୍ତୁ ।

- ନିୟମିତ ବ୍ୟବଧାନରେ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ । ବୟସ ଓ ନିର୍ଦ୍ଧାରିତ ସମୟରେ ଶିଶୁକୁ ସମସ୍ତ ଟିକା ଦିଅନ୍ତୁ ।



- ନିୟମିତ ପ୍ରାତଃ ଭୋଜନ କରୁଥିବା ଶିଶୁ ସାରାଦିନ ଚଳଚଞ୍ଚଳ ରହେ, ଥକିପଡ଼େ ନାହିଁ । ବିଦ୍ୟାଳୟରେ ଅଧ୍ୟୟନ ଦକ୍ଷତା ବଢ଼େ । କ୍ଷୀର, ଫଳ, ଗହମ ଅଟା ରୁଟି, ସାଣ୍ଡୱିଚ ଆଦି ଖାଇବାକୁ ଦିଅନ୍ତୁ ।

- ଶିଶୁ ଦୈନିକ ଅତି କମରେ ପାଞ୍ଚ ସାତ ଗ୍ଲାସ ପାଣି ପିଇବା ଉଚିତ । ଏହାଦ୍ୱାରା ଶରୀରର ଜଳୀୟ ମାତ୍ରା ଠିକ୍ ରହେ । ଫଳରସ, କାଲୋରିମୁକ୍ତ ପାନୀୟ, ଲହୁଣିମୁକ୍ତ କ୍ଷୀର ମଧ ଦେଇପାରିବେ ।

ସ୍ମରଣ ଶକ୍ତି ପାଇଁ ସୁନିଦ୍ରା ଆବଶ୍ୟକ । ଏହା ଦ୍ୱାରା ଶିଶୁ କର୍ମଠ ରହେ, ଅଧ୍ୟୟନରେ ଏକାଗ୍ରତା ବଢ଼େ ।

-ନିୟମିତ ଦୌଡ଼, ଖେଳକୁଦ, ସନ୍ତୁଳଣ ଶିଶୁପାଇଁ ଲାଭଦାୟକ । ଦଶ ଏଗାର ବର୍ଷର ପ୍ରତ୍ୟେକ ପିଲା ଦୈନିକ ଅତି କମରେ ଏକ ଘଣ୍ଟା ବ୍ୟାୟାମ କରିବା ଉଚିତ ।



# ଶରୀର ପାଇଁ ଜରୁରୀ ଆଣ୍ଟିଅକ୍ସିଡାଣ୍ଟ

ମନୁଷ୍ୟ ଖଣ୍ଡିଆ ଖାବରା ହେଲେ କିମ୍ୱା ଅପରେସନ୍ ହେଲେ, ଶରୀର ଶୀଘ୍ର ସୁସ୍ଥ ହେବା ନିମନ୍ତେ ଆଣ୍ଟିଅକ୍ସିଡାଣ୍ଟର ଆବଶ୍ୟକତା ପଡ଼ିଥାଏ । କେବଳ ଔଷଧ ନ ଖାଇ ବରଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଖାଦ୍ୟପାନୀୟ ସେବନ କରିବା ମଧ ଶରୀର ପାଇଁ ଖୁବ୍ ହିକର । ଏହା ଶରୀରକୁ ଶକ୍ତି ଯୋଗାଇବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।

ଲେମ୍ୱୁ ଫଳରେ ମହଜୁଦ୍ ଥିବା ଭିଟାମିନ୍ 'ସି' ଆଣ୍ଟିଅକ୍ସିଡାଣ୍ଟର ଅନ୍ୟତମ ସ୍ରୋତ । ଏଣୁ ଲେମ୍ୱୁ ପାଣି ପିଇଲେ କିମ୍ୱା କୌଣସି ବ୍ୟଞ୍ଜନରେ



ଏହାର ଉପରୋଗ କରିବା ଶରୀର ପାଇଁ ହିତକାରୀ । ଏହା ସହ ଲେମ୍ୱୁର ଥିବା ତତ୍ତ୍ୱ କେଶ ଓ ତ୍ୱଚା ପାଇଁ ମଧ ଉତ୍ତମ ।

ପାଚିଲା କଦଳୀ ସମସ୍ତ ବ ର୍ଗ ଓ ବୟସର ଲୋକ ଖାଇବା ଚିତ । ଏଥିରେ ଥିବା ବିଭିନ୍ନ ପୋଷାକତତ୍ତ୍ୱ ଶରୀରର ହଜମ ପ୍ରକ୍ରିୟା ସୁଧାରିବା ସହ ଶକ୍ତି ଯୋଗାଏ । ଏଣୁ ସକାଳ ଜଳଖିଆରେ ଅନ୍ତତଃ ଗୋଟିଏ କଦଳୀ ଖାଇବା ଭଲ ।

ବ୍ରାଉନ ରାଇସ୍ କେବଳ ମଧୁମେହ ରୋଗୀ ଓ ମେଦବହୁଳ ରୋଗୀଙ୍କ ପାଇଁ ଉତ୍ତମ ଖାଦ୍ୟ ନୁହେଁ । ଏଥିରେ ଥିବା ପିଲିଫିନିଲ ନାମକ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଶରୀର ପାଇଁ ମହୌଷଧିଭାବେ କାମ କରେ । ଏଣୁ ନିୟମିତ ଭାବେ ବ୍ରାଉନ ରାଇସ୍ ଖାଇବା ଅଭ୍ୟାସ କରନ୍ତୁ ।

# ଭାରତରେ ଖଟା ବ୍ୟଞ୍ଜନର ଆଦର



କେବଳ ଯୁବତୀ ଓ ମହିଳାମାନେ ଆଚାର କିମ୍ୱା ଖଟା ବ୍ୟଞ୍ଜନର ପ୍ରିୟ ନୁହନ୍ତି ବରଂ ପୁରୁଷ ଖାଦ୍ୟ ପ୍ରେମୀଙ୍କ ସଂଖ୍ୟା ମଧ ଏ କ୍ଷେତ୍ରରେ ସର୍ବାଧିକ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ପ୍ରାୟତଃ ସମସ୍ତ ପ୍ରକାର ଉତ୍ତର-ଭାରତୀୟ ବ୍ୟଞ୍ଜନରେ ଆମଚୁରର ପ୍ରୟୋଗ କରାଯାଏ । ଆମରୁ ପ୍ରସ୍ତୁତ ଆମଚୁର ଆଜିକାଲି ଭାରତରେ ପ୍ରତ୍ୟେକ ପ୍ରାନ୍ତରେ ଉପଲବ୍ଧ । ବଙ୍ଗୀୟ ଖାଦ୍ୟରେ ଲେମ୍ୱୁର ବାସ୍ନା ରହୁଥିବାବେଳେ ଅନେକ ବର୍ଷ ତଳେ ଆମ ପାରମ୍ପାରିକ ଖାଦ୍ୟରେ ଜଙ୍ଗଲୀ ଲେମ୍ୱୁ ବ୍ୟବହୃତ ହେଉଥିଲା ।

ତାହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉତ୍ତମ ଥିବାର ବିଭିନ୍ନ ଗବେଷଣାରୁ ପ୍ରକାଶ । ପଞ୍ଜାବ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଖଟା ସ୍ୱାଦ ନିମନ୍ତେ ଡାଳିମ୍ୱ ପ୍ରୟୋଗ କରାଯାଏ । ଡାଳିମ୍ୱ ମଞ୍ଜିକୁ ଶୁଖାଇ ତାହାକୁ ଗୁଣ୍ଡ କରି ବିଭିନ୍ନ ବ୍ୟଞ୍ଜନରେ ତାହାର ବ୍ୟବହାର କରାଯାଉଥିବାର ଜଣାପଡ଼ିଛି । ଦକ୍ଷିଣ ଭାରତର ପ୍ରତ୍ୟେକ ପାରମ୍ପାରିକ ବ୍ୟଞ୍ଜନରେ ତେନ୍ତୁଳିର ସ୍ୱାଦ ଅନୁଭବ କରିହୁଏ । ଆରବ ସୌଦାଗରମାନେ ଅନେକ ବର୍ଷ ତଳେ ତେନ୍ତୁଳିକୁ 'ତାମ୍ର-ଏ-ହିନ୍ଦ୍' ନାମକରଣ କରିଥିଲେ । ହାଇଦ୍ରାବାଦର ପାରମ୍ପାରିକ ବ୍ୟଞ୍ଜନରେ ଖଟାର ସ୍ଥାନ ନେଲା ଟମାଟୋ ଓ ଦହି । ଏସବୁର ଉପଯୋଗ ସେମାନେ ସେଠାର ଲୋକପ୍ରିୟ 'ବିରିୟାନୀ' ଓ 'ଖଟା' ମୁର୍ଗ'ରେ କରିଥିଲେ । ରାଜସ୍ଥାନରେ କାହିଁ କେଉଁକାଳରୁ ଦହିର ଉପଯୋଗ ବିଭିନ୍ନ ବ୍ୟଞ୍ଜନରେ ହୋଇଆସୁଛି । ରାଜପରିବାରର ଶାକାହାରୀ ଥାଳିରେ ଦହି ଏକ ମୁଖ୍ୟ ବ୍ୟଞ୍ଜନ ଥିଲା । ଆଜିକାଲି ବଜାରରେ ବିଭିନ୍ନ ବିଦେଶୀ ଓ ଦେଶୀ କମ୍ପାନୀର କୃତ୍ରିମ ଖଟା ଉପଲବ୍ଧ ହେଲେ ସେସବୁ ପାରମ୍ପାରିକ ଭୋଜନରେ ସ୍ଥାନ ନେଇପାରିନାହିଁ ।



# ଦୃଷ୍ଟିଶକ୍ତି କମାଏ ସ୍ମାର୍ଟଫୋନ୍



ଆଜିକାଲି ହାଇଟେକ ଯୁଗ । ପିଲାମାନେ ବିଭିନ୍ନ ଇଲେକଟ୍ରୋନିକ ଜେକ ପ୍ରତି ଆକର୍ଷିତ ହେଉଥିବାର ଦେଖିବାକୁ ମିଳୁଛି । କିନ୍ତୁ ଯଦି ଆପଣଙ୍କ ପିଲା ଅଧିକ ସମୟ ସ୍ମାର୍ଟ ଫୋନ ବ୍ୟବହାର କରୁଛି ତେବେ ତାକୁ ଏଥିରୁ ବିରତ କରନ୍ତୁ । କାରଣ ଭବିଷ୍ୟତରେ ଏହା ପିଲାର ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି । ଏଭଳି ସତର୍କ ସୂଚନା ମିଳିଛି ସଦ୍ୟତମ ଗବେଷଣାରୁ । ପିଲାଙ୍କ ଦୃଷ୍ଟିଶକ୍ତି ଏବଂ ସ୍ମାର୍ଟଫୋନ ବିଷୟକୁ ନେଇ ଆମେରିକୀୟ ବିଶେଷଜ୍ଞମାନେ ଗବେଷଣା କରିଥିଲେ । ପ୍ରତିଦିନ ଅଧିକାଂଶ ସମୟ ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା କେତେକ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ପିଲାଙ୍କର ଚକ୍ଷୁ ସମସ୍ୟା ଥିବାର ଜଣାପଡ଼ିଥିଲା । ପିଲାମାନେ ଏଭଳି ଫୋନ ଯେତେ କମ ବ୍ୟବହାର କରିବେ ତାହା ସେତେ ଭଲ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

# ମେଥିଦାନାର ଉପକାରିତା

- ମେଥିଦାନାରେ ପୋଟାସିୟମ ଅଧିକ ପରିମାଣରେ ଥିବାରୁ ତାହା ଶରୀରରେ ସୋଡ଼ିୟମର ପରିମାଣକୁ ନିୟନ୍ତ୍ରଣ କରିଥାଏ । ଏହାଦ୍ୱାରା ରକ୍ତ ସଂଚାଳନ ଉତ୍ତମ ହେବା ସହ ହୃଦଯନ୍ତ୍ର ଠିକ୍ ଭାବେ କାର୍ଯ୍ୟ କରିଥାଏ ।
- ମଧୁମେହ ରୋଗୀ ନିୟମିତ ଭାବେ ମେଥି ଖାଇବା ସେମାନଙ୍କ ପାଇଁ ଉପକାରୀ । ଏଥିରୁ ମହଜୁଦ ଥିବା ଏମିନୋ ଏସିଡ୍ ଶରୀରରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ କରେ ।
- ମେଥିଦାନାରେ ଭରପୁର ମାତ୍ରାରେ ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ତାହା ଖାଦ୍ୟ ହଜମ କରାଇବାରେ ସାହାଯ୍ୟ କରିଥାଏ ।
- ଓଜନ ହ୍ରାସ କରିବା ନିମନ୍ତେ ପ୍ରତ୍ୟହ ମେଥିଦାନା ଖାଇଲେ ୧ମାସ ମଧ୍ୟରେ ସୁଫଳ ମିଳିଥାଏ ।
- ମେଥିରେ ମହଜୁଦ ଥିବା ଫାଇବର ଶରରରୁ ଦୂଷିତ ପଦାର୍ଥ ବାହାର କରିଥାଏ । ଏହା ତ୍ୱଚା, କଲୋନ କର୍କଟର ଆଶଙ୍କା କମ୍ ରଖିଥାଏ ।
- ମେଥିଦାନାରେ ଥିବା ପୋଟାସିୟମ ରକ୍ତ ସଂଚାଳନ ଉତ୍ତମ ହେବାରେ ସାହାଯ୍ୟ କରିଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମୌସୁମୀ ଓ କୃଷି...

ଚଳିତ ସପ୍ତାହରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ମୌସୁମୀର ଆଗମନ ସମ୍ପର୍କରେ କରି ସାରିଛି ଭବିଷ୍ୟବାଣୀ । ବିଭାଗ କହିଛି- ଏଥର ମୌସୁମୀ କେରଳରେ ପହଞ୍ଚିବାକୁ ନିହାତି କମ୍‌ରେ ତିନି ଦିନ ଡେରି ହେବ । ଏକଥା ଶୁଣି ନୀତି ନିର୍ମାତାମାନଙ୍କ ଆଖି ବିସ୍ତାରିତ ହୋଇଯିବା ଏକ ସ୍ୱାଭାବିକ କଥା । କାରଣ, ଦେଶର ଅର୍ଥନୀତି ମୁଖ୍ୟ ଭାବରେ କୃଷି ଉପରେ ନିର୍ଭରଶୀଳ; ଆଉ ଭାରତୀୟ କୃଷି ତ ମୌସୁମୀର ଜୁଆଖେଳ- ଏକଥା ଉଣା ଅଧିକେ ସମସ୍ତେ ଜାଣନ୍ତି । ଚଳିତ ବର୍ଷର ମେ' ମାସ ଦେଶର ପ୍ରାୟ ସବୁ ଭାଗରେ ନିଆଁ ବର୍ଷା କରିବା ଭଳି ମନେ ହେଉଛି ; ଓଡ଼ିଶାରେ ଅନେକ ସହରର ଦିନର ତାପମାତ୍ରା ୪୦ ଡିଗ୍ରୀ ଟପି ଯାଉଥିବା ବେଳେ ରାତିର ତାପମାତ୍ରା ମଧ୍ୟ ୩୦ ଡିଗ୍ରୀରୁ କମ୍ ରହୁନାହିଁ । ଡହ ଡହ ଖରାରେ ହନ୍ତସନ୍ତ ହେଉଛନ୍ତି ଲୋକମାନେ । ସମସ୍ତେ ଏବେ ତାତିରୁ ମୁକ୍ତି ପାଇଁ ଏବଂ ବାରିଧାରାର ଶୀତଳ ସ୍ପର୍ଶକୁ ପାଇବା ପାଇଁ କରୁଛନ୍ତି ପ୍ରତୀକ୍ଷା । ସମସ୍ତେ ଅନେଇ ରହିଛନ୍ତି ଆକାଶରୁ ଭଲ ଅସରାଏ ବର୍ଷା ପଡ଼ିବାକୁ । ବର୍ଷା ଯେ ମଝିରେ ମଝିରେ ରାଜ୍ୟର କେତେକ ଭାଗରେ ହେଉନାହିଁ, ତା' ନୁହେଁ । କିନ୍ତୁ କାଳବୈଶାଖୀର ବର୍ଷା, ପବନ ଓ ଘଡ଼ଘଡ଼ି କାଳ ସାଜୁଛି ବେଶ୍ କେତେକଙ୍କ ପାଇଁ । ମେ'- ଜୁନ୍ ମାସର ଖରାରେ ଜୀବ ଜଗତ ସିଝୁଥିବା ବେଳେ ଆଶାୟୀ ନୟନରେ ଚାହିଁଥାନ୍ତି ମୌସୁମୀ ଆଗମନକୁ । ପରନ୍ତୁ, ଆଇଏମ୍ଡିର ଭବିଷ୍ୟବାଣୀ ଅନୁସାରେ ଏରର ମାର୍ଜିନ୍ ବା ଭୁଲ୍ ହେବାର ସମ୍ଭାବନା +/- ୪ ଦିନ, ଯାହାର ଅର୍ଥ ହେଉଛି, ମୌସୁମୀ ଆଗମନର ପ୍ରଥମ ସଙ୍କେତଗୁଡ଼ିକ ୩-୭ ଦିନ ବିଳମ୍ବିତ ହୋଇପାରେ । ସୂଚାଇ ଦିଆଯାଇପାରେ କି, ଭାରତକୁ ମୌସୁମୀ କେରଳ ବାଟଦେଇ ଆସିଥାଏ ଏବଂ ସ୍ୱାଭାବିକ ଭାବରେ ମୌସୁମୀ ଏହି ରାଜ୍ୟରେ ଜୁନ୍ ୧ ତାରିଖ ବା ପହିଲାରେ ପହଞ୍ଚିବା କଥା । ତଥାପି, ଯେଉଁ ବର୍ଷରେ ଏଲ୍ ନିନୋ ଅବସ୍ଥା ଜୁଲାଇ ମାସ ବେଳକୁ ପ୍ରସ୍ତୁତ ହେବ ବୋଲି ଭବିଷ୍ୟବାଣୀ କରାଯାଇଥାଏ, ଅର୍ଥାତ୍ ଯାହା ପୂର୍ବ ଭୂମଧ୍ୟରେଖୀୟ ପ୍ରଶାନ୍ତ ମହାସାଗରରେ ଜଳଭାଗକୁ ଅସ୍ୱାଭାବିକ ଭାବରେ ଉତ୍ତପ୍ତ କରିଥାଏ, ଯାହାର ଉତ୍ତପ୍ତ ଗ୍ରୀଷ୍ମ ଋତୁ ଏବଂ ଦୁର୍ବଳ ମୌସୁମୀ ସହିତ ସମ୍ପର୍କ ରହିଥାଏ, ସେଭଳି ପରିସ୍ଥିତିରେ ଭାରତର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପାଣିପାଗ ଅବସ୍ଥାରେ ଯେ କୌଣସି ପ୍ରକାରର ଅସ୍ୱାଭାବିକତା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯିବାର ସମ୍ଭାବନା ବଢ଼ି ଯାଇଥାଏ । ଭାରତର ଅର୍ଥନୀତି ଉପରେ ଦକ୍ଷିଣପଶ୍ଚିମ ମୌସୁମୀର ଗୁରୁତ୍ୱକୁ କଦାଚିତ୍ ହାଲ୍କା ଭାବରେ ନିଆଯାଇ ପାରିବ । ଏହାର କାରଣ, ଭାରତର ଚାଷ କରାଯାଉଥିବା ଅଞ୍ଚଳର ୫୧ ପ୍ରତିଶତ, ଯାହା ଦେଶର ଉତ୍ପାଦନ କ୍ଷେତ୍ରକୁ ୪୦ ପ୍ରତିଶତ ଅବଦାନ ରଖିଥାଏ, ତାହା ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିଥାଏ ବର୍ଷା ଜଳ ଉପରେ । ଆଉ ଏକଥା ତ ସମସ୍ତେ ଭଲ ଭାବରେ ଜାଣନ୍ତି ଯେ ଦେଶର ଅଧାରୁ ଅଧିକ ସଂଖ୍ୟକ ଲୋକଙ୍କ ପାଇଁ ଜୀବିକାର୍ଜନର ମୁଖ୍ୟ ଉତ୍ସ ହେଉଛି କୃଷି । ଯେହେତୁ ଜୁନ୍‌ରୁ ସେପ୍ଟେମ୍ବର ମାସ, ଯାହାକୁ ଭାରତରେ ବର୍ଷା ଋତୁ ଭାବରେ ଗଣନା କରାଯାଏ, ତାହା ଦେଶର ବୃଷ୍ଟିପାତର ୭୦ ପ୍ରତିଶତ ବହନ କରି ଆଣିଥାଏ, ତେଣୁ ମୌସୁମୀକୁ ନେଇ ଭବିଷ୍ୟବାଣୀ କରାଯିବା ଉପରେ ସମସ୍ତଙ୍କର ତୀକ୍ଷଣ ଦୃଷ୍ଟି ରହିଥାଏ । ତେବେ ଚଳିତ ବର୍ଷ ସ୍ୱାଭାବିକ ଉପାଦାନଗୁଡ଼ିକ ସହିତ ସମସ୍ତେ ଏକ ସ୍ୱାଭାବିକ ମୌସୁମୀକୁ ଅପେକ୍ଷା କରୁଛନ୍ତି, କାରଣ ଏହା ମୁଦ୍ରାସ୍ଫୀତିର ସ୍ତରକୁ ନିମ୍ନକୁ ଆଣିବାର ସମ୍ଭାବନା ବହନ କରୁଥିବା ବେଳେ ଖାଦ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟବୃଦ୍ଧିର ସମ୍ଭାବନାକୁ ଏଡ଼ାଇ ଦେଇ ପାରିବ । ଏହି ପରିପ୍ରେକ୍ଷୀରେ ଗହମ ଆହରଣ ସ୍ୱାଭାବିକ ରହିଛି ବୋଲି ସରକାର ଘୋଷଣା କରିବା କେତେକାଂଶରେ ମନରେ ଆଶା ସଞ୍ଚାର କରିଛି, ଏଇଥପାଇଁ ଯେ ଯଦି ବି କୌଣସି କାରଣରୁ ବିକ୍ଷିପ୍ତ ଭାବରେ ସବୁ ଅଞ୍ଚଳରେ ଆଶାନୁରୂପ ବର୍ଷା ନହୁଏ, ତା'ହେଲେ ଫସଲ ଅମଳରେ ରହିଥିବା ଅନ୍ତରକୁ ଅଧିକ ପରିମାଣର ଖାଦ୍ୟଶସ୍ୟ ମହଜୁଦ କରି ରଖିବା ଦ୍ୱାରା କର୍ତ୍ତୃପକ୍ଷମାନେ ଅନ୍ତତଃ କମାଇ ପାରିବେ । ସୂଚନାଯୋଗ୍ୟ ଯେ ସ୍ୱାଭାବିକ ବା ଅଧିକ ବର୍ଷା ହେବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଦେଶର ସବୁ ଅଞ୍ଚଳରେ ସମାନ ପରିମାଣରେ ବର୍ଷା ହେବା, ଯେଉଁଥିରେ ବେଶ୍ କିଛି ବର୍ଷ ହେବ ଜଳବାୟୁ ସଂକଟ ଯୋଗୁଁ ଘୋର ବ୍ୟତିକ୍ରମ ଦେଖ ?ବାକୁ ମିଳୁଛି, ଏମିତିକି ସ୍ୱାଭାବିକ ବର୍ଷମାନଙ୍କରେ ମଧ୍ୟ ଏହା ଏକ ସାଧାରଣ ଘଟଣା ହୋଇ ଗଲାଣି । ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଆର୍ଥିକ ନୀତି କମିଟି (ଏମ୍‌ପିସି) ମୁଦ୍ରାସ୍ଫୀତିକୁ କାବୁ କରିବାଠାରୁ ଆରମ୍ଭ କରି ସୁଧହାର ବୃଦ୍ଧି ଉପରେ ଲଗାମ କଷି ଅଭିବୃଦ୍ଧିକୁ ସହାୟତା କରିବା ପାଇଁ ପଦକ୍ଷେପ ନେବା ବା ସୁଧହାରକୁ କମାଇବା ବିଷୟରେ କୌଣସି ପ୍ରକାରର ନିଷ୍ପତ୍ତି ନେବା ପାଇଁ ଏକ ସ୍ୱାଭାବିକ ମୌସୁମୀ ଯଥେଷ୍ଟ ଗୁରୁତ୍ୱ ବହନ କରେ । ଏହା ହେବାକୁ ହେଲେ ଜୁନ୍ ୬ ତାରିଖରେ ଯେତେବେଳେ ଏମ୍‌ପିସି ବୈଠକ ବସିବ, ସେତେବେଳକୁ ମୌସୁମୀ ଠିକ୍ ରହିବାର ଆବଶ୍ୟକତା ରହିଛି, ଯେଉଁ ସମୟ ସୁଦ୍ଧା ଦେଶର ଦକ୍ଷିଣ ଭାଗରେ ଏହାର ପଦପାତ ହେବା ସହିତ ପ୍ରଥମ ବାରିଧାରା ମାଟି ଉପରେ ପଡ଼ି ସାରିଥାଏ । ତେଣୁ ମୋଟାମୋଟି ଆଗାମୀ କେତେ ସପ୍ତାହ ଦେଶ ପାଇଁ ମୌସୁମୀ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବାକୁ ଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ ।

# ବିବାଦ ଘେରରେ 'ଦ କେରଳ ଷ୍ଟୋରି'


ଡକ୍ଟର ଲକ୍ଷ୍ମଣ ସାହୁ




ପ୍ରଥମେ କହିରଖେ ଏହା କେବଳ କେରଳର କାହାଣୀ ନୁହେଁ ସମଗ୍ର ବିଶ୍ୱର କାହାଣୀ । ଗଣମାଧ୍ୟମରୁ ସଂଗୃହିତ ଥିବା କାହାଣୀ ଏଠି କେବଳ ଜନସାଧାରଣଙ୍କ ଅବଗତି ନିମନ୍ତେ ଉଲ୍ଲେଖ କରାଯାଇଛି । 'କେରଳ କାହାଣୀ' (ଦି କେରଳ ଷ୍ଟୋରି)ର ପୃଷ୍ଠଭୂମି ଭୂମିକାରେ ଜଣେ ଝିଅ । ଯାହାର ଗୀତ ଥିଲା, ହସ ବି ହସ ଥିଲା । ଏକ ସୁନ୍ଦର ସ୍ୱପ୍ନ ଥିଲା, ପ୍ରେମ ଥିଲା । ଜୀବନ ଜିଇଁବାର କଳ୍ପନା ଥିଲା । କିନ୍ତୁ ଏଠାରେ ତା' ପାଇଁ କୌଣସି ପ୍ରକାର ପ୍ରେମ ନଥିଲା । ବରଂ ସେଠି ପ୍ରେମ ଏକ ଜାଲ ଥିଲା । ସେମାନେ କଲେଜରେ ନର୍ସିଂ ପଢିବା ସମୟରେ ସାକ୍ଷାତ ହୋଇଥିଲେ । ଜଣେ ଗୁପ୍ତଚର ଆଇଏସଆଇ ଛାତ୍ର ତାଙ୍କ ଦୁଇ ସାଙ୍ଗଙ୍କ ସହ ହଷ୍ଟେଲରେ ରହୁଥିଲେ । ସେ ଆଇଏସଆଇର ଜଣେ ସକ୍ରିୟ ସଦସ୍ୟ ଥିଲେ । କଲେଜ ଛାତ୍ରୀ ଜଣକ ଜଣେ ଅଜ୍ଞାତ ମୁସଲମାନ ଯୁବକଙ୍କୁ ଭଲ ପାଉଥିଲେ । କ୍ରମେ ଗର୍ଭବତୀ, ତା'ପରେ ଯାହା ଘଟେ । ବିବାହର ସର୍ତ୍ତ ଭାବରେ ତାଙ୍କୁ ମୁସଲମାନ ହେବାକୁ ପଡିବ । କିନ୍ତୁ ଏହା ଶେଷ ନୁହେଁ । ବିବାହ ପରେ ଯୁବକ ଜଣକ ଦରିଦ୍ର ହୋଇଗଲେ । ତା'ପରେ ବାଳିକା ଶାଳିନୀ ନାମ ଫାତିମାକୁ ବଦଳିଗଲା । ତାଙ୍କର ଦୁଇ ସାଥୀଙ୍କୁ ଜିହାଦୀମାନଙ୍କ ସହ ଲଢ଼ିବା ପାଇଁ ସିରିଆକୁ ପଠାଗଲା । ଏହା ଭାରତ ବିରୋଧୀ ଜିହାଦୀ ହେବ ବୋଲି ଅନୁମାନ କରାଯାଉଛି ! ସେ ବର୍ତ୍ତମାନ ସିରିଆର ଜେଲରେ ଅଛନ୍ତି । ଜଣେ ମୃତ୍ୟୁବରଣ କରିଛନ୍ତି । ଯିଏ ବାରମ୍ବାର ବଳାତ୍କାର ହୋଇଛି, ସେ କେଉଁଠାରେ ଅଛନ୍ତି ତାହା କେହି ଜାଣନ୍ତି ନାହିଁ । ଏହା ଏକ ସତ୍ୟ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ର । ଏଭଳି ଚଳଚ୍ଚିତ୍ର ଦେଖିବା ପରେ ଆତଙ୍କବାଦୀମାନେ ଭୟଭୀତ ହେବାର ଅନୁମାନ କରାଯାଉଛି । କିନ୍ତୁ ବର୍ତ୍ତମାନର ସରକାର ଭୟ କରୁଛନ୍ତି । ଯଦି 'ତୁଡେଲ ଗାୟରା' ତାଙ୍କ ଆସନ ହରାଇବା ଭୟରେ ତାଙ୍କୁ ଭୋଟ୍ ଦେବାକୁ ବାରଣ କରନ୍ତି । ଆତଙ୍କବାଦୀ ଆଇଏସଆଇ ଚାର୍ ଝିଅକୁ ଦଣ୍ଡ ଦିଆଯାଇଥିଲା କି ନାହିଁ, ଯାହା ଏହି ଭୟଙ୍କର ଦୁଷ୍କର୍ମର କାରଣ ହୋଇଛି । ଯାହା କି ଚଳଚ୍ଚିତ୍ରରେ ଦେଖିବାକୁ ମିଳେ ନାହିଁ ।

କେରଳ ହାଇକୋର୍ଟ ଚଳଚ୍ଚିତ୍ରଟିକୁ ଦେଖିବା ପରେ ଚଳଚ୍ଚିତ୍ରର କିଛି ଦୃଶ୍ୟ କଟାଯାଇଥିଲା । ସେନ୍ସର ବୋର୍ଡରେ ପାଶ୍ ହେବାପରେ ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରିବେ ନାହିଁ ବୋଲି ହାଇକୋର୍ଟଙ୍କ ମନ୍ତବ୍ୟ ଥିଲା । କିନ୍ତୁ ହାଇକୋର୍ଟର ଶୀର୍ଷରେ ଗଣତନ୍ତ୍ର ପାଇଁ ଏକ ସର୍ବଦଳୀୟ ଆଇନ ପାଳନକାରୀ, ବେପରୁଆ, ବିପଜ୍ଜନକ ନେତା ଅଛନ୍ତି । ତେଣୁ ସୁପ୍ରିମକୋର୍ଟଙ୍କ ଏଥିରେ ହସ୍ତକ୍ଷେପ କରିବାକୁ ପଡିଲା । ରାଜନୈତିକ ନେତା ମାନେ ଭୋଟ୍ ବ୍ୟତୀତ ଅନ୍ୟ କିଛି ବୁଝନ୍ତି ନାହିଁ, କିମ୍ବା ଜାଣିବାକୁ ଚାହାଁନ୍ତି ନାହିଁ । ସେ ସେହି ଚଳଚ୍ଚିତ୍ରର ଟ୍ରେଲରକୁ ଦେଖି ଏହା ଏକ ରାଜନୈତିକ ଟ୍ରେଲର ବୋଲି ଭାବି ଗଣନା ଆରମ୍ଭ କଲେ । ଫଳସ୍ୱରୂପ, ଏହି ଚଳଚ୍ଚିତ୍ରଟି ବଙ୍ଗଳା ଓ ତାମିଲନାଡୁ ବ୍ୟତୀତ ସାରା ଦେଶରେ ମୁକ୍ତିଲାଭ କରିଥିଲା । ସିନେମା ହଲରେ ପ୍ରବେଶ କରିବା ପରେ ପୋଲିସ ଦ୍ୱାରା ଗିରଫ ହୋଇ ଦର୍ଶକଙ୍କ ସହ ବିଶୃଙ୍ଖଳା ଆରମ୍ଭ ହୋଇଥିଲା । 'ଦି କାଶ୍ମୀର ଫାଇଲ୍' ବିଷୟରେ କୌଣସି ବିଶୃଙ୍ଖଳା ନଥିଲା । ଏଠାରେ ମଧ୍ୟ କୌଣସି ଦ୍ୱନ୍ଦ୍ୱ ରହିବା ଉଚିତ୍ ନୁହେଁ । କିନ୍ତୁ ଶିରେ ପଞ୍ଚାୟତ ନିର୍ବାଚନ । ତେଣୁ ତାଙ୍କୁ 'କେରଳ କାହାଣୀ' (The Kerala Story) ଉପରେ ପ୍ରତିବନ୍ଧକ ଲଗାଇବାକୁ ପଡିବ ।

ଆତଙ୍କିତଙ୍କ ପରି ଆତଙ୍କିତ ହେବାର ତାଙ୍କର କୌଣସି କାରଣ ନାହିଁ । କାରଣ ଆଜି ଶକ୍ତି ଆସନ୍ତାକାଲିର ଅର୍ଥ ନୁହେଁ, ତାହା ହେଉଛି ଆମର ଗଣତନ୍ତ୍ର । ଏହାର ଅର୍ଥ ନୁହେଁ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନ୍ୟଥା କିଛି ଅନୁଭବ କରିବେ କି ମାନ୍ୟବର ପ୍ରଧାନମନ୍ତ୍ରୀ ସେହି ଚଳଚ୍ଚିତ୍ରକୁ ପସନ୍ଦ କରନ୍ତି ବୋଲି ଆମର ଗଣତନ୍ତ୍ର ମଧ୍ୟ ତାହା କହି ନାହିଁ । ସିନେମା ଓ ଗଣତନ୍ତ୍ରକୁ ମିଶ୍ରଣ ନକରିବା ଭଲ ।' ଦ କାଶ୍ମୀର ଫାଇଲ୍ 'ଭଳି ମଧ୍ୟ ତେବେ ସଂଜୟ ମିଶ୍ରଙ୍କ 'ଦ ବେଙ୍ଗଲ ଡାଏରୀ' ପରେ 'କେରଳ କାହାଣୀ' (ଦ କେରଳ ଷ୍ଟୋରି) ଆସିପାରେ । ଚଳଚ୍ଚିତ୍ର ଚଳଚ୍ଚିତ୍ର ପାଇଁ ନିର୍ମିତ । ତାହା ଜନସାଧାରଣଙ୍କ ମନୋରଞ୍ଜନ ପାଇଁ, ଯାହା ମନୋରଞ୍ଜନ ଜଗତର କାର୍ଯ୍ୟ । ରାଜନୈତିକ ନେତା ବା ନେତ୍ରୀଙ୍କ ପାଇଁ ଏହା ମୁଣ୍ଡ ବିନ୍ଧାର କାରଣ କ'ଣ ? ଏବେ କହିବାକୁ ଗଲେ ବ୍ରିଟିଶ ସମୟରୁ ଆଜି ପର୍ଯ୍ୟନ୍ତ ନିଷିଦ୍ଧ ହୋଇଥିବା ପୁସ୍ତକଗୁଡ଼ିକ ଧୀରେ ଧୀରେ ମୁଦ୍ରଣ ଲାଭ କରୁଛି, ଅର୍ଥାତ୍ ପ୍ରକାଶ ପାଉଛି । ସେହି ପୁସ୍ତକଗୁଡ଼ିକ ପଢ଼ିବା କିମ୍ବା ପଢ଼ାଇବା ଆଜି ଶୁଦ୍ଧ ହେଉଛି ।

ସେହି ଦୃଷ୍ଟିରୁ ବିଚାର କଲେ ଏହି ଚଳଚ୍ଚିତ୍ରଟି ମହିଳାଙ୍କ ଅଧିକାର ଓ ସୁରକ୍ଷା ପାଇଁ ବ୍ୟାପକ ପ୍ରଚାର ଆବଶ୍ୟକ କରେ । ଚଳଚ୍ଚିତ୍ରଟି ସେହି ଉଦ୍ଦେଶ୍ୟରେ ନିର୍ମିତ । ଏଠାରେ କୌଣସି ମୁସଲମାନ ବିରୋଧୀ କଥାବାର୍ତ୍ତା ନାହିଁ । ଯଦି ସମସ୍ତ ମୁସଲମାନ ଖରାପ ବୋଲି ଧରାଯାଏ, ତେବେ ସମଗ୍ର ବିଶ୍ୱ କେବେ ଠାରୁ ଧ୍ୱଂସ ହୋଇ ସାରନ୍ତାଣି ? କେତେକ ଲୋକ ଧାର୍ମିକ କ୍ରୋଧରେ ମଦ୍ୟପାନ କରନ୍ତି ଓ ନିରୀହ ଅଣ-ମୁସଲମାନମାନଙ୍କୁ ସେମାନଙ୍କ ସଂଖ୍ୟା ବଢାଇବାକୁ ପରିବର୍ତ୍ତନ କରନ୍ତି । ସେମାନେ ଜାଣନ୍ତି ସଂଖ୍ୟା ବୃଦ୍ଧି ହେଲେ ସବୁକିଛି ସହଜରେ ପରାଜିତ ହୋଇପାରିବ । ସେମାନେ ଭାବନ୍ତି ଦୁନିଆରେ ସେମାନଙ୍କର ସମସ୍ତ ଅଧିକାର ଅଛି । ଅନ୍ୟପକ୍ଷରେ, ଏକ ଦଳବାଦୀ ଅଛନ୍ତି, ଯାହାର କଳ୍ପନା କବିମାନଙ୍କ କଳ୍ପନାଠାରୁ ବହୁ ଦୂରରେ । ଯଦି ନିରୀହ ଅଣ ମୁସଲମାନ (ବିଶେଷକରି ମହିଳା) ବିବାହିତ ଓ ଧର୍ମ ପରିବର୍ତ୍ତନ କରନ୍ତି, ସେମାନେ ଆଲ୍ଲାଙ୍କୁ ଭେଟି, ସ୍ୱର୍ଗରେ ପ୍ରବେଶ କରିବେ । କିଏ ଏପରି ସୁଯୋଗ ଛାଡିଥାଏ ? ତେଣୁ ସେମାନେ ସୁନ୍ଦର ଦୁନିଆକୁ ନର୍କରେ ପରିଣତ କରନ୍ତି ଓ ସୁଖ ପାଇବା ପାଇଁ ସେମାନଙ୍କ କଳ୍ପନାରେ ଏକ ସ୍ୱର୍ଗ ସୃଷ୍ଟି କରନ୍ତି ।

କେରଳ କାହାଣୀ (The Kerala Story) ରିଲିଜ୍ କୁ ନେଇ ତର୍କ ବିତର୍କ, ବିବାଦ ଲାଗି ରହିଥିଲା । କେହି କେହି କୁହନ୍ତି ଏହା ସମସ୍ତେ ଜାଣିବା ଉଚିତ୍ । ଏହା କେବଳ ମନୋରଞ୍ଜନ ନିମନ୍ତେ ପ୍ରସ୍ତୁତ । ଏହି ନିଷେଧାଦେଶ ବିରୋଧରେ ବଙ୍ଗୀୟ ନିର୍ଦ୍ଦେଶକ ସୁଦୀପ୍ତ ସେନ୍ ନିଜର କ୍ରୋଧ ପ୍ରକାଶ କରିଛନ୍ତି । ଚଳଚ୍ଚିତ୍ର ତାରକା ଶବାନା ଆଜାମୀଙ୍କଠାରୁ ଆରମ୍ଭ କରି ନିର୍ବାସିତ ଲେଖିକା ତସଲିମା ପର୍ଯ୍ୟନ୍ତ । ଅଭିନେତ୍ରୀ କନକାନା ରାଓ୍ୱତ ସମସ୍ତେ କଳା, ବାକ୍ ସ୍ୱାଧୀନତା ସପକ୍ଷରେ କହିଛନ୍ତି । ଅନ୍ୟ ଏକ ଗୋଷ୍ଠୀ ଘୃଣ୍ୟ, ମୁସଲମାନ ବିରୋଧୀ ଚଳଚ୍ଚିତ୍ର ବୋଲି କହିଥିଲେ । ଜଣେ ମହିଳା ପୋଲିସ୍ ହ୍ୱଟସ୍ ଆପ୍ରେ ଏକ ରିପୋର୍ଟ ପଠାଇଥିଲେ ଯେ ପ୍ରତିବର୍ଷ ଗୁଜୁରାଟରୁ ଲକ୍ଷାଧିକ ମହିଳା ନିଖୋଜ ହୋଇଯାଆନ୍ତି । ଯଦିଓ ଏହା ଗୁଜବ ନା ସତ୍ୟ, ତାହା ସତ୍ୟାସତ୍ୟ ଅନୁସନ୍ଧାନ ସାପେକ୍ଷ । ଏହା ଧୀରେ ଧୀରେ ସାମ୍ନାକୁ ଆସୁଛି ଯେ ପ୍ରତ୍ୟେକ ରାଜ୍ୟରୁ ହଜାର ହଜାର ମହିଳା ଏହିପରି ଅଦୃଶ୍ୟ ହେଉଛନ୍ତି । ବିଶେଷ କରି ମାନବ ଚାଲାଣକାରୀ ମହିଳା ଓ ଶିଶୁ ବିକ୍ରୟ କରୁଛି । ଆଜି ଦୁନିଆର ସବୁଠାରୁ ଭୟଙ୍କର ଆତଙ୍କବାଦକୁ ଧର୍ମ ପରିବର୍ତ୍ତନ କରିବା ଓ ସେମାନଙ୍କୁ ଜିହାଦୀ କରିବା ଓ ଶେଷରେ ଯୁଦ୍ଧକ୍ଷେତ୍ରକୁ ପଠାଇବା ଯେମିକି ଏକ ଭୟଙ୍କର ଆତଙ୍କବାଦ, ସନ୍ତ୍ରାସବାଦ । ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ବିଷୟରେ ଏକ ସ୍ପଷ୍ଟ ବୁଝାମଣା ।

ମାନବିକତା ଧର୍ମ, ମାନବିକତା ବିରୋଧୀ ନୁହେଁ । ଯେଉଁଠାରେ ଏତେ ପ୍ରଶଂସକ, ସେଠାରେ ଏତେ ନିଷ୍ଠୁରତା କିପରି ଅଛି । ଧାର୍ମିକ ପ୍ରଶଂସକଙ୍କ ବିରୁଦ୍ଧରେ ଧାର୍ମିକ ସଚେତନତା ପାଇଁ ବର୍ତ୍ତମାନ ସମୟ ଆସିଛି । ଧାର୍ମିକ ମହାମହିମଙ୍କୁ ପ୍ରାର୍ଥନା ସେମାନେ ଶାନ୍ତି ପ୍ରଦାନ କରନ୍ତୁ । ଯଦି ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ପୃଥିବୀ, ଜଳ, ବାୟୁ ସମସ୍ତଙ୍କର । ତେବେ ଧର୍ମ ନାମରେ ସୃଷ୍ଟି ଭଗବାନ (God) ଈଶ୍ୱର, ଆଲ୍ଲା, ଯୀଶୁ ମଧ୍ୟ ସମସ୍ତଙ୍କର ଅଟନ୍ତି । ତେବେ କାହିଁକି ଏହି ବିଭାଜନ, କାହିଁକି ଏତେ ଧାର୍ମିକ ପାଗଳାମି.. ।


ଅଧ୍ୟକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦୧୫ ୧୪୭୫


# ଶଶିକଳା ସିଣ୍ଡ୍ରୋମ କଣ ?




ନେତାଜୀ ତାପସ କୁମାର ସାହୁ


ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଶଶିକଳା ସିଣ୍ଡ୍ରୋମ' ବିଷୟ ଉଠାଇଛନ୍ତି । ଅନେକ ସାଧାରଣ ଲୋକ ଯେଉଁମାନେ ରାଜନୀତିରେ ଖୁବ୍ କମ୍ ରୁଚି ରଖନ୍ତି କିମ୍ବା ନୂତନ ଯୁବ ପିଢି ମାନେ ପ୍ରଶ୍ନ କରୁଛନ୍ତି ଏଇଟା କଣ ନୂଆ ରୋଗ ? ଏ ଶଶିକଳା କିଏ ? ଏମିତି ଅନେକ ଅସମାହିତ ପ୍ରଶ୍ନ.... କିଛି ଜଣ ଗୁଗୁଲ ସର୍ଚ୍ଚ ଜାରି ରଖିଛନ୍ତି ଆଜିବି । ତେବେ ଉତ୍ତର ହେଉଛି ନା ଏହା କୌଣସି ଶାରୀରିକ କିମ୍ବା ମାନସିକ ରୋଗ ବ୍ୟାଧି ନୁହ । ସତ୍ତା ଓ କ୍ଷମତାର ଦ୍ୱିତୀୟ ସର୍ବ ବୃହତ ଶକ୍ତି କେନ୍ଦ୍ର ଯାହାକି ନିର୍ବାଚିତ ପ୍ରତିନିଧି ଯିଏକି ଲୋକଙ୍କ ଦ୍ୱାରା ଏବଂ ବିଧାୟକ ଅବା ସାଂସଦ ମାନଙ୍କ ସର୍ବ ସମ୍ମତି କ୍ରମେ ଶାସନର ସର୍ବୋଚ୍ଚ ସ୍ଥାନରେ ବସିଥିବା ନେତା ବା ନେତ୍ରୀଙ୍କ ଉପରେ ସେହି ଦ୍ୱିତୀୟ ବ୍ୟକ୍ତିଙ୍କ ପ୍ରଭାବ । କହିବାକୁ ଗଲେ ରାହୁ ଓ କେତୁ ଗ୍ରସ୍ତ ସୂର୍ଯ୍ୟ ପରାଗ କିମ୍ବା ଚନ୍ଦ୍ର ଗ୍ରହଣ ହିଁ ବାହୁଲ୍ୟ ।

ଏ ସିଣ୍ଡ୍ରୋମ୍ ଆଜି ନୁହ ଅନେକ ବର୍ଷ ହେବ ଚାଲି ଆସିଛି । ନିକଟରେ କଂଗ୍ରେସ ନେତା ଭି କେ ହରିପ୍ରସାଦ କର୍ଣ୍ଣାଟକରେ ଆଗାମୀ ମୁଖ୍ୟମନ୍ତ୍ରୀ କିଏ ହେବ ନିଷ୍ପତ୍ତି ବିଷୟରେ ପ୍ରଶ୍ନ କରିବା ବେଳେ ସେ କହିଥିଲେ ବିଜେପି ହେଉଛି ନାଗପୁରରୁ ପରିଚାଳିତ (ଆରଏସ୍ଏସ୍ ଦ୍ୱାରା) କିନ୍ତୁ କଂଗ୍ରେସ ସବୁବେଳେ ହାଇକମାଣ୍ଡଙ୍କ ଦ୍ୱାରା ପରିଚାଳିତ । ସେ ଯାହା ନିଷ୍ପତ୍ତି ନେବେ ତାହା ହିଁ ହେବ । ତେବେ ଏଠି ପ୍ରଶ୍ନ ଉଠୁଛି ୨୦୦୪ ରୁ ୨୦୧୪ ଯାଏ ଥିବା ୟୁପିଏ -୧ ଏବଂ ୟୁପିଏ - ୨ ସରକାରକୁ କିଏ ପରିଚାଳନା କରୁଥିଲେ? ଭୂତପୂର୍ବ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହଙ୍କୁ ସମ୍ପୂର୍ଣ୍ଣ ଭାବେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶ ଅନୁସାରେ ହିଁ ପରିଚାଳିତ ହେବାକୁ ହେଉଥିଲା । କିଛି ବି ଫାଇଲ ପାସ ହେବା ପୂର୍ବରୁ '୧୦ ଜନପଥ'ରେ ହିଁ ଆଗ ଚର୍ଚ୍ଚା ହେବ ଯାହାକି କଂଗ୍ରେସର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ବାସଭବନ। ଏହି କଥା ସଞ୍ଜୟ ବାରୁଙ୍କ ରଚିତ 'ଦ ଆକ୍ସିଡେଣ୍ଟାଲ୍ ପ୍ରାଇମ ମିନିଷ୍ଟର' ପୁସ୍ତକରେ ମଧ୍ୟ ଦେଖିବାକୁ ମିଳିଛି ।

ଏବେ ଆସନ୍ତୁ ଜାଣିବା ଶଶିକଳା ଓ ଜୟଲଳିତାଙ୍କ ବିଷୟରେ । ସ୍ୱର୍ଗତ ଜେ. ଜୟଲଲିତା ହେଉଛନ୍ତି ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ । ଦେଶର ପ୍ରଥମ ମହିଳା ଅଭିନେତ୍ରୀ ଭାବେ ସେ ପ୍ରଥମେ ତାମିଲନାଡୁ ବିଧାନସଭାରେ ବିରୋଧୀ ଦଳ ନେତ୍ରୀ ପରେ ମୁଖ୍ୟମନ୍ତ୍ରୀ ହୋଇଥିଲେ ।

ଭି. କେ. ଶଶିକଳା - ଜୟଲଲିତାଙ୍କ ପୂର୍ବତନ ବାନ୍ଧବୀ, ସହଯୋଗୀ ତଥା ପ୍ରତିଟି ବିଷୟରେ ତାଙ୍କର ମତାମତ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଏକ ରକମ୍‌ର କ୍ଷମତା କେନ୍ଦ୍ର ଥିଲା ପୋସ୍ ଗାର୍ଡ଼ନେ । ଯେଉଁଠି ସମସ୍ତେ ମୁଣ୍ଡ ନୁଆଁଉ ଥିଲେ । ନିଜର ଉତ୍ତରାଧିକାରୀ ନଥିବା ଜୟଲଲିତାଙ୍କ ଖୁବ୍ ବିଶ୍ୱସ୍ତ ଥିଲେ ଶଶିକଳା । ତେବେ ଶଶିକଳା ନିଜର ସ୍ୱାମୀ ଏମ୍. ନଟରାଜନ୍ ଏବଂ ଏକ ୧୩ଜଣିଆ କୋଟେରୀ ଗ୍ରୁପ ଜୟଲଲିତାଙ୍କୁ କିପରି ସ୍ଲୋ ପୋୟଜନ୍ ଦେଇ ହତ୍ୟା କରିବେ ତାହା ଷଡଯନ୍ତ୍ର କରିଥିଲେ । ଏକ ବୈଠକ ଶେଷରେ ଅନୌପଚାରିକ ଭାବେ ସେତେବେଳର ଗୁଜୁରାଟ ମୁଖ୍ୟମନ୍ତ୍ରୀ ତଥା ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଜୟଲଲିତାଙ୍କ ସହ ଚର୍ଚ୍ଚା କରୁଥିଲେ ହଠାତ ତାଙ୍କୁ ଦେଖି କହିଥିଲେ ଆପଣଙ୍କ ଶରୀର ଦିନକୁ ଦିନ ନୀଳ ପଡିବାରେ ଲାଗିଛି, ସଠିକ୍ ଭାବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ମୋଦୀଙ୍କ ପରାମର୍ଶ ଗ୍ରହଣ କରି ଜୟଲଲିତାଙ୍କୁ ଦିଆଯାଉଥିବା ଖାଦ୍ୟ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁଥିରେ ସ୍ଲୋ ପୋୟଜନ୍ ଦିଆଯାଉଥିବା ରିପୋର୍ଟରେ ଆସିଥିଲା । ତାଙ୍କ ମୃତ୍ୟୁର ଏପରି ନୀଳ ନକ୍ସା ପ୍ରସ୍ତୁତ କରିବାର କାରଣ ବିଷୟରେ ତଦନ୍ତ ଆରମ୍ଭ କରିଥିଲେ ଜୟଲଲିତା । ଯାହା ସ୍ପଷ୍ଟ କରିଥିଲା ଶଶିକଳା ନିଜର ସ୍ୱାମୀ ଏମ୍. ନଟରାଜନ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଏପରି ହୀନ ଚକ୍ରାନ୍ତ କରିଥିଲେ । ଏହା ଜାଣି ଶଶିକଳା ଓ ଅନ୍ୟ ମାନଙ୍କୁ ୨୦୧୧ମସିହାରେ ଏଆଇଏଡିଏମକେ ଦଳ ତଥା ପୋସ୍ ଗାର୍ଡେନରୁ ବହିଷ୍କାର କରିଥିଲେ ଜୟଲଲିତା । ମାତ୍ର ବନ୍ଧୁତାକୁ ଆଖି ଆଗରେ ରଖି ସେ ଶଶିକଳାଙ୍କ ବିରୋଧରେ କେସ୍ ଦୟାର କରିନଥିଲେ । ତେବେ ପରବର୍ତ୍ତୀ ସମୟରେ ଶଶିକଳା ନିଜର ଭୁଲ ସ୍ୱୀକାର କରିବା ସହ ପୋସ୍ ଗାର୍ଡେନକୁ ଫେରିଥିଲେ । ନାଟକୀୟ ଘଟଣା କ୍ରମରେ ହଠାତ ତାମିଲନାଡୁର କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଜୟଲଲିତା, ୨୨ ସେପ୍ଟେମ୍ବର ୨୦୧୬ରୁ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ୫ ଡିସେମ୍ବର ୨୦୧୬ରେ ପରଲୋକ ଗମନ କରିଥିଲେ, ଯାହାକି ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା ଏବଂ ଆଜିବି ରହସ୍ୟ ଘେରରେ । ଏଠି ପ୍ରଶ୍ନ ଉଠୁଛି ଏତେ ଦିନ ଧରି ଜଣେ ମୁଖ୍ୟମନ୍ତ୍ରୀଙ୍କ ଚିକିତ୍ସା କଣ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ହସ୍ପିଟାଲରେ ହେଉଥିଲା? କଣ ଅନ୍ୟ ବିଶ୍ୱସ୍ତରୀୟ ହସ୍ପିଟାଲ କିମ୍ବା ଏମ୍ସ ନଥିଲା ? ଜୟଲଲିତାଙ୍କ ଚିକିତ୍ସା କଣ ବିଦେଶରେ ହୋଇପାରିନଥାନ୍ତା ଓ. ପନୀର ସେଲଭମ୍ ମୁଖ୍ୟମନ୍ତ୍ରୀ ହେବା ଯାଏ ଜୟଲଲିତା ହସ୍ପିଟାଲରେ ଥିଲେ, ତାହେଲେ ରାଜ୍ୟ ପରିଚାଳନା କିଏ କରୁଥିଲେ? ଜୟଲଲିତା ୪ ଡିସେମ୍ବର ନା ୫ ଡିସେମ୍ବରରେ ମୃତ୍ୟୁ ବରଣ କରିଥିଲେ ତାହା ମଧ୍ୟ ଅସ୍ପଷ୍ଟ । କହିବାକୁ ଗଲେ ଜୟଲଲିତାଙ୍କ ଛାୟା ହୋଇ ରହୁଥିବା ଶଶିକଳା ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏ ସବୁ ବିଷୟରେ ଚୁପ୍ କଣ ପାଇଁ ରହିଲେ, ଏମିତି ଅନେକ କିଛି ।

ତେବେ ସାମ୍ପ୍ରତିକ ସମୟରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟ କରିବା ଏକ ରକମ କଷ୍ଟ ହୋଇଯାଇଥିବା ବେଳେ ଏକ ନିର୍ଦ୍ଦିଷ୍ଟ କୋଟେରୀ ଗ୍ରୁପ ହିଁ ରାଜ୍ୟକୁ ପରିଚାଳନା କରୁଛି, ଯାହାକି ବିରୋଧୀ ଦଳ ଅଭିଯୋଗ ଆଣୁଥିବା ବେଳେ ୨୦୦୦ରୁ୨୦୦୯ ମସିହା ଯାଏ ସମ୍ପୂର୍ଣ୍ଣ ସକ୍ରିୟ ଥିବା ନବୀନ ବାବୁ ହଠାତ ନିଜର ଆଭିମୁଖ୍ୟ ପରିବର୍ତ୍ତନ କରିବା ଦେଖାଯାଇଛି ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)





## ସଂଜ୍ଞା


ଦୀପକ କୁମାର ମିଶ୍ର




ଅଙ୍ଗାରକୁ ଭାଙ୍ଗି
ଖୋଜେ ନିଆଁର ତାତ୍ପର୍ଯ୍ୟ
ଇଂଚାରି ପାଉଁଶ ଗଦାକୁ
ଜାଣେ ଜୀବନ ଅସ୍ତିତ୍ୱ,
ଅସ୍ତରାଗ ଫୁଟିଉଠେ
ନଏଁ ଯେବେ ସୂର୍ଯ୍ୟ
ଉଦିତ କିରଣ ବି ଫେରାଇନିଏ ମୁହଁ
ଅଧବାଟରେ ଜୀବନ ହାତ ଛାଡିଦିଏ
ଜିଇଁବା ଶିଖେଇଯାଏ
ସତରେ ମୃତ୍ୟୁର ଦର୍ଶନ ।

ଗାଢ଼ ଚୁମ୍ବନର ତଳେ
ଲୁଚିରହେ ସର୍ପର ଦଂଶନ
ଦଂଶନ ବି ଆବଶ୍ୟକ
ଚିହ୍ନିବାକୁ ଏ ଜୀବନ,
ଗୋଲାପର ମୂଲ୍ୟ ବଢ଼େ
କଣ୍ଟାର ଆବେଶେ
ଅନାଘାତେ ମିଳେନାହିଁ
ପ୍ରେମ ବ୍ୟଞ୍ଜନର ସ୍ୱାଦ ।

ଧୂଳି ଖୋଜେ ପରମାୟୁ
ମୃଣ୍ମୟ ମୂର୍ତ୍ତିରେ
ଅସହାୟ କଣିକା ହୁଏ ଶକ୍ତିଶାଳୀ
ଯେବେ ମାଟିର ପିତୁଳା
ପାଏ ମନ୍ତ୍ରସିଦ୍ଧ ଜୀବନ୍ୟାସ ।

ବିସର୍ଜିତ ଫୁଲ ବି କହେ
ଜୀବନର ମନ୍ତ୍ର
ମାଟି ବି ଯାଚିତ ଏଠି ମୃତ୍ୟୁ ଉପହାର
ବୋଳାହୁଏ ସିନା ଦେହରେ ବିଦାୟ
ଚନ୍ଦନ
ଆଣ୍ଠୁଏ ନିଅଣ୍ଟ ପାଣିରେ
କୁହ କେବେ ହେବକି ମରଣ ।


ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ଭଲ ମନ୍ଦ


ନିରାକାର ଚଇନି




ଗୋଟିଏ ମାଆର ଦୁଇଟି ସନ୍ତାନ
ନାମ ତାଙ୍କ ଭଲ ମନ୍ଦ
ଭଲର ଅନ୍ତର ମମତାରେ ଭରା
ମନ୍ଦର କପଟ ଛନ୍ଦ।

ଭଲଟି ଅଟଇ ଭାରି ଶୃଙ୍ଖଳିତ
କର୍ତ୍ତବ୍ୟରେ ଦିଏ ଧ୍ୟାନ
ଆଳସ୍ୟରେ ମନ୍ଦ ବିତାଏ ସମୟ
ଶୂନ୍ୟ ତା'ର ବୁଦ୍ଧି ଜ୍ଞାନ।

ଭଲ ସରବଦା ଅସହାୟ ପାଇଁ
ବଢ଼ାଏ ସାହାଯ୍ୟ ହାତ
ମନ୍ଦର ମଥାରେ କୁତ୍ସିତ ଭାବନା
ଖୋଳେ ପର ପାଇଁ ଗାତ।

ସତ୍ୟ ଶାନ୍ତି ଦୟା କ୍ଷମାର ସୁଗୁଣେ
ଭଲ ବାସେ ମହମହ
ଅସତ୍ୟ ଅନ୍ୟାୟ ଅନୀତି ପଥରେ
ମନ୍ଦ ଚାଲେ ଅହରହ।

ଭଲ ଯେଉଁ କାର୍ଯ୍ୟ କରିଥାଏ,ମନ୍ଦ
କରେ ତା'ର ବିପରୀତ
ଭଲ ସଙ୍ଗେ ରହିଥାନ୍ତି ସାଧୁଜନ
ମନ୍ଦଟିର ଖଳ ମିତ।

ଭଲ ଲଭିଥାଏ କୋଟିଏ ପ୍ରଶଂସା
ମନ୍ଦ ପାଏ ଅପଯଶ
ତେଣୁ, ଭଲ ପଥ ଅନୁସରି ସର୍ବେ
ମୁଖେ ଫୁଟେଇବା ହସ।


ଶିକ୍ଷକ, ସରକାରୀ ପ୍ରାଥମିକ
ବିଦ୍ୟାଳୟ ସୁବୁଦ୍ଧିସାହି
ଜଗମୋହନପୁର ତେଲକୋଇ
କେନ୍ଦୁଝର - ୮୪
ମୋ : ୮୨୪୯୩୮୭୯୭୩


## ପ୍ରୀତି ପ୍ରଣୟ...


ଯୁଧିଷ୍ଠିର କୁଅଁର


ପ୍ରୀତି ପ୍ରଣୟ....(ଏକପଦୀ )
ପ୍ରୀତି ନୁହେଁ ତୁଚ୍ଛ ପ୍ରେମ ପରିଣତି
ମୋହିନୀ ମୋହିତ ମାୟା।

ପ୍ରୀତି ଶୁଦ୍ଧପୂତ କାମନା ରହିତ
ପରାଣେ ପ୍ରଣୟ ଛାୟା ।

ପ୍ରୀତି ଯେ ନିଆରା ସଙ୍କଟେ ସାହାରା
ସପନ ସଲିଳ ସାଥୀ।

ପ୍ରଣୟ ପ୍ରଜ୍ୱଳ ବିଶ୍ୱାସ ବଳିତା
ଦିନାନ୍ତକ ଦୀପ ଦ୍ୟୁତି ।

କେ ଭାଷଇ ପ୍ରୀତି ରୂପମା ମାଧୁରୀ
ଗୁଣମୁଗ୍ଧ ଗୁଣବେତ୍ତା

ପ୍ରୀତି ଅପରୂପ ଅରୂପ ଅସ୍ମିତା
ପ୍ରଣୟିନୀ ପ୍ରାଣ ସତ୍ତା

ପ୍ରୀତି ଭଷା ଶୂନ୍ୟ ଭାବନା ବିଭବ
କଥା କୁମୁଦିନୀ କଳି।
ପ୍ରଣୟ ପ୍ରଗଲ୍ଭ ନିଶୀଥ ବିଦଗ୍ଧ
କାବ୍ୟିକ ପୀୟୂଷାଞ୍ଜଳି ।

ତ୍ରିଭୁବନେ ପ୍ରୀତି ଶାଶ୍ୱତ ସମ୍ପତ୍ତି
ଅତୁଳ ଅଥଳ ସିନ୍ଧୁ।
ପ୍ରଣୟ ପ୍ରାଣଦ ପୀୟୂଷ ପରାର୍ଥ
ପରାଣ ପ୍ରଣତ ଇନ୍ଦୁ ।


ଡଗରପଡଆ, ବାଲେଶ୍ୱର
ମୋ:୯୦୪୦୬୩୨୧୯୪


## ଖଳନାୟକ


ଦିବାକର ନାୟକ




ରଙ୍ଗ ମଞ୍ଚର ଖଳନାୟକ ସେ
ଓଠରେ ତା ଅଟହାସ
ପାଷାଣ ହୃଦୟ ବିଭୀଷିକା ରଚେ
ନାହିଁ ଟିକେ ଅବସୋସ ।
ଯେତେ ଅବଳାର ଇଜ୍ଜତ ଲୁଟେ ସେ
ସେତେ ଘନଘନ ତାଳି
ମାଳି ସାମନାରେ ପାଦରେ ଦଳେ ସେ
କେତେ ଫୁଲ ଆଉ କଳି
ପରିଣାମ ତା'ର ଦାରୁଣ ମରଣ
କପାଳେ ତା ଅପଯଶ ।
ଉପଢଉକନ ଲଭିଛି ସିନା ସେ
ଶ୍ରେଷ୍ଠ ଅଭିନୟ ପାଇଁ
ହେଲେ ଦୁନିଆର ଅନୀତି ଦେଖି ସେ
ଆଉ ସହିପାରୁ ନାହିଁ
ତା ଘର ସପନ ପୂରିବା ଆଗରୁ
ରାତି ହୋଇଯାଏ ଶେଷ ।
ପେଶାଦାର ଏଇ ମନ ତଳେ ତା'ର
ମଣିଷ ପଣିଆ କହେ
ଖଳନାୟକଠୁ ନାୟକର ଖଳ
ତିଳତିଳ ନିତି ଦହେ
ଜୀବନ-ମଞ୍ଚରେ ଶେଷ ଯବନିକା
ଦେଉ ତାକୁ ଟିକେ ହସ ।


ପାଟପୁର, କନିସି, ଗଞ୍ଜାମ
ମୋ-୯୯୩୮୬୧୯୯୮୧



# ଫୁଲଝରି



# ଧ୍ୱନି ପ୍ରତିଧ୍ୱନି



## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୮୭)

## ଶ୍ରୀରାମଙ୍କ ଅଯୋଧ୍ୟା ଗମନ



କାର୍ତ୍ତିକ ସାଇଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିଭୀଷଣଙ୍କ ରାଜ୍ୟାଭିଷେକ ସରିଥିଲା। ରାମ ସୀତାଙ୍କ ଭେଟ ହୋଇ ସାରିଥିଲା। ଶ୍ରୀରାମଙ୍କ ଚଉଦ ବର୍ଷର ବନବାସ ମଧ୍ୟ ସରି ଆସୁଥିଲା। ମିନା ଅପା ରାମାୟଣ କଥା ଆରମ୍ଭ କଲେ। ଏହି ସମୟରେ ଶ୍ରୀରାମ ଭରତଙ୍କୁ ଦେଇଥିବା କଥା ସ୍ମରଣ କଲେ। ଶ୍ରୀରାମଙ୍କୁ ବନବାସରୁ ଫେରାଇ ନେବାକୁ ଭରତଙ୍କୁ ଦେଇଥିବା କଥା ସ୍ମରଣ କଲେ। ଶ୍ରୀରାମଙ୍କୁ ବନବାସରୁ ଫେରାଇ ନେବାକୁ ଭରତ ଚିତ୍ରକୂଟକୁ ଆସିଥିଲେ। ଅଯୋଧ୍ୟାକୁ ଫେରିଯିବାକୁ ସେ ଶ୍ରୀରାମଙ୍କୁ ଆକୁଳ ପ୍ରାର୍ଥନା କରିଥିଲେ। ମାତ୍ର ପିତୃସତ୍ୟ ପାଳନ କରିବାକୁ ଶ୍ରୀରାମ ଦୃଢ଼ ଥିଲେ। ଶ୍ରୀରାମଙ୍କ ପାଦୁକା ନେଇ ଭରତ ଅଯୋଧ୍ୟା ଫେରିଯାଇଥିଲେ। ଫେରିବା ଆଗରୁ ସେ ଶ୍ରୀରାମଙ୍କୁ ଏ କଥା କହିଯାଇଥିଲେ- "ହେ ଜ୍ୟେଷ୍ଠଭ୍ରାତା ଯେଉଁଦିନ ଚଉଦ ବର୍ଷ ପୂରିବ, ସେଇଦିନ ତୁମେ ମୋତେ ଦର୍ଶନ ଦେବ। ତୁମ ଦର୍ଶନ ନପାଇଲେ ମୁଁ ସତ୍ୟ କରୁଛି, ଅଗ୍ନିରେ ଝାସ ଦେଇ ପ୍ରାଣତ୍ୟାଗ କରିବି।

ଶ୍ରୀରାମ କଥା ମିତ୍ର ସୁଗ୍ରୀବ ଓ ରାଜା ବିଭୀଷଣଙ୍କୁ କହିଲେ ଓ ତୁରନ୍ତ ତାଙ୍କର ଅଯୋଧ୍ୟା ଯିବାର ବ୍ୟବସ୍ଥା କରିବାକୁ ଅନୁରୋଧ କଲେ।

ବିଭୀଷଣ ସଂଗେ ସଂଗେ ଶ୍ରୀରାମଙ୍କୁ ପୁଷ୍ପକ ବିମାନରେ ଯାତ୍ରା କରିବାକୁ ଅନୁରୋଧ କଲେ। 'ବଡ଼ ଭାଇ ରାବଣ କୁବେରଙ୍କୁ ପରାସ୍ତ କରି ଏହି ପୁଷ୍ପକ ବିମାନ ନେଇ ଆସିଥିଲେ। ଏହି ବିମାନ ବଳରେ ସେ ତିନି ଭୁବନ ଭ୍ରମଣ କରି ସମସ୍ତଙ୍କୁ ପରାସ୍ତ କରିଥିଲେ। ଏବେ ଏହି ବିମାନ ଆପଣଙ୍କୁ ନେଇ ଅଳ୍ପ ସମୟରେ ଅଯୋଧ୍ୟାରେ ପହଂଚିବ।" କହିଲେ ବିଭୀଷଣ।

ସଂଗେ ସଂଗେ ପୁଷ୍ପକ ବିମାନ ପ୍ରସ୍ତୁତ ହୋଇଗଲା। ଶ୍ରୀରାମ ବିଭୀଷଣ ଓ ସୁଗ୍ରୀବଙ୍କ ନିଜ ନିଜ ରାଜ୍ୟକୁ ଯାଇ ଶାସନ କରିବାକୁ କହିଲେ। ମାତ୍ର ସେମାନେ ସମସ୍ତେ ଶ୍ରୀରାମଙ୍କ ସହିତ ତାଙ୍କ ସାଙ୍ଗରେ ଅଯୋଧ୍ୟା ଯିବାକୁ ଅନୁରୋଧ କଲେ। ଶ୍ରୀରାମ ସମସ୍ତଙ୍କୁ ଅଯୋଧ୍ୟା ଯିବା ଲାଗି ନିମନ୍ତ୍ରଣ କଲେ।



ପୁଷ୍ପକ ବିମାନରେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ଅନ୍ୟ ସମସ୍ତ ସେନାନୀ ବସିଲେ। ପୁଷ୍ପକ ବିମାନ ଆକାଶକୁ ଉଠିଲା। ସୁନ୍ଦର ଥିଲା ସେ ଦୃଶ୍ୟ। ବାଟରେ ଅଯୋଧ୍ୟା ଆଡ଼େ ଗଲାବେଳେ ଶ୍ରୀରାମ ସୀତାଙ୍କୁ ସବୁ ଦୃଶ୍ୟ ଦେଖାଇ ଦେଲେ ଓ କେଉଁଠାରେ କଣ ହୋଇଥିଲା ମନେ ପକାଇ ଦେଲେ। ବନ୍ଧୁ ବତ୍ସଲ୍ୟ ଶ୍ରୀରାମ କିଷ୍କିନ୍ଧ୍ୟାରେ ଅବତରଣ କରି ସୁଗ୍ରୀବଙ୍କ ପତ୍ନୀ ଓ ବଂଧୁ ବାନ୍ଧବଙ୍କୁ ଦେଖାକଲେ ଓ ସେମାନଙ୍କୁ ସାଂଗରେ ନେଇ ଅଯୋଧ୍ୟା ଦିଗରେ ଯାତ୍ରା କଲେ।



ଚଉଦ ବର୍ଷ ପୁରିବାକୁ ଗୋଟେ ଦିନ ବାକିଥାଏ। ଶ୍ରୀରାମ ଭରଦ୍ୱାଜ ଋଷିଙ୍କ ଆଶ୍ରମରେ ଅବତରଣ କଲେ ଓ ମୁନିଙ୍କୁ ଯଥାମାନ୍ୟ ହେଲେ। ବନବାସ ଆରମ୍ଭ ବେଳେ ଶ୍ରୀରାମ ଭରଦ୍ୱାଜ ମୁନିଙ୍କୁ ଦେଖା କରିଥିଲେ ଓ ତାଙ୍କ ଆର୍ଶୀବାଦ ନେଇ ବନବାସ ଆରମ୍ଭ କରିଥିଲେ। ବୀର ହନୁମାନଙ୍କ ମନରେ ସାମାନ୍ୟ ଗର୍ବ ଆସିଯାଇଥିଲା। ସେ ଭାବୁଥିଲେ ଯେ ରାବଣ ଯୁଦ୍ଧରେ ସେ ହିଁ ଅଧିକ ଯୋଗଦାନ କରିଛନ୍ତି। ସେ ଲଙ୍କା ଯାଇ ପ୍ରଥମେ ଅଶୋକ ବନରେ ମାତା ସୀତାଙ୍କୁ ଠାବ କରିଥିଲେ ଓ ଲଙ୍କା ପୋଡ଼ି ରାବଣ ମନରେ ଭୟ ସୃଷ୍ଟି କରିଥିଲେ।

ହନୁମାନଙ୍କ ମନରେ ଉଦ୍ରେକ ହୋଇଥିବା ଗର୍ବ କଥା ଶ୍ରୀରାମ ଜାଣିପାରିଲେ। ଭକ୍ତ ମନରୁ ଗର୍ବ ଦୂର କରିବାକୁ ଶ୍ରୀରାମ ହନୁମାନଙ୍କୁ ଭରଦ୍ୱାଜ ଆଶ୍ରମ ପାଖ ବସ୍ତିକୁ ପଠାଇଲେ ଓ ସେଠାରୁ ଯଥେଷ୍ଟ ଫଳମୂଳ ଭକ୍ଷଣ କରିବାକୁ କହିଲେ।

ହନୁମାନ ଖୁସିରେ ଅରଣ୍ୟ ଭିତରେ ପ୍ରବେଶ କଲେ। ସେ ଦେଖିବାକୁ ପାଇଲେ ଯେ ଜଙ୍ଗଲର ପଶୁପକ୍ଷୀ ଡରରେ ବିଭିନ୍ନ ଦିଗକୁ ଲୁଚିବାକୁ ଯାଉଛନ୍ତି। ହନୁମାନ ଆଶ୍ଚର୍ଯ୍ୟ ହେଲେ। ସେ ପଶୁମାନଙ୍କୁ ପଚାରି ଏ କଥା ଜାଣିଲେ ଯେ ଗୋଟେ ରାକ୍ଷସ କବନ୍ଧ ଆଜି ଆସୁଛି। ସେ ବର୍ଷକରେ ଥରେ ଜାଗ୍ରତ ହୁଏ ଓ ସେ ଦିନ ସେ ଯାହାକୁ ପାଏ ତାକୁ ଖାଏ। କବନ୍ଧରର ଆଠଟି ହାତ। ପ୍ରତି ହାତ ଗୋଟେ ଗୋଟେ ଗୁଆ ଗଛ ପରି। ହନୁମାନ ପଶୁମାନଙ୍କୁ ଆଶ୍ୱାସନା ଦେଲେ ଯେ ସେ କବନ୍ଧ ରାକ୍ଷସକୁ ମାରିଦେବ। ତେଣୁ ପଶୁପକ୍ଷୀ ନ ଡରି ଜଙ୍ଗଲରେ ରୁହନ୍ତୁ। ମାତ୍ର ତାଙ୍କ କଥା କେହି ମାନି ନଥିଲେ।

କିଛି ସମୟରେ କବନ୍ଧ ରାକ୍ଷସ ହନୁମାନଙ୍କ ସାମ୍ନାକୁ ଆସିଗଲା ଓ ଅତି ସହଜରେ ହନୁମାନଙ୍କୁ ତାର ଆଠ ହାତରେ ଧରିନେଇ ତା ମୁଖ ପାଖକୁ ନେଲା। ଏ କଥା ଦେଖି ହନୁମାନ ବଡ଼ ପାର୍ଟିରେ ଶ୍ରୀରାମଙ୍କୁ ପ୍ରାର୍ଥନା କଲେ। କବନ୍ଧ ରାକ୍ଷସ ମଧ୍ୟ ଶ୍ରୀରାମଙ୍କ ନାମ ଶୁଣି ଆଶ୍ଚର୍ଯ୍ୟ ହେଲା। ସେ ହନୁମାନଙ୍କଠାରୁ ଶ୍ରୀରାମଙ୍କ କଥା ଶୁଣି ତାଙ୍କୁ ଛାଡ଼ିଦେଲା। ଯିବା ଆଗରୁ ସେ ତାଙ୍କର ପରିଚୟ ଦେଇଗଲେ ଯେ ସେ ସତ୍ୟଯୁଗର ବଳି ମହାରାଜାଙ୍କ ସହଚର ଥିଲେ।

କବନ୍ଧ ରାକ୍ଷସ କବଳରୁ ହନୁମାନ ରକ୍ଷା ପାଇଲେ। ତାର କାରଣ ଥିଲା ସେ ଶ୍ରୀରାମଙ୍କ ଭକ୍ତ ଥିଲେ ଓ ଶ୍ରୀରାମଙ୍କ ନାମ ନେଉଥିଲେ। ଲଜ୍ଜିତ ହୋଇ ହନୁମାନ ଶ୍ରୀରାମଙ୍କ ପାଖକୁ ଆସିଲେ ଓ ସମସ୍ତ ବିବରଣୀ ଦେଲେ। ପ୍ରଭୁ ଶ୍ରୀରାମ ହନୁମାନଙ୍କୁ ସ୍ନେହରେ ଅନେଇଲେ। ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

## ମାଆର ପିଲା



ନଗେନ୍ଦ୍ର ନାଥ ପଟ୍ଟନାୟକ

ବାପା ମାଆଙ୍କର କୋଡପୋଛା ପୁଅ ରକ୍ଷିତ୍ । ବୟସ ମୋଟରୁ ଦଶବର୍ଷ । ବାପା ମାଆଙ୍କ ବୋଲକୁ ମାନେ । କିନ୍ତୁ ମାମା ତାକୁ ବହୁତ ଭଲ ପାଆନ୍ତି, ଗେଲ କରନ୍ତି । ସ୍କୁଲଛୁଟି ପରେ ଘରେ ଅଧିକାଂଶ ସମୟ ସିଏ ମାଆ ସାଥିରେ ବିତାଇଥାଏ । ତା ବାପା ଅନେକ ସମୟରେ ଅଫିସ୍ ଗସ୍ତରେ ଥା'ନ୍ତି । ଯେତେବେଳେ ସେ ସ୍କୁଲର ଫେରିଆସେ ମାମା ସହିତ ଗପସପ କରେ, ଭଲମନ୍ଦ ପଚାରି ବୁଝେ। ମାମା ସହିତ ଖେଳାଖେଳି କରେ, ଉଭୟ ଘର ଭିତର ଆଉ ବାହାର ଖେଳରେ ମାତିଯାଏ । ଅଧକାଂଶ ସମୟରେ ଏମିତି ଦେଖାଯାଏ ପାର୍କରେ କୌଣସି ସାଙ୍ଗଦୋସ୍ତ ମିଳନ୍ତି ନାଇଁ । ଏଣୁ ମାମା ସହିତ ତା ଖେଳ ଖୁବ୍ ଜମେ । କ୍ରିକେଟ୍ ଫୁଟବଲ ଇତ୍ୟାଦି ଯୋଉ ଖେଳ ସେ ଖେଳିବାକୁ ଇଛାକରେ ମାମା ସହିତ ଖେଳିଥାଏ । ମାମା ବି ତା' ସହିତ ପିଲାଟିଏ ଭଳି ଖେଳରେ ମାତିଯା'ନ୍ତି।



ଦିନେ ସେ ସ୍କୁଲରେ ସାଙ୍ଗମାନଙ୍କ ସହିତ ମଧ୍ୟାହ୍ନ ଭୋଜନ କରୁଥିବା ବେଳେ ଅତି ପ୍ରିୟଖାଦ୍ୟ କଥା ଉଠିଲା । କିଏ ଇଡଲି ଦୋସା ଓ ଶିଙ୍ଗଡା କଥା ଉଠେଇଲା ତ କୋଉପିଲା ପିଜା ଓ ବର୍ଜର ସୁଆଦିଆ ଖାଦ୍ୟ କଥା କହିଲା। କିନ୍ତୁ ରକ୍ଷିତ ମୁରୁକି ମୁଚିକି ହସ ହସି କହିଲା - ମୋ ମାଆଙ୍କର ହାତ ତିଆରି ଖାଦ୍ୟ ସବୁ ମୋର ଭାରି ପ୍ରିୟ । ମୋର ମାଆ ଭାରି ବଢିଆ ଖାଇବା ତିଆରି କରନ୍ତି ।

ଏକଥା ଶୁଣି ତା ଦୋସ୍ତ ନିଖଲ ଠୋ ଠୋ ହସି ଗଡିଗଲା । ବଡ ପାଟିରେ କହିଲା -ହଁ ,ତା'ହେଲେ ତୁ ତୋ ମାଆର ପୁଅ । ମାଆର ପୁଅକୁ ତ କଲରା ପରିବା ବି ଭଲ ଲାଗୁଥିବ ।ସାଙ୍ଗ ନିଖଲ୍ ?ର ଏ କଟୁକଥା ଭଲ ଲାଗିଲା ନାଇଁ ରକ୍ଷିତକୁ । କିଛିଦିନ ଆଗରୁ ଖେଳ ଗୁରୁଜୀ କ୍ରିକେଟ ଟିମ୍ ପାଇଁ ଖେଳାଳୀ ବାଛିଥିଲେ । ସେ ସମୟରେ ରକ୍ଷିତ ନିଜ ତାଲିକାରେ ନିଜ ନାମକୁ ସାମିଲ କରିବାକୁ ଇଛା କଲାରୁ ନିଖିଲ କହିଲା –ସାର୍ ! ଯାର ନାମ ଲେଖନ୍ତୁ ନାଇଁ କାହିଁକି ନା ସେ ଘରକୁ ଗଲାପରେ ଯଦି ତା' ମାମା ମନା କରିଦିଅନ୍ତି ତେବେ ଆପଣଙ୍କ ଖେଳାଳି ଚୟନ ତାଲିକା ବେକାର ହୋଇଯିବ । ସେ ତା ମାମାଙ୍କୁ ନ ପଚାରି ପାଦେ ବି ଆଗେଇ ପାରିବ ନାଇଁ । ଖେଳ ଗୁରୁଜୀ ନିଖଲ୍ ?କୁ ବେଜାଏ ଗାଳିଗୁଲଜ କଲେ । ହେଲେ ରକ୍ଷିତ ବିଚରା ବହୁତ ହରକତ ହେଲା । ନିଖିଲ ତାକୁ ମାଆର ପୁଅ ବୋଲି ଚଡାଉଥିଲା ,ବାଟଘାଟରେ ଟାହି ଟାପରା କରୁଥିଲା । ଅନେକଥର ରକ୍ଷିତ ମାମାଙ୍କ ସହିତ ବଜାର ଯାଏ । ସବୁଜ ପନିପରିବା ଦୋକାନ ଯାଏ ,ଛନଛନିଆ ତଟକା ପନିପରିବା କିଣାକିଣି କରେ । ସଡକ ପାରି ହେଲାବେଳେ ମାମା ତା ହାତମୁଠାକୁ ଜାବୋଡି ଧରନ୍ତି । ଗଲାକାଲି ସେ ରାସ୍ତା ପାରି ହେବା ବେଳେ ମାମା ହାତମୁଠାରୁ ତା ହାତ ଖସିଗଲାରୁ ତା ମାମା ପୁଣି ତା ହାତକୁ କଷିକରି ଧରିନେଲେ । ରକ୍ଷିତ ଚିଡିଚିଡି ହେଇ କହିଲା -ମାମା, ଏବେ ମୁଁ ଏତେ ସାନ ନୁହେଁ। ରକ୍ଷିତ ଚେଷ୍ଟା କରୁଥିଲା ସେ ଏମିତି ବ୍ୟବହାର କରିବ ଯେମିତି କେହି ତାକୁ ଥଟ୍ଟାମଜ୍ଜାରେ ମାଆ ପିଲା କହି ଚିଡେଇବେ ନାହିଁ ।

ମାମା ଯୋଉ ଖାଇବା ବନାଉଥିଲେ ସେ ତାକୁ ଖାଉ ନ ଥିଲା । ବରଂ ମୁହଁ ଫୁଲେଇ କହୁଥିଲା -କଣ ମାମା, ରୋଜ୍ ରୋଜ୍ ସେଇ ଡାଲି ଭାତ ବନେଇ ଦେଉଛୁ । ଆଉ କଣ କିଛି ଖାଇବା ତିଆରି କରୁନୁ ?

ମାମା କହନ୍ତି -ପୁଅ ! ଡାଲି ଉତମ ସ୍ୱାସ୍ଥ୍ୟ ପାଇଁ ସନ୍ତୁଳିତ ଆହାର । ଆଉ ଦୋସରା ଖାଇବା କଣ କହ ମୁଁ ବନେଇ ଦେଉଛି । ରକ୍ଷିତ ଜାଣିଥଲା ମାମା ସତକଥା କହୁଛନ୍ତି, ହେଲେ ତା ସାମନାରେ ସାଙ୍ଗ ନିଖିଲ ତାକୁ ଟାହି ଟାପରା କରୁଛି । ରକ୍ଷିତ ଏମିତି କାହିଁକି କରୁଛି ଭାବି ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ମାମା । ପ୍ରତିଦିନ ରାତିରେ ମାମା ରକ୍ଷିତକୁ ନୂଆ ନୂଆ ଗପ କାହାଣୀ ଶୁଣାନ୍ତି । ଯେତେବେଳେ ମାମା ତାକୁ ମଜାଳିଆ କାହାଣୀ ଶୁଣାନ୍ତି ରକ୍ଷିତ ଶୋଇବାର ନାଟକ କରେ । ରକ୍ଷିତ ଏମିତି କାହିଁକି ହେଉଛି ବୋଲି ଚିନ୍ତାକରି ମାମା ବହୁତ ମନଦୁଃଖ କଲେ । ଭାବୁଥିଲେ କାହାଣୀ ନ ଶୁଣ ତ ରକ୍ଷିତ କେବେ ବି ନିଦ ମାଉସୀ କୋଳରେ ଶୋଇଯାଏ ନାହିଁ । ହେଲେ ରକ୍ଷିତ ଆଖିରେ ନିଦ କୁଆଡେ ହଜିଯାଇଥିଲା । ଏମିତି କାହିଁକି ହେଲା ସେ ଖୋଦ୍ ବୁଝିପାରି ନ ଥିଲା । ରାତି ତମାମ ଅନିଦ୍ରା ହୋଇ ବିଛଣାରେ ଛଟପଟ ହେଲା ।

ସ୍କୁଲରେ ରକ୍ଷିତ ଟିକେ ଆରାମ ଅନୁଭବ କରୁଥିଲା କାହିଁକିନା ତାକୁ ମାଆର ପୁଅ ବୋଲି ଥଟ୍ଟା କରୁଥିବା ନିଖିଲ ଚାରିଦିନ ହେବ ସ୍କୁଲକୁ ଆସି ନ ଥିଲା । କଣ ଭାବିଲା କେଜାଣି ସେ ମାଛି ଅନ୍ଧାର ବେଳକୁ ନିଖିଳ ଘର ଆଡେ ମୁହାଁଇଲେ । ନିଖିଲର ଖିଲିଖିଲି ହସ ତା' କାନରେ ବାଜିଲା । ହେଲେ ସେ ହସ ସେଭଳି ନ ଥିଲା ଯୋଉ ହସ ସେ ତାକୁ ଚିଡେଇଲା ବେଳେ ହସୁଥିଲା । ସେ ନିଖିଲର ଘରବେଲ୍ ଚିପିଲାରୁ ନିଖିଲ ଦରଜା ଫିଟେଇଲା । ରକ୍ଷିତ ପଚାରିଲା -ତୁ ସ୍କୁଲ ଯାଉନୁ କାଇଁକି ? ନିଖିଲ ବଡପାଟିରେ କହିଲା -ମୋ ମାମା ଆସିଛନ୍ତି . . . .ମୋ ମାମା ଗୋଇନ୍ଦା ସଂସ୍ଥାରେ ଚାକିରି କରନ୍ତି । ଛ ମାସରେ ମାତ୍ର ଥରୁଟିଏ ମତେ ଭେଟିବାକୁ ଆସନ୍ତି । ରକ୍ଷିତ ଦେଖିଲା ନିଖିଲ ଆଉ ତା ମାମା ଦୁହେଁ ଖୁସିରେ ବିଭୋର । ଆଂଟି ନମସ୍କାର ବୋଲି କହିଲା ରକ୍ଷିତ । ଅବାକ ହେଇ ପଚାରିଲା -ଆଂଟି ତ ଏଇଠି ତ ରହୁନାହାନ୍ତି , ଆଉ ତୁ କାହା ସାଥିରେ ରହୁଚୁ ? ରକ୍ଷିତ କହିଲା -ଜେଜେ ଜେଜେମା ଆଉ ବାପାଙ୍କ ସାଥିରେ ରହୁଚି । କଣ ଭାବିଲା କେଜାଣି ରକ୍ଷିତ ସାମାନ୍ୟ ହସ ହସି କହିଲା - ଆଛା ,ତୁମେ ବି କିଛିଦନ ପାଇଁ ମାଆର ପୁଅ ହୋଇଯାଉଚ । ନିଖିଲ ମୁରୁକି ମୁରୁକି ହସ ଉଛୁଳାଇ କହିଲା -ଦୋସ୍ତ, ମୁଁ କ'ଣ ସବୁବେଳେ ମାଆର ପିଲା ହୋଇ ରହିଛି ,ଠିକ୍ ଯେମିତି ତୁମପରି । ଏକଥା ଶୁଣି ରକ୍ଷିତ ପଚାରିଲା -ଫେର ତୁମେ ମତେ ଚଡାଉଥଲ କାଇଁକି ? ନିଖିଲ କହିଲା -ସରି ସାଙ୍ଗ, ଯେତେବେଳେ ମୁଁ ମାମାଠାରୁ ଦୂରେଇ ରହୁଥିଲି ତୁମ ମୁହଁରୁ ବାରମ୍ବାର ମାମା ଶବ୍ଦ ଶୁଣି ଅସ୍ଥିର ହୋଇ ଉଠୁଥିଲି । ମୋର ମୋ ମାମା କଥା ଭାରି ପଡିଥିଲା । ରକ୍ଷିତ ସାଙ୍ଗେ ସାଙ୍ଗେ ଉଠିପଡିଲା ଓ ଝଡ ବେଗରେ ନିଜ ଘର ଆଡେ ମୁହାଁଇଲା । ସେ ଭାବୁଥଲା ନିଖିଲ କଥାରେ ଭଳିଯାଇ ମୁଁ ମୋ ମାମା ମନକୁ ଖୁବ୍ ଆଘାତ ଦେଇଛି । ଦରଜା ଖୋଲିବା ମାତ୍ରେ ସେ ମାମା କୋଳରେ ଲୋଟିପଡିଲା । ମାମା ମୁହଁକୁ ସେ ଏକଲୟରେ ଅନେଇ ରହିଲା । କେତେ ଉଦାସ ଦିଶୁଥଲା ମାଆ ତାର । ଲାଗୁଥିଲା ମାଆ ଯେମିତି ତା ଭଳି ରାତିସାରା ଉଜାଗର ରହିଛି । ମାମାଙ୍କ ଆଗରେ ଟିକିନିଖି କଥା ବଖାଣି ସାରିବା ପରେ ହାତ ଯୋଡି ସରି ବୋଲି କହିଲା ରକ୍ଷିତ । ଶପଥ କଲା -ଏଣିକି ଆବୁରୁଜାବୁରୁ କଥା ଶୁଣିବି ନାହିଁ ଏବଂ ନିଜ ଉପରେ ବିଶ୍ୱାସ ରଖିବି । 'ମଦର ଡେ' ଉପଲକ୍ଷେ ରକ୍ଷିତ ତା ମାମା ପାଇଁ ଖୁବ୍ ସୁନ୍ଦର କାର୍ଡଟିଏ ବନେଇଥିଲା । ତହିଁରେ ଲେଖାଥିଲା -ମାଆର ପିଲା ।

+ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡିଶା ସରକାର , ଓସ୍କାର ସିଟି, ଲକ୍ଷ୍ମୀସାଗର
କେନାଲ ରୋଡ,ଭୁବନେଶ୍ୱର
ମୋ-୯୪୩୮୩୩୩୨୧୩୮

## କବିତା

ତୁମ ପାଇଁ

### ମା' ପାଇଁ ଗୀତଟିଏ

**ଶରତ କୁମାର ଦାସ**



ଦୁଃଖ ଯିଏ ନେଇ ସୁଖ ଦିଏ ଭରି
ମମତାମୟୀ ସେ ମାଆଟି ମୋର,
ମୋ' ଛାତି ଭିତରେ ଲେଖା ତା' ନାଆଁଟି
ବାନ୍ଧି ଦିଏ ତା'ର ସେନେହ ଡୋର ।

କି ଗୀତ ଲେଖିବି ମା' ପାଇଁ ମୁଁ ଯେ
ମା' ପରା ନିଜେ ମୋ ପାଇଁ ଗୀତ,
ଭାରି ମିଠା ମିଠା ତା' କୋମଳ ସ୍ୱର
ସବୁଠୁ ସରସ ସେ ମୋ'ର ମିତ ।

ଜଗତରେ ସିଏ ଭାରି ଆପଣାର
ତାଆ ଠାରୁ ଆଉ ବଳି କେ କାହିଁ,
ତା' କଅଁଳ ଡାକେ ମଧୁ ବରଷଇ
ରାଗ ଅଭିମାନ ଛୁଅଇଁ ନାହିଁ ।

ମୋ' ହସରେ ସିଏ ହସେ କିରିକିରି
ମୋ' ଲୁହରେ ସିଏ ଝାରଏ ଲୁହ,
ମୁଁ ଖାଇଲେ ପରା ତା' ପେଟ ପୂରଇ
ଓଠରୁ ତା' ଝରେ ଖୁସିର ସୁଅ ।

ଅଝଟ ହୋଇଲେ ଆକାଶ ରାଇଜୁ
ଚାନ୍ଦ ଆଣି ହାତେ ଧରେଇ ଦିଏ,
ପଣତ କାନିରେ ଝାଡିଦେଇ ଧୂଳି
କୋଳକୁ ମୋତେ ସେ ଆଉଜି ନିଏ ।

ଆସିବା ବାଟକୁ ରହିଥାଏ ଚାହିଁ
ଯାଏଟି ଯେବେ ମୁଁ ବାହାରେ କେବେ,
ଦେଖିଦେଲେ ଥରେ ଅସୁମାରି ଖୁସି
ମନକୁ ତାହାର ଆସଇ ତେବେ ।

ଦେହେ ମୋର ଯେବେ ଫୁଟୁଥାଏ ତାତି
ଆଖିରେ ପଲକ ପଡେନା ତା'ର,
କେତେ ମାନସିକ କରି ଜଗି ବସେ
ହସି କହେ ମୁଁ ଯେ ତା' ଗଳା ହାର ।

ମାଆ ନୁହେଁ ସେ ମୋ' ଦେବୀ ଠାକୁରାଣୀ
ଜନମେ ଜନମେ ତା' ପାଖେ ଋଣୀ,
ସିଏ ମୋର ପୂଜା, ଧୂପ,ଦୀପ,ଫୁଲ
ଯାଉ ଏ ଜୀବନ ତା' ନାଆଁ ଗୁଣି ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

### ନିଜକୁ ଗଢ଼ ଦେଶ ଗଢ଼

**କୀର୍ତ୍ତନ ସାହୁ**

କଥାଟିଏ କୁହ
ଏମିତି କଥା
ଶୁଣିବା ଲୋକର
ଘୁଂଚାଉ ବ୍ୟଥା ।
ଗୀତଟିଏ ଗାଅ
ଏମିତି ଗୀତ
ଶ୍ରୋତାଠାରୁ ଆସୁ
ସୁନ୍ଦର ମତ ।
ଛବିଟିଏ ଆଙ୍କ
ଏମିତି ଛବି
ଭାବ ତାର ଆସୁ
ଟିକିଏ ଭାବି ।
ହସଟିଏ ହସ
ଏମିତି ହସ
ଦେଖିବା ଲୋକର
ହୃଦୟେ ବସ ।
ଘରଟିଏ ଗଢ
ଏମିତି ଘର
ଖୁସି ମେଳେ ହେଉ
ସରଗ ପୁର ।
ଦେଶଟିଏ ଗଢ଼
ଏମିତି ଦେଶ
ଭରି ରହୁ ଶାନ୍ତି
ମୈତ୍ରୀର ହସ ।

+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

### କାଳ ବୈଶାଖୀ....

**ରାମଚନ୍ଦ୍ର ବେହେରା**

ଗ୍ରୀଷମ କାଳ ଉପରବେଳା
କାଳ ବୈଶାଖୀ ଆସେ
ଆକାଶ ବକ୍ଷେ କଳା ବାଦଲ
ବିଜୁଳି ସହ ହସେ।

ଝଡ ବେଗରେ ପବନ ବହେ
ବରଷା ଦାଉ ସାଧେ
ଘଡଘଡିର ଶବଦ ଶୁଭେ
ଘନ ବିଜୁଳି ମଧେ।

କିଛି ସମୟ ପାଇଁ ସେ ଆସି
ରଚଇ ତା'ର ଖେଳ
ବଜ୍ରାଘାତରେ ନେଇ ଯାଏ ସେ
ବହୁ ନିରୀହ ପ୍ରାଣ।

କେବେ କେବେ ସେ ସାଥିରେ ଆଣେ
କୁଆ ପଥର ବର୍ଷା
ଫସଲ କ୍ଷେତ ହୁଅଇ ନଷ୍ଟ
ଚାଷୀ ହୁଏ ନିରାଶା।

କାଳବୈଶାଖୀ ଆସୁଛି ଦେଖି
ସତର୍କ ହେବା ଆମେ
ଘର ଭିତରେ ନିରାପଦରେ
ରହିବା ସର୍ବ ଜନେ।

ଗଛ ମୂଳରେ ଆଶ୍ରୟ ନେବା
ନୁହଁଇ ନିରାପଦ
ଘନ ବିଜୁଳି ନିମିଷ ମାତ୍ରେ
ଆଣି ପାରେ ଆପଦ।

ସଭିଲୋକଙ୍କୁ କହିବା ଆମେ
କାଳବୈଶାଖୀ କାଳେ
ନଯିବା କେହି ବିଲ ବାଡିକୁ
ରହିବା ନିଜ ଘରେ।

ଆମ ଜୀବନ ଅମୂଲ୍ୟ ଧନ
ରଖି ଭାବନା ମନେ
ସାହି ପଡିଶା ଲୋକଙ୍କୁ ଆମେ
କହିବା କାନେ କାନେ।

+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ଖରା ଭଲ ଗୁଣ ଜାଣ....

**ରାମଚନ୍ଦ୍ର ବେହେରା**

ଅସହ୍ୟ ଖରାରେ ଶୁଖିଗଲା ଧରା
ଡର ଲାଗେ ଅଂଶୁଘାତ
ଜଳର ଅଭାବେ ପଶୁପକ୍ଷୀ ଗଣ
ହେଉଛନ୍ତି ଛଟପଟ।

ଆମ ରାଇଜରେ ଟାଣ ଖରା ଯୋଗୁଁ
ବଢିଲାଣି ତାପମାତ୍ରା
ଖରା ସମୟରେ ବାହାରକୁ ଗଲେ
ଲୋକେ ଖୋଜିଲେଣି ଛତା।

ଟାଣ ଖରା ନୁହେଁ ଦୁଃଖର କାରଣ
ଆସିଛି ସେ ଜନହିତେ
ଜୀବାଣୁ ଭୂତାଣୁ ଅଗଣିତ କୀଟ
ମରନ୍ତି ତା'ର ତପତେ।

ଅନାବନା ଗଛ ଶୁଖି ମରିଯାନ୍ତି
ଚାଷୀର ହୁଏ ମଙ୍ଗଳ
ଖରା କଷ୍ଟ ବୋଲି ଭାବ ନାହିଁ କେବେ
ଖରା ଭଲ ଗୁଣ ଜାଣ।

ଖରାର ସହାରେ ତରୁଲତା ଗଣ
ଅଧିକ ଆଲୋକ ପାଇ
ପତରରୁ ମିଳେ ଅଧିକ ଖୋରାକ
ବଢନ୍ତି ସବଳ ହୋଇ।

ଟାଣ ଖରା ପରେ ବରଷା ଆସଇ
ଶସ୍ୟ ହସିଉଠେ କ୍ଷେତେ
ଖରା ଆଣିଦିଏ ଚାଷୀ ମୁହେଁ ହସ
ଖୁସିରେ ତା ଦିନ ବିତେ।

+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬



# ଦେବସ୍ନାନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ : ଆସନ୍ତା ୪ରେ ହେବ ମହାପ୍ରଭୁଙ୍କ ଦେବସ୍ନାନ ଯାତ୍ରା

ସାଲେପୁର, ୧୯/୦୫ (ନି.ପ୍ର): ନେମାଳ ମାହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଯାତ୍ରା ଅବସରରେ ଆଜି ଏକ ପ୍ରସ୍ତୁତି ବୈଠକ ନେମାଳ ପଂଚାୟତ କାର୍ଯ୍ୟାଳୟ ପରିସରରେ ଉପଜିଲ୍ଲାପାଳ କମଳଜିତ୍ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଯୋଗଦେଇ ଦେବସ୍ନାନ ଯାତ୍ରାକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ବିଶେଷ କରି ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା, ଟ୍ରାଫିକ୍ ବ୍ୟବସ୍ଥା, ଆଇନଶୃଙ୍ଖଳାରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ଚିତ୍ରୋତ୍ପଳା ନଦୀରେ ଆବଶ୍ୟକୀୟ ପାଣି, ଶୃଙ୍ଖଳିତ ଦର୍ଶନ, ନିର୍ଦ୍ଧାରିତ ସମୟରେ ପ୍ରଭୁଙ୍କର ସେବା ପୂଜା, ପାର୍କିଂ ବ୍ୟବସ୍ଥା ସଂପର୍କରେ ଆଲୋଚନା କରିଥିଲେ । ବିଶେଷ କରି ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ବ୍ୟାପକ ପାନୀୟଜଳର ବ୍ୟବସ୍ଥା ସହିତ ଅଗ୍ନିଶମ ବାହିନୀ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ପ୍ରସ୍ତାବ ଆଗତ କରାଯାଇଥିଲା । ପୀଠ ଠାରୁ ୫ କି.ମି. ବ୍ୟାପୀ ଉଜ୍ଜଳ ଆଲୋକ ବ୍ୟବସ୍ଥା, ୱାନ୍ ୱେ ଗମନାଗମନ ବ୍ୟବସ୍ଥା ସଂପର୍କରେ ପ୍ରସ୍ତାବ ଆଗତ କରାଯାଇଥିଲା । ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାକୁ ଯାତ୍ରା ସମୟରେ ଉପସ୍ଥିତ ରହି ସହଯୋଗ କରିବା ପାଇଁ ପ୍ରସ୍ତାବ ଦିଆଯିବା ସଙ୍ଗେ ସଙ୍ଗେ ଥଣ୍ଡା ପାନୀୟ ଜଳ ସିଂଚନ, ମାଗଣା ଅନ୍ନପ୍ରସାଦ ବଂଟନକାରୀଙ୍କୁ ଅଗ୍ରାଧିକାର, ବ୍ୟବସାୟ ନିମିତ ଦୋକାନ ବଜାର ଗୁଡିକୁ ଜାଗା ଚିହ୍ନଟ କରାଯାଇ ସ୍ଥାନ ପ୍ରଦାନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ଏହି ବୈଠକରେ କିଶୋରନଗର ତହସିଲଦାର ମଧୁସୂଦନ ନାୟକ, କଟକ ସଦର ବିଡିଓ ରାଜୀବ ଲୋଚନ ପରିଡା, ସହକାରୀ ଯନ୍ତ୍ରୀ ବିକାଶ କୁମାର ସାହୁ, ଡାକ୍ତର ପ୍ରିୟରଂଜନ ପତି, ସ୍ୱାସ୍ଥ୍ୟ ପରିଦର୍ଶକ ବସନ୍ତ କୁମାର ସାହୁ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଅନୀଲ କୁମାର ନାୟକ, ଅଗ୍ନିସମ ଅଧିକାରୀ ପ୍ରମୁଖ ବହୁ ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ, ସରକାରୀ ପଦାଧିକାରୀ ଓ ଅଚ୍ୟୁତପ୍ରେମୀ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠକୁ ଗମନାଗମନର ସୁବିଧା ନଥିବାରୁ ହଜାର ହଜାର ସାଧୁସନ୍ଥ ଓ ଶ୍ରଦ୍ଧାଳୁ ପୀଠକୁ ଆସିବାକୁ ବହୁ ହଇରାଣ ହରକତ ହେଉଥିବାରୁ ଏହି ପୀଠକୁ ସରକାରଙ୍କ ତରଫରୁ ମୋ ବସ୍ ଚଳାଚଳ କରାଇବାକୁ ଦାବି ହୋଇଛି ।

# ତିନି ଗାଁର ଲୋକେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ପାଇପ୍ ପାଣି ପାଇବାରୁ ବଂଚିତ

ଖୋର୍ଦ୍ଧା, ୧୯/୦୫ (ନି.ପ୍ର): ଗ୍ରାମାଂଚଳରେ ଲୋକେ କିପରି ବିଶୁଦ୍ଧ ପାନୀୟଜଳ ପାଇପାରିବେ । ସେନେଇ ସରକାର ବିଭିନ୍ନ ଯୋଜନା କରିଛନ୍ତି । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପ୍ରତ୍ୟେକ ବ୍ଲକରେ କାର୍ଯ୍ୟ କରି ନଳକୂପ ଖନନ ଏବଂ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଗ୍ରାମାଂଚଳର ଜନସାଧାରଣଙ୍କୁ ଏହି ସୁବିଧା ଯୋଗାଇ ଦେଇଥାନ୍ତି । ତେବେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଂଚାୟତ ଅଂଚଳରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଉକ୍ତ ପଂଚାୟତର କନ୍ତାଇଲୋ, ଦୁର୍ଗାପୁର ଏବଂ ହରେକୃଷ୍ଣପୁର ଗ୍ରାମବାସୀ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ପାଇପ୍ ପାଣି ପାଇବାରୁ ବଂଚିତ ହୋଇଛନ୍ତି । ଫଳରେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଉକ୍ତ ଗ୍ରାମଗୁଡ଼ିକୁ ପାଇପ୍ ଯୋଗେ ପୁନଃ ପାନୀୟଜଳ ଯୋଗାଣ କରାଯିବାକୁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ସେହିପରି ବଡ଼କୁମାରୀ ପଂଚାୟତର ମାଣିକପୁର ଠାରେ ୨୦୦୮ରେ ଏହି ପ୍ରକଳ୍ପ ନିର୍ମାଣ ହୋଇଥିଲା । ଉକ୍ତ ପ୍ରକଳ୍ପରୁ ଉପରୋକ୍ତ ତିନି ଗାଁ ସମେତ ମାଣିକପୁରକୁ ପାନୀୟଜଳ ଯୋଗାଣ ହୋଇଥିଲା । କାର୍ଯ୍ୟକାରୀ ହେବାର ୬ ମାସ ପରେ କୌଣସି ଠାରେ ପାଇପ୍ ଫାଟିଯିବାରୁ ଉକ୍ତ ୩ ଗ୍ରାମକୁ ଜଳଯୋଗାଣ ବ୍ୟାହତ ହୋଇଥିଲା । ତେବେ ଏହି ପ୍ରକଳ୍ପରୁ ମାଣିକପୁର ଗ୍ରାମକୁ ଜଳଯୋଗାଣ ହେଉଥିଲେ ମଧ କନ୍ତାଇଲୋ, ଦୁର୍ଗାପୁର ଓ ହରେକୃଷ୍ଣପୁର ଗ୍ରାମକୁ ଅଦ୍ୟାବଧି ଜଳଯୋଗାଣ ବ୍ୟାହତ ହୋଇ ରହିଛି । ଫଳରେ ଉକ୍ତ ୩ ଗ୍ରାମର ଲୋକେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷେ କନ୍ତାଇଲୋ ଗ୍ରାମର ମଠ ସାହିରେ ଥିବା ଏକ ନଳକୂପ ଲୋକଙ୍କ ଚାହିଦା ମେଂଟାଇ ପାରୁନାହିଁ । ବିଶେଷ କରି ଖରାଦିନେ ଏହି ସାହିର ଲୋକେ ଅନ୍ୟ ସାହିର ନଳକୂପ ଉପରେ ନିର୍ଭର କରୁଛନ୍ତି । କେତେ ଜଣ ଖୋଲାକୂଅରୁ ପାନୀୟଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ, ଏହି ସାହିର ଦୋଳମଣ୍ଡପ ଠାରେ ରହିଛି ଗୋଟିଏ ନଳକୂପ । ତେବେ ଏହି ନଳକୂପରୁ ପାଣି ଠିକ୍ ଭାବେ ବାହାରୁ ନାହିଁ । ଯାହା ବି ପାଣି ବାହାରୁଛି ତାହା ଲୌହଗୁଣ୍ଡଯୁକ୍ତ ହୋଇଥିବାରୁ ଲୋକେ ପାଣି ପିଇବା ପାଇଁ ହଇରାଣ ହେଉଛନ୍ତି । ସେହିପରି ସାହିର ଦକ୍ଷିଣ ପାର୍ଶ୍ୱରେ ଥିବା କନ୍ତାଇଲୋ ଗ୍ରାମ ସାନ ମଠ ଠାରେ ଥିବା ନଳକୂପଟି ପ୍ରାୟ ୩୦ ବର୍ଷ ତଳର ହୋଇଥିବା ବେଳେ ଏଠାରେ ବାହାରୁଥିବା ଜଳ ପାନୀୟ ଉପଯୋଗୀ ନୁହେଁ । ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପୁନଃ କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ତୁରନ୍ତ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଅନ୍ୟପକ୍ଷରେ ଏନେଇ ବୋଲଗଡ଼ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସୁନିଲ ପାଢ଼ୀ କହିଛନ୍ତି, ସମ୍ପୃକ୍ତ ଅଂଚଳରେ ଭୂତଳ ଜଳସ୍ତର ପର୍ଯ୍ୟାପ୍ତ ନ ଥିବାରୁ ଏପରି ସ୍ଥିତି ହୋଇଛି ।

## ଗୋଷାମଣି ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

ଗଞ୍ଜାମ, ୧୯/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା ଗୋଷାମଣି ଠାକୁରାଣୀ ଯାତ୍ରା ଗତକାଲି ବିଳମ୍ବିତ ରାତିରେ ଉଦଯାପିତ ହୋଇଯାଇଛି । ମାଙ୍କ ଘଟକୁ ତେଲୁଗୁ ସମ୍ପ୍ରଦାୟର ମହିଳା ମାନେ ମୁଣ୍ଡରେ ମୁଣ୍ଡେଇ ନଗର ପରିକ୍ରମା କରି ବାପଘରୁ ନେଇ ଠାକୁରାଣୀ ମନ୍ଦିରରେ ଛାଡି ଆସିଛନ୍ତି । ମା ଗୋଷାମଣି ୧୦ ଦିନ ବାପଘରେ ରହି ଆଜି ପ୍ରତ୍ୟୁଷରେ ନିଜ ମନ୍ଦିରକୁ ଫେରିଛନ୍ତି ।

ଯାତ୍ରାର ଅନ୍ତିମ ଦିବସ ହେତୁ ଗତକାଲି ଯାତ୍ରା ଦେଖିବାକୁ ତଥା ମେଢ଼, କଳାକୁଞ୍ଜ ଏବଂ ମେଲୋଡ଼ି ଦେଖିବାକୁ ଓ ଯାତ୍ରାର ମଜା ନେବାକୁ ଏଠାରେ ପ୍ରବଳ ଜନସମାଗମ ହୋଇଥିଲା । ପ୍ରତ୍ୟେକ ସାହିରେ ଯାତ୍ରାକୁ ଆସିଥିବା ବିଭିନ୍ନ ପୁରପଲ୍ଲୀର ଜନସାଧାରଣଙ୍କୁ ସାଇ କମିଟି ମାନଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ହାଲୁଆ, ଚିକେନ୍ ବିରିୟାନି ଏବଂ ସ୍ୱାଦିଷ୍ଟ ବ୍ୟଞ୍ଜନ ବିତରଣ କରାଯାଇଥିଲା । ଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଥିବାରୁ କୁକୁଡ଼ାଖଣ୍ଡି ଜନସାଧାରଣଙ୍କ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି ।

# ଦୀର୍ଘ ବର୍ଷ ହେବ ଚାଲିଛି ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ : ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା

ସାଲେପୁର, ୧୯/୦୫ (ନି.ପ୍ର): ଗ୍ରାମାଂଚଳର ଗରୀବ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାରେ ୨୦୧୬ ମସିହାରେ ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଯୋଜନା କରାଗଲା । ପର୍ଯ୍ୟାୟକ୍ରମେ ରାଜ୍ୟର ବିଭିନ୍ନ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଗୃହ ଓ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ସହିତ ନୂତନ ଭାବେ ନାମ ଲେଖା କାର୍ଯ୍ୟ ମଧ ଆରମ୍ଭ ହୋଇଥିଲା । ଏହି ଅବସରରେ ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକରେ ୨୦୨୦ ମସିହାରେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଦ୍ୱାରା ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ କରାଯିବା ପାଇଁ ଶୁଭ ଶିଳାନ୍ୟାସ କରାଯାଇଥିଲା । ଏହି ବିଦ୍ୟାଳୟକୁ ଦୁଇ ବର୍ଷ ମଧ୍ୟରେ ସଂପୂର୍ଣ୍ଣ ନିର୍ମାଣ କାର୍ଯ୍ୟ କରାଯିବା ପରେ ବିଦ୍ୟାଳୟ ଖୋଲିବାକୁ ଲକ୍ଷ୍ୟ ରଖାଯାଇଥିଲା । ହେଲେ ନିର୍ମାଣ କାର୍ଯ୍ୟର ଏକ ବର୍ଷ ପରେ ଠିକାଦାର ଜଣକ ଅତ୍ୟନ୍ତ ମନ୍ଥର ଗତିରେ କାର୍ଯ୍ୟ କରୁଥିବାରୁ ଏହାର ପିଲର କାର୍ଯ୍ୟ ମଧ ଶେଷ ହୋଇନଥିଲା । ଯାହାଦ୍ୱାରା ବାଧ ହୋଇ ଏହି ବିଦ୍ୟାଳୟକୁ ଅସୁରେଶ୍ୱର ହାଇସ୍କୁଲ ପରିସରରେ ଖୋଲାଯିବା ପାଇଁ ସ୍ଥିର କରାଗଲା । ବିଗତ ଦୁଇ ବର୍ଷ ହେବ ବିଦ୍ୟାଳୟରେ ଛାତ୍ର ଛାତ୍ରୀମାନେ ନାମ ଲେଖାଇ ସେଠାରେ ଅତ୍ୟନ୍ତ ଦୟନୀୟ ଭାବେ ଶିକ୍ଷାଗ୍ରହଣ କରୁଛନ୍ତି । ଛାତ୍ରାବାସ ନଥିବାରୁ ମାସିକ ହଜାର ହଜାର ଟଙ୍କା ଗାଡି ଭଡା ବାବଦକୁ ଖର୍ଚ୍ଚ କରି ବିଦ୍ୟାଳୟକୁ ଯାଉଥିଲା ବେଳେ ସେଠାରେ ଉପଯୁକ୍ତ ଶ୍ରେଣୀଗୃହ, ପାଠ୍ୟ ଉପକରଣ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧ ନଥିବାରୁ ଛାତ୍ର ଛାତ୍ରୀମାନେ ନାହିଁ ନଥିବା ସମସ୍ୟା ଭୋଗ କରୁଛନ୍ତି । ଅପରପକ୍ଷରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଦିନକୁ ଦିନ ଅଧିକ ମନ୍ଥର ହେବାରେ ଲାଗିଛି । ଦୁଇ ବର୍ଷ ମଧ୍ୟରେ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ ହେବା ପାଇଁ ସମୟଧାର୍ଯ୍ୟ ହୋଇଥିଲା ବେଳେ ତିନିବର୍ଷ ବିତିଯାଇଥିଲେ ମଧ ଅଦ୍ୟାବଧି ଏହାର ପ୍ରଥମ ମହଲା ଛାତ କାର୍ଯ୍ୟ ଶେଷ ହୋଇ ପାରିନାହିଁ । କ'ଣ ପାଇଁ କାର୍ଯ୍ୟ ଅଗ୍ରଗତି କରୁନାହିଁ ସେ ନେଇ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିଲା ବେଳେ ନିର୍ମାଣ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କିମ୍ବା ପୂର୍ତ ବିଭାଗ ଏଥିପ୍ରତି ମଧ ଗୁରୁତ୍ୱ ଦେଉନାହାଁନ୍ତି । ଏହାଛଡା ଏହି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟକୁ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀମାନେ ସଠିକ୍ ଭାବେ ତଦାରଖ କରୁନଥିବାରୁ ଏହା ମଧ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଛି । ସାଲେପୁର ବ୍ଲକରେ ଗତ ୬ ମାସ ହେବ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା ବେଳେ ବର୍ତ୍ତମାନ ଏହା ଶେଷ ପର୍ଯ୍ୟାୟରେ ପହଂଚିଥିବା ଦେଖିବାକୁ ମିଳିଛି । ଏହାଛଡା ଚଳିତ ଜାନୁଆରୀ ମାସରେ ଉକ୍ତ ବିଦ୍ୟାଳୟ ପାର୍ଶ୍ୱରେ ବାଳିକା ଛାତ୍ରାବାସ ଗୃହ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା ବେଳେ ଏହା ମଧ ଦ୍ରୁତ ଗତିରେ କରାଯାଉଛି । କ'ଣ ପାଇଁ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରୁଥିବା ଠିକାଦାର ଜଣକ କାର୍ଯ୍ୟ କରିବାରେ ବିଳମ୍ବ କରୁଛନ୍ତି କିମ୍ବା ଏହା ଭିତରେ କିଛି ରହସ୍ୟ ରହିଛି ସେ ନେଇ ଅଭିଭାବକ ମହଲରେ ପ୍ରଶ୍ନ ଉଠିଛି । ତୁରନ୍ତ ଏହି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ କରି ଏଠାରେ ଛାତ୍ର ଛାତ୍ରୀମାନଙ୍କୁ ପଢାଇବାର ବନ୍ଦୋବସ୍ତ କରିବା ନିମନ୍ତେ ଅଭିଭାବକ ମାନେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।

## ବ୍ରିଜ ଭୁଷଣଙ୍କୁ ଗିରଫ ଦାବିରେ ବାମପନ୍ଥୀଙ୍କ ବିକ୍ଷୋଭ

କେନ୍ଦ୍ରାପଡ଼ା, ୧୯/୦୫ (ନି.ପ୍ର): ମହିଳା କୁସ୍ତି ଯୋଦ୍ଧା ଯୌନ କେଳଙ୍କାରୀ ଅଭିଯୁକ୍ତ ଭାରତର କୁସ୍ତି ଯୋଦ୍ଧା ମହାସଂଘର ସଭାପତି ତଥା ବିଜେପି ସାଂସଦ ବ୍ରିଜ ଭୁଷଣ ଶରଣ ସିଂହ କିମ୍ବା ସନ୍ଦୀପ ସିଂହ କାହାରିକୁ ବି କେନ୍ଦ୍ରର ବିଜେପି ସରକାର ଏପର୍ଯ୍ୟନ୍ତ ଗିରଫ କଲାନାହିଁ କି କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । କେବଳ ଦେଶର ଗୌରବ କୁସ୍ତି ଯୋଦ୍ଧାମାନେ ଦେଶର ଯନ୍ତର ମନ୍ତରରେ ଲଗାତାର ଆନ୍ଦୋଳନ କରିବା ଫଳରେ ବ୍ରିଜ ଭୁଷଣ ଦାୟିତ୍ୱରୁ ହଟା ଯାଇଛି । ବାମପନ୍ଥୀ ଗଣସଂଗଠନ ମାନଙ୍କ ମିଳିତ ମଂଚ ପକ୍ଷରୁ ସାରା ଦେଶରେ ବ୍ରିଜ ଭୁସଣ ଶରଣ ସିଂହ ଙ୍କୁ ଗିରଫ ଦାବିରେ କେନ୍ଦ୍ରାପଡା ଜିଲ୍ଲା ଅଫିସ୍ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ସିଆଇଟିୟୁ ରାଜ୍ୟ ନେତା ଜଗତ ଜିବନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ(ଏମ୍) ଜିଲ୍ଲାସ ସମ୍ପାଦକ ଗୟାଧର ଧଳ, ଓଡିଶା କୃଶକ ସଭା ଜିଲ୍ଲା ସମ୍ପାଦକ ବିଜୟ ଦାସ, ରାଜ୍ୟ କମିଟି ସଭ୍ୟ ମାନସ ବେହୁରା, କର୍ମଚାରୀ ନେତା ନରୋତମ ପାର୍ଥସାରଥି, କାଳୀ ପ୍ରଶାଦ ନାୟକ, ସହଦେବ ଦାସ ଓ ଧିବର କୁମାର ବେହେରା ପ୍ରମୁଖ ବକ୍ତବ୍ୟ ରଖି ମୋଦି ସରକାରର ଦୋମୁହାଁ ନୀତିର ତୀବ୍ର ସମାଲୋଚନା କରିଥିଲେ ।

## କୁଆଁରିଆ ନାଳ ଉପରେ ନବ ନିର୍ମିତ ସେତୁ ଉଦ୍‌ଘାଟିତ

ଧର୍ମଶାଳା, ୧୯/୦୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଇମାମନଗରଠାରେ କୁଆଁରିଆ ନାଳ ଉପରେ ନବ ନିର୍ମିତ ସେତୁ ଉଦଘାଟିତ ହୋଇଯାଇଛି । ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେତୁକୁ ଶୁଭ ଉଦଘାଟନ କରିଥିଲେ । ପାଣିକୋଇଲି ପୂର୍ତ ବିଭାଗ ପକ୍ଷରୁ ୨ କୋଟି ୯୯ ଲକ୍ଷ୨୭ହଜାର୯୪୪ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଧର୍ମଶାଳା-କବାଟବନ୍ଧକୁ ସଂଯୋଗ କରୁଥିବା ଏହି ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ସ୍ଥାନୀୟ ୨୦ ଗୋଟି ପଂଚାୟତର ହଜାରହଜାର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଜଣାପଡିଛି ।ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ପ୍ରଣତି ଲେଙ୍କା, ପୂର୍ବତନ ଜିଲା ପରିଷସ ସଭ୍ୟ ନିରଞ୍ଜନ ରାଉତ, ପ୍ରହଲ୍ଲାଦ ଲେଙ୍କା, ସୁଶିଲ ମହାନ୍ତି, ପ୍ରସନ୍ନ ରାଉତ, ଉପ ନିର୍ବାହୀ ଯନ୍ତ୍ରୀ ନରୋତମ ଦାସ ଓ ସହକାରୀ ଯନ୍ତ୍ରୀ ନରେନ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସମନ୍ୱୟ ସଭା

ପୁରୀ, ୧୯/୦୫ (ନି.ପ୍ର): ବିଗତ ବର୍ଷ ମାନଙ୍କରେ ରଥଯାତ୍ରାରେ ସ୍ୱେଚ୍ଛାସେବୀ ମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ ରହିଥିଲା । ଚଳିତ ରଥଯାତ୍ରାରେ ମଧ ଅନୁରୂପ ଉଲ୍ଲେଖନୀୟ ସେବା ଯୋଗାଇ ଦେବାକୁ ଭାରପ୍ରାପ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଅନୁରୋଧ କରିଛନ୍ତି । ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ପାଇଁ ସ୍ୱେଚ୍ଛାସେବୀ ମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେଇ ଶ୍ରୀ ସାହୁ ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ହୋଇଥାଏ । ତେଣୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରୁ ପ୍ରଭୁଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ବିଗତ ବର୍ଷ ମାନଙ୍କ ଭଳି ସ୍ୱେଚ୍ଛାସେବୀ ମାନେ ଉନ୍ନତ ସେବା ଯୋଗାଇ ଦେବାକୁ ଅନୁରୋଧ କରିବା ସହ ପ୍ରଶାସନ ପକ୍ଷରୁ ମଧ ଅନୁରୂପ ସହଯୋଗ ଯୋଗାଇ ଦେବାକୁ ସୂଚନା ଦେଇଥିଲେ । ପରେ ବିସ୍ତୃତ ଆଲୋଚନା ପରେ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଚିକିତ୍ସା ସହାୟତା, ଆମ୍ବୁଲାନ୍ସ ସେବା, ଷ୍ଟ୍ରେଚର ସେବା, ରକ୍ତଦାନ, ଶବ ସତ୍କାର, ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ, ପାନୀୟ ଜଳ ଯୋଗାଣ, ଟ୍ରାଫିକ ରକ୍ଷାରେ ସହାୟତା, ଶୃଙ୍ଖଳା ରକ୍ଷା, ଜଳ ସିଂଚନ, ରାସ୍ତାଘାଟ ପରିଷ୍କାର, ଶ୍ରୀମନ୍ଦିର, ଶ୍ରୀ ଗୁଣ୍ଡିଚା ମନ୍ଦିର, ବଡଦାଣ୍ଡ, ସମୁଦ୍ର କୂଳ ପରିଷ୍କାର, ତୀର୍ଥ ପୁଷ୍କରିଣୀ ପରିଷ୍କାର, ବଡ଼ଦାଣ୍ଡରୁ ବୁଲା ଗାଈଗୋରୁ ଓ ଷଣ୍ଢଙ୍କୁ ହଟାଇବା, ସୂଚନା ପ୍ରଦାନ ବ୍ୟବସ୍ଥା ଓ ଉଦ୍ଧାର କାର୍ଯ୍ୟ ଇତ୍ୟାଦିକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ପରିଚାଳନା କରିବେ ବୋଲି ଆଲୋଚନା କରାଗଲା । ଏହି କାର୍ଯ୍ୟକୁ ବିଭିନ୍ନ ସବକମିଟି ଗଠନ କରାଯାଇ ବରିଷ୍ଠ ଅଧିକାରୀ ବା ନୋଡାଲ ଅଫିସରଙ୍କ ତତ୍ୱାବଧାନରେ ଯୋଜନାବଦ୍ଧ ଭାବେ କାର୍ଯ୍ୟ ସମ୍ପାଦନ କରାଯିବ । ଯେଉଁ କ୍ଷେତ୍ରରେ ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ଅଭିଜ୍ଞତା ରହିଛି ସେମାନେ ସେହି କ୍ଷେତ୍ରରେ କାର୍ଯ୍ୟ କରିବେ । ଅନ୍ୟ ମାନଙ୍କ ମଧ୍ୟରେ ଏହି ସଭାରେ ଉପଜିଲ୍ଲାପାଳ ଭବତରଣ ସାହୁ ଯୋଗଦେଇ ସ୍ୱେଚ୍ଛାସେବୀ ସଂଗଠନ ମାନେ ରଥଯାତ୍ରା ଦିନ ଭଳି ରଥଯାତ୍ରା ଠାରୁ ବାହୁଡା ପର୍ଯ୍ୟନ୍ତ ଅନୁରୂପ ସେବା ଯୋଗାଇ ଦେଲେ ଶ୍ରଦ୍ଧାଳୁ ମାନେ ଉପକୃତ ହୁଏନ୍ତେ ବୋଲି କହିଥିଲେ । ପୌର ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଏଡ଼ିଏମଓ ଡା. ବିରଜା ଶଙ୍କର ରଥ, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ୱାଟକୋ ର ଏସଡିଓ ଭବାନୀ ପ୍ରସାଦ ମହାନ୍ତି, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ଜିଲ୍ଲା କ୍ରିଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ସଭାରେ ଅନ୍ୟାନ୍ୟ ବିଭାଗର ଅଧିକାରୀଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ପ୍ରମୁଖ ଯୋଗଦେଇ ବିବଧ ପ୍ରସ୍ତାବ ଦେଇଥିଲେ ।

# ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦମଦାର ସଫଳତା: ଜିଲ୍ଲାରେ ଦ୍ୱିତୀୟ, ବିଦ୍ୟାଳୟରେ ପ୍ରଥମ

କନ୍ଧମାଳ, ୧୯/୦୫ (ନି.ପ୍ର): ପ୍ରକାଶ ପାଇଲା ମ୍ୟାଟ୍ରିକ ପରୀକ୍ଷା ଫଳାଫଳ । ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀଠାରେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଅଭିଭାବକମାନଙ୍କ ଖୁସି କହିଲେ ନ ସରେ । ସରକାରଙ୍କ ମ୍ୟାଟ୍ରିକ ଫଳାଫଳ ଘୋଷଣାନାମା ଅନୁସାରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶତ ପ୍ରତିଶତ ଫଳାଫଳ ହାତେଇ ଥିବା ଜଣାଯାଇଛି । ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ମୋଟ ୮୫ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଯୋଗ ଦେଇଥିଲେ । ତନ୍ମଧ୍ୟରୁ ଏ୧ ଶ୍ରେଣୀରେ ୬ ଜଣ,ଏ୨ ଶ୍ରେଣୀରେ ୮ଜଣ, ବି୧ ଶ୍ରେଣୀରେ ୧୫ ଜଣ, ବି୨ ଶ୍ରେଣୀରେ ୩୬ ଜଣ, ସି ଶ୍ରେଣୀରେ ୧୮ ଜଣ ଓ ଡି ଶ୍ରେଣୀରେ ୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ଦୃଷ୍ଟିରୁ ଫଳାଫଳ ଶତ ପ୍ରତିଶତ ରେ ପହଂଚିପାରିଛି । ଏ୧ ଶ୍ରେଣୀର୬ ଜଣଙ୍କ ମଧ୍ୟରେ ଛାତ୍ରୀ ଅଙ୍କିତା ରାଉତ ମୋଟ ୫୬୭/୬୦୦(୯୪.୫ %) ନମ୍ବର ରଖି କନ୍ଧମାଳ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଓ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଲିବୁନ କୁମାର କର ୫୬୩(୯୩.୮%) ନମ୍ବର ରଖି ଜିଲ୍ଲାରେ ତୃତୀୟ ଓ ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ, ଇପ୍ସିତା ବିଷୋୟୀ ୫୪୩(୯୦.୫%) ନମ୍ବର ରଖି ବିଦ୍ୟାଳୟରେ ତୃତୀୟ ସ୍ଥାନ, ବିଭୁପ୍ରସାଦ ତ୍ରିପାଠୀ ୫୪୨(୯୦.୩%) ନମ୍ବର ରଖି ଚତୁର୍ଥ ସ୍ଥାନ, ସ୍ନେହାମୟୀ ଶାସନି ୫୪୧(୯୦.୧%)ନମ୍ବର ରଖି ପଂଚମ ସ୍ଥାନ ଏବଂ ଆୟୁଷ କୁମାର ସାହୁ ୫୪୦(୯୦%)ନମ୍ବର ରଖି ଷଷ୍ଠ ସ୍ଥାନରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିପାରିଛନ୍ତି ।ବିଦ୍ୟାଳୟ ର ସଫଳତାକୁ ନେଇ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ଼ଃ ବ୍ରଜବନ୍ଧୁ ମଲ୍ଲିକ, ସମ୍ପାଦକ ଟି. ଶ୍ରୀ ଶଙ୍କର ପାତ୍ର, ବିଦ୍ୱତ ପରିଷଦର ସଭାପତି ବାସୁଦେବ ପ୍ରହରାଜଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତା ବୃନ୍ଦ,ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢୀ, ସହ-ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତି ସାମନ୍ତରାୟ , ବିଦ୍ୟା ମନ୍ଦିର ବିଭାଗର ବରିଷ୍ଠ ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ପଟ୍ଟନାୟକ, ଅନୀଲ କୁମାର ସାହୁ, ରାଜେଶ ପ୍ରଧାନ,ସୁଜିତ ପ୍ରଧାନ, ଦୁଃଶାସନ ଦିଗାଲ, ଆଚାର୍ଯ୍ୟା ସବିତା କୁମାରୀ ମିଶ୍ର,ପ୍ରତିଭା ଦାଶ, ସ୍ମିତା ଗୁରୁ ପ୍ରମୁଖ ଆଚାର୍ଯ୍ୟ ଆଚାର୍ଯ୍ୟା ନିଜକୁ ଗୌରବାନ୍ୱିତ ମନେ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏତଦ୍‌ବ୍ୟତିତ ବିଦ୍ୟାଳୟ ପରିଚାଳନା ସମିତି ତଥା ପ୍ରଧାନ ଆଚାର୍ଯ୍ୟ ସଫଳତା ର ସମସ୍ତ ଶ୍ରେୟ ବିଦ୍ୟାଳୟର ବିଦ୍ୟା ମନ୍ଦିର ବିଭାଗର ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କୁ ପ୍ରଦାନ କରିଛନ୍ତି ଓ ଆଗାମୀ ଶିକ୍ଷା ବର୍ଷରେ ମଧ ଏପରି ସଫଳତା ଅର୍ଜନ କରିବା ପାଇଁ ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କୁ ଉତ୍ସାହିତ କରିଛନ୍ତି । ପୁନଶ୍ଚ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ଅଭିଭାବକ ଅଭିଭାବିକା, ଛାତ୍ରଛାତ୍ରୀ, ସେବକ ସେବିକା ସମସ୍ତଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି ।

## ପରିତ୍ୟକ୍ତ କୂଅରେ ପଡ଼ିଥିବା ହାତୀ ଉଦ୍ଧାର

ଚମ୍ପୁଆ, ୧୯/୦୫ (ନି.ପ୍ର): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଟୁଣଟୁଣା ବୈତରଣୀ ନଦୀ ପୋଲ ନିକଟରୁ ଟୁଣ୍ଟୁଣା ଗ୍ରାମକୁ ଯାଇଥିବା ରାସ୍ତା କଡରେ ଥିବା ଏକ ପରିତ୍ୟକ୍ତ କୂଅ ଭିତରକୁ ଖସିପଡ଼ିଥିବା ମାଈହାତୀ ଉଦ୍ଧାର ହୋଇଛି । ବନ ବିଭାଗର ଉଦ୍ୟମ ପରେ କୂଅ ଭିତରୁ ହାତୀକୁ ଉଦ୍ଧାର କରାଯାଇଛି । ହାତୀଟି ଉଦ୍ଧାର ହେବା ପରେ ପାଖ ଜଙ୍ଗଲକୁ ଚାଲିଯାଇଥିବା ଚମ୍ପୁଆ ବନପାଳ କାଳନ୍ଦୀ ସାମଲ ସୂଚନା ଦେଇଛନ୍ତି । ତେବେ ହାତୀଟି ସଂପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି । ସୂଚନା ଅନୁସାରେ, ଗତ ରାତିରେ ୨୪ ଟିକିଆ ହାତୀପଲ କାଳିକାପ୍ରାସାଦ ସଂରକ୍ଷିତ ଜଙ୍ଗଲରୁ ପତଳା ଦେଇ ଟୁଣଟୁଣା ଅଂଚଳକୁ ପ୍ରବେଶ କରିଥିଲେ । ଏହି ୨୪ ଟିକିଆ ହାତୀପଲରେ ୯ଟି ଦନ୍ତା, ୬ଟି ମାଈ ଓ ୯ଟି ଛୁଆ ହାତୀ ରହିଛନ୍ତି । ତେବେ ଗତ ରାତି ପ୍ରାୟ ତିନିଟା ସମୟରେ ହାତୀପଲ ଟୁଣଟୁଣା ଗାଁ ବୈତରଣୀ ନଦୀ କୂଳ ଦେଇ ନିକଟସ୍ଥ ଏକ ଆମ୍ବ ବଗିଚାକୁ ଯାଉଥିଲା ବେଳେ ସେମାନଙ୍କ ମଧ୍ୟରୁ ଏକ ମଧ ବୟସ୍କା ମାଈ ହାତୀ ୧୦ ଫୁଟ ଗଭୀର ପରିତ୍ୟକ୍ତ କୂଅ ଭିତରେ ପଡିଯାଇଥିଲା । ତେବେ ହାତୀପଲ ତା''କୁ ସେହିଭଳି ଅବସ୍ଥାରେ ଛାଡି ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲେ । ଏନେଇ ବନ ବିଭାଗର ନାଇଟ୍ ପାଟ୍ରୋଲିଂ ଦଳ ଭୋର ୫ଟା ୩୦ ରେ ସୂଚନା ପାଇଥିଲେ । ଖବର ପାଇ ବନପାଳ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ଅନ୍ୟ ବନ କର୍ମଚାରୀ ସେଠାରେ ପହଂଚି କେନ୍ଦୁଝର ଡ଼ିଏଫଓ ଧନରାଜ ହନୁମନ୍ତଙ୍କ ନିର୍ଦ୍ଦେଶ କ୍ରମେ ଜେସିବି ଦ୍ୱାରା କୂଅର ଗୋଟିଏ ପାର୍ଶ୍ୱରେ ଖୋଳିବା ପରେ ସକାଳ ୬ଟା ୪୫ ରେ ହାତୀଟି ସଫଳତାର ସହିତ ଉଦ୍ଧାର ହୋଇଥିଲା ।

## କେନ୍ଦୁଝରରେ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକରେ ଯୁଦ୍ଧକାଳୀନ ଭିତିରେ ମୁକାବିଲା ଉପରେ ଗୁରୁତ୍ୱ

କେନ୍ଦୁଝର , ୧୯/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବାତ୍ୟା , ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯୁଦ୍ଧକାଳୀନ ଭିତିରେ ସଫଳ ମୁକାବିଲା ଦିଗରେ ଗୁରୁତ୍ୱ ଦିଆଯାଇଛି । ଏହି ବୈଠକରେ ତେଲକୋଇ ବିଦାୟକ ପ୍ରେମାନନ୍ଦ ନାଏକ , ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ , ଜିଲ୍ଲାପାରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ , ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଲେଇ , ଆଇଏଏସ ପ୍ରୋବେସନାର ଧୀମାନ ଚକମା , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ ଅଧିକାରୀ କିଶୋର କୁମାର ପୃଷ୍ଟି ,ଉପଜିଲ୍ଲାପାଳ କେନ୍ଦୁଝର ରାମଚନ୍ଦ୍ର କିସ୍କୁ , ଉପଜିଲ୍ଲାପାଳ ଆନନ୍ଦପୁର ଅନୀଲ କୁମାର ସେଠୀ , ଜିଲ୍ଲା ଆପତକାଳୀନ ଅଧିକାରିଣୀ ଶ୍ରୀମତୀ ସୁରଞ୍ଜିକା ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ , ଗୋଷ୍ଠୀ ଉନ୍ନୟନ ଅଧିକାରୀ , ତହସିଲଦାର , ପୌରପାଳିକା ଓ ଏନ.ଏ.ସି ଅଧିକାରୀ ବୃନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିପର୍ଯ୍ୟୟ ସମୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଦ୍ଧାର , ରିଲିଫ ବ୍ୟବସ୍ଥା ତ୍ୱରାନ୍ୱିତ କରାଯିବା ସହ ଗର୍ଭବତୀ ମହିଳା , ଶିଶୁ ବୃଦ୍ଧଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର , ପ୍ରାଣୀ ସଂପଦର ସଂପୂର୍ଣ୍ଣ ସୁରକ୍ଷା କରାଯିବା ସହ ଚବିଶ ଘଂଟିଆ କଟୋଂଲ ରୁମ ସମସ୍ତ ବ୍ଲକ , ସବଡିଭିଜନ ସ୍ତରରେ କାର୍ଯ୍ୟକ୍ଷମ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳ ସଂପଦ , ପୂର୍ତ ବିଭାଗ , ଆବଶ୍ୟକ ସ୍ଥାନ ଗୁଡିକର ରକ୍ଷଣା ବେକ୍ଷଣ ଓ ମରାମତି ସହ ସହ ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି । ପୌରାଂଚଳ ଓ ଏନଏସି ମାନଙ୍କର ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର ସହିତ ସମସ୍ତ ଅଂଚଳରେ ନିରାପଦ ଆଶ୍ରୟସ୍ଥଳୀ ଗୁଡିକର ଆବଶ୍ୟକ ମରାମତି ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଶୁଖିଲା ଖାଦ୍ୟ , ଦିଆସିଲି , ମହମବତୀ , କିରୋସିନୀ , ବିସ୍କୁଟ , ଆଦି ପ୍ରଚୁର ପରିମାଣରେ ମହଜୁଦ ରଖିବାକୁ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପର୍ଯ୍ୟାପ୍ତ ପରିମାଣରେ ଜୀବନ ରକ୍ଷାକାରୀ ଆବଶ୍ୟକ ଔଷଧ , ବିଶୋଧନ ସାମଗ୍ରୀ , ବିଭିନ୍ନ ସେଟଂର ମାନଙ୍କରେ ମହଜୁଦ ରଖିବା ପାଇଁ ସ୍ଥିର ହୋଇଥିଲା । ବିପର୍ଯ୍ୟୟ ସମୟରେ ଗମନା ଗମନ , ଉଦ୍ଧାର , ରାସ୍ତା ଅବରୋଧ ଆଦି କାର୍ଯ୍ୟ ଗୁଡିକ ଶୃଙ୍ଖଳିତ ଭାବେ ସଂପନ୍ନ କରିବାକୁ ପୋଲିସ ବାହିନୀ , ଅଗ୍ନିସମ ବାହିନୀ , ଓଡ୍ରାପ୍ଟ ବାହିନୀକୁ କାର୍ଯ୍ୟରେ ନିୟୋଜିତ କରିବାକୁ ବିଶଦ ଆଲୋଚନା ହୋଇଥିଲା । ଆପତକାଳୀନ ଅଧିକାରିଣୀ ସୁରଞ୍ଜିକା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଆକ୍ସନ ପ୍ଲାନ ୨୦୨୩-୨୪ କୁ ସର୍ବସମ୍ମତିରେ ଅନୁମୋଦନ କରାଯାଇଥିଲା ।

## ଶଶିକଳା ସିଣ୍ଡ୍ରୋମ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଯିଏ ଖୁବ୍ ଜନତାଙ୍କ ସହ ସମ୍ବାଦ କରିବା ସହ ଗଣମାଧ୍ୟମକୁ ସ୍ୱାଧୀନତା ପ୍ରଦାନ କରିଥିଲେ, ଆଜି ସେଇଠି ଗଣମାଧ୍ୟମର କଣ୍ଠରୁଦ୍ଧ । ନବୀନ ନିବାସ ଏବେ ଏକ ରକମର ପୋସ୍ ଗାର୍ଡେନ । ଅନେକ ବିଷୟ ନବୀନ ବାବୁଙ୍କ ଦୃଷ୍ଟି ଆଢୁଆଳରେ ରଖାଯାଉଛି । ଗୋଟେ ଫଟୋ ଉଠାଇବା ପାଇଁ ବିଧାୟକ ସାଂସଦଙ୍କୁ ଟଣା ଓଟରା କରାଯାଉଛି । ନିକଟରେ ଖଣ୍ଡପଡ଼ା ବିଧାୟକ ତଥା ବରିଷ୍ଠ ସାମ୍ବାଦିକ ସୌମ୍ୟ ରଞ୍ଜନ ପଟ୍ଟନାୟକ 'ଜାନକୀ ବାବୁ ଓ ବସନ୍ତ ବାବୁଙ୍କ ଯୋଡି: ଓଡିଶା ରାଜନୀତିର ସୁବର୍ଣ୍ଣ ଯୁଗ 'ମଞ୍ଚରେ କହିଥିଲେ ମନ୍ତ୍ରୀ ମାନଙ୍କ ଉପରେ ସଚିବ ମାନେ ଭାରି ପଡୁଛନ୍ତି । ଯୋଉଠି ଯାହାବି ହେଉଛି ସଚିବ ମାନେ ହିଁ କରୁଛନ୍ତି । ରବିବାରରେ ଶିକ୍ଷାନୁଷ୍ଠାନ ଖୋଲା ଯାଉଛି । ତେବେ କୌଣସି ରାଜ୍ୟ କିମ୍ବା ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ସଚିବ ମାନେ ଏତେ ଶକ୍ତିଶାଳୀ ତଥା ଯେଉଁଠି ଗଲେ ସମ୍ବର୍ଦ୍ଧିତ ହେଉଥିବାର ଦେଖିବାକୁ ମିଳିନଥିବା ବେଳେ ଓଡିଶାରେ କିନ୍ତୁ ବିରଳ ଘଟଣା ଘଟୁଛି ।ଏସବୁକୁ ଆଖିଆଗରେ ରଖି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ନୂଆ ଶବ୍ଦ ' ଶଶିକଳା ସିଣ୍ଡ୍ରୋମ' ବ୍ୟବହାର କରିଛନ୍ତି।

ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର ତଥା ଛାତ୍ର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୮୨୭୦୩୫୬୧୧୩

# ନୀଳଗିରି ସିପିଆଇ ପକ୍ଷରୁ ସହିଦ ଦିଲ୍ଲୀପ ସ'ଙ୍କର ୧୮ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ନୀଳଗିରି , ୧୯/୦୫ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଅଞ୍ଚଳ କମିଟି ତରଫରୁ ସହିଦ ଦିଲ୍ଲୀପ ସ ଙ୍କ ର ୧୮ତମ ଶ୍ରାଦ୍ଧ ବାର୍ଷିକୀ ମନଗଡ଼ ଛକ ସିପିଆଇ କାର୍ଯ୍ୟକ୍ଷଳୟ ରେ ସାଥି ବିକ୍ରମ କେଶରୀ ମିଶ୍ର ଙ୍କ ସଭାପତିତ୍ୱ ରେ ପାଳନ କରାଯାଇଛି, ଏହି ଶ୍ରାଦ୍ଧ ସଭା ରେ ଜୋନ ସମ୍ପାଦକ ବିଜୟ କୁମାର ସ, ସାଥି ଦିଲ୍ଲୀପ ସ ଙ୍କୁ ହତ୍ୟା କରାଯିବା ଘଟଣାବଳୀ କୁ ବର୍ଣ୍ଣନା କରିଥିଲେ, ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ଦିଲ୍ଲୀପ ସ ଙ୍କ ହତ୍ୟା ଏକ ରାଜନୈତିକ ଷଡଯନ୍ତ୍ର ସହିତ ବିଜେପି ନେତୃତ୍ୱ ରେ ସଂଘୀୟ ଭିଡ଼ ହତ୍ୟା ର ପ୍ରଥମ ଉଦାହରଣ ଥିଲା ଯେଉଁ ହତ୍ୟା ଘଟଣା ରେ ୩୫ଜଣ ସମ୍ପୃକ୍ତି ଥିବା ବେଳେ ୮ଜଣ ଚିହ୍ନଟ ହୋଇ କାରାବରଣ କରିଥିବକ୍ଷ ବକ୍ତବ୍ୟ ରେ ସୂଚାଇ ଦେଇଥିଲେ ବିଜେପି, ଆଜି ଦେଶ ରେ କ୍ଷମତା କୁ ଆସିବା ପରେ ସାରା ଦେଶ ରେ ତାର ଏହି କାର୍ଯ୍ୟଧାରା ବଜାଇ ରଖିଛି, ବିଜେପି ର ସାମ୍ପ୍ରଦାୟିକ ବିଦ୍ୱେଷ ଭିଡ଼ ହତ୍ୟା ଭଳି ଘୃଣିତ କାର୍ଯ୍ୟକ୍ରମ ବିରୁଦ୍ଧରେ ଜନମତ ସୃଷ୍ଟି କରି ବିଜେପି କବଳ ରୁ ଦେଶ କୁ ସୁରକ୍ଷା ଦେବା ପାଇଁ ଆହ୍ୱାନ ଦେଇଥିଲେ, ଏହି କାର୍ଯ୍ୟକ୍ରମ ରେ ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ନିନି ବେହେରା, ବରିଷ୍ଠ କମ୍ୟୁନିଷ୍ଟ ନେତା ଅନିରୁଦ୍ଧ ବେହେରା, ନିହାର ରଞ୍ଜନ ଜେନା ନିରଞ୍ଜନ ଜେନା, ବାସନ୍ତୀ ନାୟକ ଗାୟତ୍ରୀ ପଣ୍ଡା, ୱାର୍ଡ ସଭ୍ୟ କମଳାକାନ୍ତ ମହାନ୍ତି, କରୁଣାକର ବେହେରା, ଦୀପକ ନାୟକ, ପାକ ଜେନା ଙ୍କ ସହିତ ବହୁ ସାଥି ଏହି ଶ୍ରାଦ୍ଧ ବାର୍ଷିକୀ ରେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ବିଦାୟ ନେବ....

ଟଙ୍କିଆ ନୋଟ୍ ବଜାରକୁ ଆସିଥିଲା। ଯାହାର ମୋଟ ମୂଲ୍ୟ ୬.୭୨ ଲକ୍ଷ କୋଟି ଟଙ୍କା ଥିଲା। ତେବେ ୨୦୧୮-୧୯ରୁ ୨ ହଜାର ଟଙ୍କିଆ ଛାପା ବନ୍ଦ କରାଯାଇଥିଲା। ୨୦୨୧ରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଲୋକସଭାରେ ମତ ରଖିଥିଲେ ଯେ ଏହାର ପୂର୍ବ ବର୍ଷ ୨ ହଜାର ଟଙ୍କିଆ ନୋଟ୍ ଆଦୌ ଛପା ଯାଇନଥିଲା। ସେପଟେ ରିଜର୍ଭ ବ୍ୟାଙ୍କ ତାହାର ବାର୍ଷିକ ରିପୋର୍ଟରେ ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ରେ ୨ ହଜାର ଟଙ୍କିଆ ନୋଟ୍ ଗୋଟିଏ ବି ଛାପି ନଥିବା ତାହାର ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରିଥିଲା। ତେଣେ ବଜାରରେ ୨ ହଜାର ଟଙ୍କିଆ ନୋଟ୍ ନେଣଦେଣ କମିଥିବା ଦେଖିବାକୁ ମିଳିଥିଲା। ଏଟିଏମ୍‌ରେ ମଧ ଏହି ନୋଟ୍ ଦେଖିବାକୁ ମିଳୁ ନ ଥିଲା।

### କର୍ଣ୍ଣାଟକରେ ନୂଆ ....

ତେବେ ଶପଥ ସମାରୋହ ପାଇଁ କଂଗ୍ରେସ, ଆମ ଆଦମୀ ପାର୍ଟି, ବିଏସପି ଓ ବିଆରଏ ସମେତ କିଛି ଦଳକୁ ନିମନ୍ତ୍ରଣ କରିନାହିଁ । ଅର୍ଥାତ୍ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ, କେସିଆର, କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ସାମିଲ ହେବେ ନାହିଁ । କେବଳ ଏତିକି ନୁହେଁ, ବିଏସପି ମୁଖ୍ୟ ମାୟାବତୀଙ୍କୁ ମଧ ନିମନ୍ତ୍ରଣ ମିଳିନାହିଁ । ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନ୍ୟ କାରଣରୁ ଶପଥ ସମାରୋହରେ ସାମିଲ ହେବେ ନାହିଁ ବୋଲି ଜଣାପଡ଼ିଛି । ସେପଟେ ବିରୋଧୀଙ୍କୁ ଏକାଠିକୁ ନେଇ କଟାକ୍ଷ କରିଛି ବିଜେପି । ହାଇକମାଣ୍ଡଙ୍କ ନିଷ୍ପତି ପରେ କର୍ଣ୍ଣାଟକ କଂଗ୍ରେସ୍ ଇନଚାର୍ଜ ରଣଦୀପ ସୂର୍ଜେୱାଲା ଓ ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳ, ସିଦ୍ଧରମେୟାଙ୍କୁ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଏବଂ ଡି କେ ଶିବକୁମାର ଉପମୁଖ୍ୟମନ୍ତ୍ରୀ ହେବା ନେଇ ବିଦ୍ଧିବଦ୍ଧ ଘୋଷଣା କରିଥିଲେ । ତେବେ କର୍ଣ୍ଣାଟକ ମନ୍ତ୍ରିମଣ୍ଡଳରେ କେଉଁମାନଙ୍କୁ ସ୍ଥାନ ମିଳୁଛି, ତାକୁ ନେଇ ଚର୍ଚ୍ଚା ଜାରି ରହିଛି ।

### ପଶ୍ଚିମବଙ୍ଗ ବାଣ....

ବର୍ଷ ଧରି ଏକ ବାଣ କାରଖାନା ରହିଥିଲା। ଭାନୁ ବାଗ ନାମକ ଜଣେ ବ୍ୟକ୍ତି ଏହାକୁ ଚଳାଉଥିଲେ। ଆଜି କାରଖାନାରେ ସ୍ଥାନୀୟ ଓ ବାହାର ଅଞ୍ଚଳର ୩୫ ଜଣରୁ ଅଧିକ ଶ୍ରମିକ ବାଣ ତିଆରି କରୁଥିଲେ। ଦିନ ଗୋଟାଏ ବେଳେ କିଛି ଶ୍ରମିକ କାରଖାନାକୁ ଲାଗି ରହିଥିବା ଗୋଦାମ ନିକଟରେ ଏକ ବାଣର ପରୀକ୍ଷା କରୁଥିଲେ। ତେବେ ବାଣଟି ଉପରକୁ ଯିବା ପରିବର୍ତ୍ତେ ହଠାତ୍ ଗୋଦାମରେ ଯାଇ ପଡ଼ିଥିଲା। ଫଳରେ ବାଣ ନିଆଁରୁ ସେଠାରେ ଅଗ୍ନିକାଣ୍ଡ ଘଟିଥିଲା। କେଇ ମିନିଟ୍ ମଧ୍ୟରେ ଗଚ୍ଛିତ ବାଣ ସବୁ ବିସ୍ଫୋରଣ ହେବା ସହ ନିଆଁ ଲାଗି ଗୋଦାମ ଘର ଓ କାରଖାନା ଛାରଖାର ହୋଇଯାଇଥିଲା। ବିସ୍ଫୋରଣ ଶବ୍ଦ ଏବେ ପ୍ରଚଣ୍ଡ ଥିଲା ଯେ ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତର ୫ କିଲୋମିଟର ଅଞ୍ଚଳ ପର୍ଯ୍ୟନ୍ତ ଶୁଣାଯାଇଥିଲା। କିଛି ଶ୍ରମିକ କାରଖାନା ଭିତରେ ପୋଡ଼ିଯାଇଥିବା ବେଳେ ଆଉ କିଛି ଶ୍ରମିକ ଗୋଦାମ ବାହାରକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେହିପରି ୨୦ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନଙ୍କୁ ଏଗ୍ରା ମଲ୍ଟି ହସ୍‌ପିଟାଲ୍‌କୁ ନିଆଯାଇଛି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କୋଲକାତା ସ୍ଥାନାନ୍ତର ହୋଇଥିଲେ।

# ଉଦଳାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ




ଉଦଳା, ୧୯/୦୫ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଉଦଳାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ମଇ ୧୮ ତାରିଖ ଗୁରୁବାର ଦିନ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ କପ୍ତିପଦା ଉପଜିଲ୍ଲାପାଳ ଶୁଶାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ରଥଯାତ୍ରା ପାଇଁ ଖର୍ଚ୍ଚର ଅଟକଳ, ଅନୁଦାନ ସଂଗ୍ରହ , ଶୃଙ୍ଖଳା ରକ୍ଷାପାଇଁ ପୋଲିସ ବ୍ୟବସ୍ଥା, ପିଇବା ପାଣିର ବ୍ୟବସ୍ଥା, ବଡ଼ଦାଣ୍ଡର ଦୁଇ ପାଶ୍ୱରୁ ରଥଯାତ୍ରା ଠାରୁ ବାହୁଡ଼ା ପର୍ଯ୍ୟନ୍ତ ମାଂସ କଟା ଓ ବିକ୍ରୟ ବନ୍ଦ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଯଥାବିଧି କର୍ତବ୍ୟ ସମ୍ପାଦନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ତହସିଲଦାର ପ୍ରୀୟ ରଂଜନ ଜେନା, ଶ୍ରୀମନ୍ଦିର ପରିଚାଳନା କମିଟି ସଭାପତି ସୋମନାଥ ସାହୁ, ମାଉସୀ ମା ମନ୍ଦିର ପରିଚାଳନା କମିଟି ସଭାପତି ଲମ୍ବୋଦର ବେହେରା ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଏହି ଅବସରରେ ଉଦଳାରୁ ପ୍ରକାଶ ପାଉଥିବା ଆଧାତ୍ମିକ ପତ୍ରୀକା 'ମହାବାହୁ'ର ଉନ୍ମୋଚନ ଓ ସମୀକ୍ଷା ପର୍ବର ଆୟୋଜନ ପାଇଁ ଭକ୍ତିଜ୍ଞାନ ସଂଚାର ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୁଥାଲଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ସେହିପରି ମାଉସୀ ମା' ମନ୍ଦିରରେ ଯେତେଦିନ ପର୍ଯ୍ୟନ୍ତ ଦିଅଁ ମାନେ ଅବସ୍ଥାପିତ ହେବେ ସେଠାରେ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ଲମ୍ବୋଦର ବେହେରାଙ୍କୁ ଅର୍ପଣ କରାଯାଇଥିବାର ଜଣାଯାଇଛି । ପ୍ରକାଶ ଥାଉକି ଉଦଳା ରଥ ଯାତ୍ରାରେ ପ୍ରାୟ ୧ ଲକ୍ଷ ଲୋକଙ୍କର ସମାଗମ ଦେଖବାକୁ ମିଳିଥାଏ । ବୈଠକର ପ୍ରାରମ୍ଭରେ ମନୋରଂଜନ ପାଢ଼ୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଭାତ କୁମାର ପରିଡ଼ା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସହରଠାରୁ ପୁରୁପଲୀ ପର୍ଯ୍ୟନ୍ତ ଶ୍ରଦ୍ଧା-ଭକ୍ତିର ସହ ସାବିତ୍ରୀ ବ୍ରତ

ବାଲେଶ୍ୱର, ୧୯/୦୫ (ନି.ପ୍ର): ସାମ୍ପ୍ରତିକ ସମାଜରେ ଅତ୍ୟାଧୁନିକ ପାଶ୍ଚାତ୍ୟ ଜୀବନ ଶୈଳୀ ପ୍ରତି ଲୋକେ ଯେତେ ଆକର୍ଷିତ ହେଲେ ନିଜ ପରମ୍ପରାକୁ ଯେ ଭୁଲି ନାହାନ୍ତି, ତାହା ଶୁକ୍ରବାର ପାଳିତ ହୋଇଥିବା ମହାସାବିତ୍ରୀ ବ୍ରତରୁ ବେଶ ପରିଲକ୍ଷିତ ହୋଇଛି। ଉତ୍କଳୀୟ ସଂସ୍କୃତିର ଅନନ୍ୟ ପର୍ବ 'ସାବିତ୍ରୀ ବ୍ରତ'କୁ ବାଲେଶ୍ୱର ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ବିବାହିତ ମହିଳାମାନେ ବେଶ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କରିଥିବା ଦେଖିବାକୁ ମିଳିଛି। ସହରର ବିବେକାନନ୍ଦ ମାର୍ଗସ୍ଥିତ ଲଳିତେଶ୍ୱରୀ କାଳୀମନ୍ଦିର, ଝାଡ଼େଶ୍ୱର ମହାଦେବ ମନ୍ଦିର, ରାଜାବଗିଚା ରାଧାକୃଷ୍ଣ ମନ୍ଦିର, ବାଲିଘାଟସ୍ଥିତ ତାରିଣୀ ମନ୍ଦିର, ଓଟିରୋଡ଼ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ସମେତ ଅନ୍ୟାନ୍ୟ ବିଭିନ୍ନ ଶୈବପୀଠ ଓ ଶକ୍ତିପୀଠରେ ସକାଳଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମହିଳାଙ୍କର ଭିଡ଼ ହୋଇଥିବା ଲକ୍ଷ୍ୟ କରାଯାଇଛି। ମନ୍ଦିରର ଦେବାଦବୀଙ୍କ ନିକଟରେ ଶୋଡ଼ଷ ଉପଚାର ପୂଜା ସାଙ୍ଗକୁ ଭକ୍ତିପୂତ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ବ୍ରତଧାରୀମାନେ। ସ୍ୱାମୀଙ୍କ ଦୀର୍ଘ ଜୀବନ ସାଙ୍ଗକୁ ପରିବାରର ମଙ୍ଗଳ କାମନା କରିଥିଲେ ସମସ୍ତେ। ତେବେ ଜୀବନର ପ୍ରଥମଥର ପାଇଁ ସାବିତ୍ରୀ ବ୍ରତ ପାଳନ କରୁଥିବା ନବବିବାହିତାଙ୍କ ମଧ୍ୟରେ ପ୍ରବଳ ଉତ୍ସୁକତା ଲକ୍ଷ୍ୟ କରାଯାଇଥିଲା। ମହିଳାମାନେ ଅନ୍ୟ ସମୟରେ ଯେତେ ବି ଆଧୁନିକତାକୁ ଗ୍ରହଣ କରିଥିଲେ ବି ଅନ୍ତତଃପକ୍ଷେ ସାବିତ୍ରୀ ବ୍ରତ ପାଳନ ଅବସରରେ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଗୃହିଣୀ ପରି ସମସ୍ତ ଉତ୍କଳୀୟ ପରମ୍ପରାକୁ ଗ୍ରହଣ ଦେଖିବାକୁ ମିଳିଥିଲା। ପରମ୍ପରା ଅନୁସାରେ ବିବାହିତ ଝିଅମାନଙ୍କ ପାଇଁ ବାପଘରୁ ସାବିତ୍ରୀ ଭାର ଆଜି ଆସିଥାଏ। ଅନ୍ୟପକ୍ଷରେ ବଜାରର ଫଳଦର ଆକଶଛୁଆଁ ହୋଇଥିଲେ ମଧ୍ୟ ସ୍ୱାମୀମାନେ ସେଥିପ୍ରତି ଭ୍ରୂକ୍ଷେପ ନକରି ପତିବ୍ରତା ପତ୍ନୀଙ୍କୁ ଖୁସି କରିବାକୁ ହାତଖୋଲା ଖର୍ଚ୍ଚ କରୁଛନ୍ତି। ସାବିତ୍ରୀ ବ୍ରତରେ ଫଳ ଦୋକାନଠାରୁ ଆରମ୍ଭ କରି ଲୁଗାପଟା ଓ ଜଳଖିଆ ଦୋକାନରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଛି। ପତିଭକ୍ତିର ନିଦର୍ଶନ ଭାବେ ନାରୀର ଗାରିମାକୁ ଦୃଷ୍ଟିରେ ରଖି ଭାରତୀୟ ସଂସ୍କୃତି ସାବିତ୍ରୀ ବ୍ରତର ମହାନତା ଯୁଗେ ଯୁଗେ ପ୍ରତିପାଦିତ କରି ଆସିଛି। ପୌରାଣିକ କଥାବସ୍ତୁ ଆଧାରେ ସତୀ ସାବିତ୍ରୀଙ୍କ ପତିଭକ୍ତି ସ୍ୱାମୀ ସତ୍ୟବାନଙ୍କୁ ନୂଆ ଜୀବନ ପ୍ରଦାନ କରିଥିବା ବେଳେ ଏହା ଭାରତୀୟ ସଂସ୍କୃତି ପାଇଁ ଆଦର୍ଶ ହୋଇ ରହିଯାଇଛି। ଅନୁରୂପ ଭାବେ ଓଡ଼ିଆ ଘରର ବିବାହିତ ମହିଳାମାନେ ଆଜି ଏହାକୁ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରୁଥିବା ଦେଖିବାକୁ ମିଳିଛି। ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ପାଳିତ ହେଉଥିବା ଏହି ସାବିତ୍ରୀ ବ୍ରତରେ ଓଡିଶାର ପ୍ରତ୍ୟେକ ବିବାହିତ ନାରୀ ସ୍ୱାମୀଙ୍କର ଦୀର୍ଘ ଆୟୁ ସାଙ୍ଗକୁ ନିରାମୟ ଜୀବନ ଏବଂ ସୁନ୍ଦର ସ୍ୱାସ୍ଥ୍ୟ କାମନା ପୂର୍ବକ ପୂଜାର୍ଚ୍ଚନା କରିଥିଲେ।

## ସିଟି ହସପିଟାଲରେ ରୋଗୀଙ୍କୁ ମିଳୁନି ଔଷଧ

ଗଞ୍ଜାମ, ୧୯/୦୫ (ନି.ପ୍ର): ବ୍ରହ୍ମପୁର ସିଟି ହସପିଟାଲ ଉପରେ ଜିଲାର ଅର୍ଦ୍ଧାଧିକ ଜନସାଧାରଣ ନିର୍ଭର କରନ୍ତି। ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସିଥାନ୍ତି। କିନ୍ତୁ, ଡାକ୍ତର ରୋଗୀଙ୍କ ପାଇଁ ଯେଉଁ ସାଧାରଣ ଔଷଧ ଲେଖନ୍ତି ସେସବୁ ଔଷଧ ଡାକ୍ତରଖାନାରେ ମିଳୁନାହିଁ। ଡାକ୍ତର ତିନି ଚାରି ପ୍ରକାର ଔଷଧ ରୋଗୀଙ୍କୁ ଲେଖିଲେ ମାତ୍ର ଗୋଟିଏ କିମ୍ବା ଦୁଇଟି ଔଷଧ ଦିଆଯାଉଛି। ଅନ୍ୟ ଔଷଧ ବାହାରୁ କିଣିବାକୁ କୁହାଯାଉଛି। ଏପରିକି ବରିଷ୍ଠ ନାଗରିକ ମାନଙ୍କୁ ସାଧାରଣ ଉଚ୍ଚ ରକ୍ତଚାପ ପାଇଁ ଔଷଧ ଦିଆନଯାଇ ବାହାରୁ କିଣିନେବାକୁ କୁହାଯାଉଛି। ଫଳରେ ଏଠାକୁ ଆସୁଥିବା ରୋଗୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ସିଡିଏମଓ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ଉଡାଣ ସ୍କଲାରସିପ୍ ପ୍ରଦାନ




ପାରାଦୀପ, ୧୯/୦୫ (ନି.ପ୍ର):ପାରାଦୀପ ପ ଜେ ଏସ ଡ ବ୍ଲୁ ଫାଉଣ୍ଡେସନ ପକ୍ଷରୁ ପ୍ରସ୍ତାବିତ ଅଂଚଳର ତିନି ପଞ୍ଚାୟତର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ବୃତ୍ତି ପ୍ରଦାନ କରାଯାଇଛି। ଫାଉଣ୍ଡେସନ ପକ୍ଷରୁ ଉଡାଣ ସ୍କଲାରସିପ୍ ନାମରେ ପ୍ରତିବର୍ଷ ଆଇ ଟି ଆଇ, ଡିପ୍ଲୋମା ପାଠ୍ୟକ୍ରମ ଠାରୁ ଆରମ୍ଭ କରି ବିଭିନ୍ନ ବୈଷୟିକ ଶିକ୍ଷା ତଥା ଅନ୍ୟାନ୍ୟ ଉଚ୍ଚ ଶିକ୍ଷା ପାଠ ପଢା ପାଇଁ ଛାତ୍ର ବୃତ୍ତି ପ୍ରଦାନ କରାଯାଉଛି। ବିଗତ ୨୦୨୨ ପ ୨୩ ଆର୍ଥିକ ବର୍ଷ ପାଇଁ ସମୁଦାୟ ୯୪ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଛି ।ସେଥି ମଧ୍ୟରୁ ସ୍ଥାନୀୟ ତିନି ପଞ୍ଚାୟତର ୭୦ ଜଣ ରହିଥିବା ବେଳେ ଅନ୍ୟମାନେ ସ୍ଥାନୀୟ ପାରାଦୀପ ଓ ଆଖପାଖ ପଞ୍ଚାୟତର ରହିଛନ୍ତି। ବିଶେଷ କରି ଆଇ ଟି ଆଇ, ଡିପ୍ଲୋମା,ବି ଟେକ, ଏମ୍ ବି ଏ , ଏମ୍ ସି ଏ, ଭଳି ବିଭିନ୍ନ ଉଚ୍ଚ ଶିକ୍ଷା ତଥା ବୃତ୍ତିଗତ ଶିକ୍ଷା ଗ୍ରହଣ କରୁଥିବ ଛାତ୍ରଛାତ୍ରୀ ମାନଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଛି। ଏହି ଛାତ୍ରଛାତ୍ରୀ ମାନଙ୍କ ମେଧା ତାଲିକାକୁ ଅନୁଧ୍ୟାନ କରି ପ୍ରତ୍ୟେକଙ୍କୁ ସର୍ବନିମ୍ନ ବାର୍ଷିକ ୨/୩ ହଜାର ଟଙ୍କା ରୁ ସର୍ବାଧିକ ୫୦ ହଜାର ଟଙ୍କା ଲେଖାଏଁ ବୃତ୍ତି ପ୍ରଦାନ କରାଯାଇଛି। ଚଳିତ ବର୍ଷ ପାଇଁ ସମୁଦାୟ ୨୪ ଲକ୍ଷ ୫୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷ ପାଇଁ ଏହି ବୃତ୍ତି ବାବଦକୁ ୪୦ ଲକ୍ଷ ଟଙ୍କାର ବଜେଟ୍ ଅଟକଳ କରାଯାଇଛି। ଏହି ବୃତ୍ତି ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଚଳିତ ମାସ ୧୫ ତାରିଖରେ ପ୍ରଦାନ କରାଯାଇଛି। ସ୍ଥାନୀୟ ଅଞ୍ଚଳର ବି ଟେକ ଛାତ୍ରୀ ପୁର୍ଣ୍ଣିମା ସାହୁ, ଅନନ୍ୟା ଦାସ ଏହାକୁ ପାଇବା ପରେ ଅଧିକ ଉତ୍ସାହିତ ହେବା ସହିତ ଖୁସି ପ୍ରକାଶ କରିଛନ୍ତି, ଆଗାମୀ ଦିନରେ ସେମାନେ ଭଲ ପାଠ ପଢି କୃତକାର୍ଯ୍ୟ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ବୃତ୍ତି ସେମାନଙ୍କ ମନୋବଳ ବଢ଼ାଇବା ସହିତ ଅନ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବ ବୋଲି ସ୍ଥାନୀୟ ଗାଁର ବିଶ୍ୱଜିତ ଓଝା, ଶ୍ରାବଣୀ ପୃଷ୍ଟି,ପୃଥିରାଜ ଲେଙ୍କା, ସ୍ୱରାଜ ସ୍ୱାଇଁ, ବିଶ୍ୱ ବିଶ୍ୱୟ ତମିଲ ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ସହିତ ଜେ ଏସ ଡ ବ୍ଲୁ ପକ୍ଷରୁ ଦୀର୍ଘ ଦିନ ଧରି ସ୍ଥାନୀୟ ଅଞ୍ଚଳର ଅନେକ କିଛି ଉନ୍ନତି ମୂଳକ କାର୍ଯ୍ୟ କରାଯାଉଛି। ବିଗତ ଦିନରେ ହାଇସ୍କୁଲ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ମଧ ଜେ ଏସ ଡ ବ୍ଲୁ ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସହ ମୋ ସ୍କୁଲ ଅଭିଯାନ,ମୋ କଲେଜ ଅଭିଯାନ, ସ୍ଥାନୀୟ ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତିକରଣ, ଅଙ୍ଗନବାଡ଼ି ସୌନ୍ଦର୍ଯ୍ୟୀକରଣ , ଷ୍ଟାଡିୟମ ନିର୍ମାଣ,ଆଲୋକୀକରଣ , କ୍ରୀଡା ସାମଗ୍ରୀ ପ୍ରଦାନ, ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ମେସିନ ପ୍ରଦାନ ଭଳି ଅନେକ କିଛି ଉନ୍ନତି ମୂଳକ କାର୍ଯ୍ୟ କରାଯାଇଛି। ଆଗାମୀ ଦିନରେ ଏହିଭଳି କାର୍ଯ୍ୟ ଜାରି ରହିବ ବୋଲି ଜେ ଏସ ଡ ବ୍ଲୁ ଫାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଛି।

# ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ସେଣ୍ଡାଇ ରୂପରେଖର ମଧ୍ୟବର୍ତ୍ତୀ ସମୀକ୍ଷା

ନୂଆଦିଲ୍ଲୀ,୧୯/୦୫ : ଭାରତରେ ଆମେ, ବିପର୍ଯ୍ୟୟ ବିପତ୍ତି ହ୍ରାସ ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦେଇଥାଉ; ଏହା ଏକ ପ୍ରମୁଖ ସାର୍ବଜନୀନ ନୀତିଗତ ପ୍ରସଙ୍ଗ । ଆମେ ବିପର୍ଯ୍ୟୟ ବିପତ୍ତି ହ୍ରାସ କରିବା ଲାଗି ନିର୍ଦ୍ଧାରିତ ପାଣ୍ଠି ଯୋଗାଣରେ ଯଥେଷ୍ଟ ବୃଦ୍ଧି କରିଛୁ । ଆମେ ବିପର୍ଯ୍ୟୟ ବିପତ୍ତି ପ୍ରଶମନର ସମସ୍ତ ଆବଶ୍ୟକତା – ବିପର୍ଯ୍ୟୟ ବିପତ୍ତିକୁ ହ୍ରାସ କରିବା, ପ୍ରସ୍ତୁତି, ମୁକାବିଲା ଏବଂ ପୁନଃନିର୍ମାଣ ନିମନ୍ତେ ନିଜର ପାଣ୍ଠି ଯୋଗାଣ ବ୍ୟବସ୍ଥାରେ ଐତିହାସିକ ପରିବର୍ତ୍ତନ ଆଣିଛୁ । ପାଞ୍ଚ ବର୍ଷ (୨୦୨୧-୨୦୨୫) ମଧ୍ୟରେ ବିପର୍ଯ୍ୟୟ ବିପତ୍ତି ପ୍ରଶମନ ପାଇଁ ଆମ ରାଜ୍ୟ ଓ ସ୍ଥାନୀୟ ସରକାରଙ୍କ ପାଖରେ ପ୍ରାୟ ୬ ବିଲିୟନ ଆମେରିକୀୟ ଡଲାରର ପାଣ୍ଠି ଉପଲବ୍ଧ ହୋଇପାରିଛି। ଏହା ବ୍ୟତୀତ ପ୍ରସ୍ତୁତି, ମୁକାବିଲା ଏବଂ ପୁନଃନିର୍ମାଣ ପାଇଁ ମଧ୍ୟ ଅତିରିକ୍ତ ୨୩ ବିଲିୟନ ଆମେରିକୀୟ ଡଲାର ପାଣ୍ଠି ମହଜୁଦ ରହିଛି। ମାତ୍ର ଗୋଟିଏ ଦଶନ୍ଧି ମଧ୍ୟରେ, ଆମେ ବାତ୍ୟାଜନିତ ଜୀବନହାନି ହାର ୨% ତଳକୁ ଖସିପାରିଛି। ଭୂସ୍ଖଳନ, ଗ୍ଲେସିୟର ହ୍ରଦ ବିସ୍ଫୋରଣ ଜନିତ ବନ୍ୟା, ଭୂମିକମ୍ପ, ଜଙ୍ଗଲ ନିଆଁ, ଗ୍ରୀଷ୍ମପ୍ରବାହ ଏବଂ ବଜ୍ରପାତ ଆଦି ସବୁ ବିପର୍ଯ୍ୟୟ ଜନିତ ବିପଦରେ କ୍ଷତିର ପରିମାଣକୁ କମାଇବା ପାଇଁ ଆମେ ଏବେ ମହତ୍ୱାକାଂକ୍ଷୀ ପ୍ରଶମନ କାର୍ଯ୍ୟକ୍ରମ ବିକଶିତ କରୁଛୁ । ଆମେ ଆଗୁଆ ଚେତାବନୀ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ଲାଗି ସମ୍ପୂର୍ଣ୍ଣ ସମର୍ପିତ ହୋଇ କାର୍ଯ୍ୟ କରୁଛୁ । ଆମେ ଏକ ସାଧାରଣ ଚେତାବନୀ ବ୍ୟବସ୍ଥା ବା କମନ୍ ଆଲର୍ଟ ପ୍ରୋଟୋକଲ ଲାଗୁ କରୁଛୁ, ଯାହାକି ବିପର୍ଯ୍ୟୟ ପ୍ରଶମନକାରୀ ଏବଂ ଦୂରସଞ୍ଚାର ସେବା ପ୍ରଦାନକାରୀଙ୍କ ସହିତ ଆଗୁଆ ଚେତାବନୀ ଦେଉଥିବା ସଂସ୍ଥାଗୁଡ଼ିକୁ ଏକାଠି କରିବ । ଏହା ଆମ ଦେଶର ୧୩୦ କୋଟିରୁ ଅଧିକ ନାଗରିକମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ନିକଟରେ ଆଞ୍ଚଳିକ ଭାଷାରେ ବାର୍ତ୍ତା ପହଞ୍ଚାଇବା ଲାଗି ଭୌଗଳିକ କ୍ଷେତ୍ର ଆଧାରିତ ଚେତାବନୀର ପ୍ରଚାରପ୍ରସାର ସୁନିଶ୍ଚିତ କରିବ । ''୨୦୨୭ ସୁଦ୍ଧା ସମସ୍ତଙ୍କ ପାଇଁ ଆଗୁଆ ଚେତାବନୀ'' ପାଇଁ ମିଳିତ ଜାତିସଂଘ ମହାସଚିବଙ୍କ ପ୍ରୟାସକୁ ଆମେ ପ୍ରଶଂସା କରୁଛୁ । ଏହି ସମୟବଦ୍ଧ ବିଶ୍ୱସ୍ତରୀୟ ପ୍ରୟାସର ଲକ୍ଷ୍ୟ ହାସଲ ଦିଗରେ ଆମର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । ମହାମହିମଗଣ, ଭାରତର ଅଧ୍ୟକ୍ଷତା ଅଧୀନରେ, ଜି୨୦ ସଦସ୍ୟମାନେ ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ଏକ କାର୍ଯ୍ୟଗୋଷ୍ଠୀ ପ୍ରତିଷ୍ଠା କରିବା ଲାଗି ସହମତ ହୋଇଛନ୍ତି । ଜି୨୦ କାର୍ଯ୍ୟ ଗୋଷ୍ଠୀ




ଦ୍ୱାରା ୫ଟି ପ୍ରାଥମିକତା ନିର୍ଦ୍ଧାରଣ କରାଯାଇଛି, ସେଗୁଡ଼ିକ ହେଲା – ସମସ୍ତଙ୍କ ପାଇଁ ଆଗୁଆ ଚେତାବନୀ, ସହନଶୀଳ ଭିତ୍ତିଭୂମି, ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ପାଣ୍ଠି ଯୋଗାଣରେ ସୁଧାର, ମୁକାବିଲା ପାଇଁ ବ୍ୟବସ୍ଥା ଓ କ୍ଷମତା ବୃଦ୍ଧି ଓ 'ଉନ୍ନତ ପୁନଃନିର୍ମାଣ', ଏବଂ ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ଇକୋସିଷ୍ଟମ ଆଧାରିତ ଆଭିମୁଖ୍ୟ। ଏସବୁ ପ୍ରାଥମିକତା ବିଶ୍ୱସ୍ତରରେ ସେଣ୍ଡାଇର ଲକ୍ଷ୍ୟ ହାସଲକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ଏହାବ୍ୟତୀତ, ବର୍ତ୍ତମାନ ଭାରତ ଏବଂ ଆମେରିକାର ସହ-ନେତୃତ୍ୱରେ ପରିଚାଳିତ ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ମେଣ୍ଟ ଏକବିଂଶ ଶତାବ୍ଦୀରେ ଭିତ୍ତିଭୂମି ପାଇଁ ଯୋଜନା ପ୍ରସ୍ତୁତି, ଡିଜାଇନ, ନିର୍ମାଣ ଓ ରକ୍ଷଣାବେକ୍ଷଣକୁ ପ୍ରଭାବିତ କରୁଛି । ଏହାକୁ ଯଦି ଦୃଢ଼ ବିପର୍ଯ୍ୟୟ ଆକଳନ ଦ୍ୱାରା ସୂଚୀତ କରାଯାଏ ଏବଂ ଭଲ ବିପତ୍ତି ପ୍ରଶାସନ ଦ୍ୱାରା ରେଖାଙ୍କିତ କରାଯାଏ ତା'ହେଲେ ମୌଳିକ ଭିତ୍ତିଭୂମିରେ ନିବେଶ ଦୀର୍ଘକାଳୀନ ସହନଶୀଳତା ସୃଷ୍ଟି କରିପାରିବ । ମହାମହିମଗଣ, ଆଜି ସକାଳେ ଆମେ ନିକଟରେ ତୁର୍କୀ ଭୂମିକମ୍ପରୁ ରକ୍ଷା ପାଇଯାଇଥିବା ଜଣେ ବ୍ୟକ୍ତିଙ୍କ ମାର୍ମିକ ବୃତ୍ତାନ୍ତ ଶୁଣିଲୁ। ଏହି ପରିପ୍ରେକ୍ଷୀରେ ଏବଂ ସାରା ବିଶ୍ୱକୁ ଗୋଟିଏ ବଡ଼ ପରିବାର ଭାବେ ବିବେଚନା କରୁଥିବା 'ବସୁଧୈବ କୁଟୁମ୍ବକମ' ଭାବନା ନେଇ ଭାରତ ସରକାର ତୁର୍କୀ ଓ ସିରିୟାରେ ଭୂକମ୍ପ ପ୍ରଭାବିତ ଆମ ଭାଇ ଓ ଭଉଣୀମାନଙ୍କ ସହାୟତା ପାଇଁ ଭ୍ରାମ୍ୟମାଣ ଡାକ୍ତରଖାନା ସହିତ ସନ୍ଧାନ ଓ ଉଦ୍ଧାର ଦଳ ଏବଂ ଚିକିତ୍ସା ଦଳ ପଠାଇଥିଲା। ଏହା ହେଉଛି ମାନବ-କୈନ୍ଦ୍ରିକ ଜାଗତିକ ବିକାଶ ଆଭିମୁଖ୍ୟର ଏକ ପ୍ରକୃତ ଉଦାହରଣ। ମହାମହିମଗଣ, ଶେଷରେ ମୁଁ ଏତିକି କହିବି ଯେ ଆମେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) : ''କାହାକୁ ପଛରେ ନଛାଡ଼ିବା, କୌଣସି ସ୍ଥାନକୁ ପଛରେ ନଛାଡ଼ିବା ଏବଂ କୌଣସି ଇକୋସିଷ୍ଟମକୁ ପଛରେ ନଛାଡ଼ିବା''ର ଭାବନା ନେଇ ଘରୋଇ ସ୍ତରରେ ଏବଂ ପୃଥିବୀର ସବୁ ସ୍ଥାନରେ ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ହେଉଥିବା ପ୍ରୟାସରେ ସହଯୋଗ କରିବା ଲାଗି ଆମେ ପ୍ରସ୍ତୁତ ରହିଛୁ ।

# ମୟୂରଭଂଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ୫ ବର୍ଷିଆ ବି.ଏ .ଏଲ.ଏଲ.ବି, ଏମ.ଏ ଏବଂ ଏମ.ଏ.ସି ନୂତନ ବିଷୟ ଖୋଲିଲା

ବାରିପଦା , ୧୯/୦୫ (ନି.ପ୍ର): ବାରିପଦା ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ୨୦୨୩-୨୪ ବର୍ଷ ଠାରୁ ୫ ବର୍ଷିଆ ବି.ଏ. ଏଲ.ଏଲ.ବି, ଏମ.ଏ ( ଓଡ଼ିଆ, ଇଂରାଜୀ, ଏଜୁକେସନ ଓ ରାଜନୀତି ବିଜ୍ଞାନ ) ଏବଂ ଏମ.ଏ.ସି. ( ଭୌତିକ, ରସାୟନ, ଉଭିଦ ଓ ପ୍ରାଣୀ ) ଖୋଲିବାକୁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ହାଇ ପାୱାର କମିଟି ଅନୁମତି ଦେଇଛନ୍ତି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ପ୍ରକାଶ କରିଛନ୍ତି । ଏହି ମହାବିଦ୍ୟାଳୟ ଭାରତ ସରକାରଙ୍କର ବିଶ୍ୱବିଦ୍ୟାଳୟ ଆୟୋଗ ଦ୍ୱାରା ୨(ଏଫ) ଏବଂ ୧୨(ବି) ଧାରାରେ ସ୍ୱୀକୃତି ପ୍ରାପ୍ତ । ରାଜ୍ୟ ସରକାର ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ୧୨୦ ସିଟ ସହିତ ୫ ବର୍ଷିଆ ବି.ଏ, ଏଲ.ଏଲ.ବି, , ଏମ.ଏ ( ଓଡ଼ିଆ, ଇଂରାଜୀ, ଏଜୁକେସନ ଓ ରାଜନୀତି ବିଜ୍ଞାନ) ରେ ପ୍ରତ୍ୟେକ ବିଭାଗ ନିମନ୍ତେ ୧୬ଟି ଲେଖାଏଁ ସିଟ ଏବଂ ଏମ.ଏସ.ସି. ( ଭୌତିକ, ରସାୟନ, ଉଭିଦ ଓ ପ୍ରାଣୀ )ରେ ପ୍ରତ୍ୟେକ ବିଭାଗରେ ୨୪ ଟି ଲେଖାଏଁ ସିଟ୍ କୁ ଅନୁମତି ଦେଇଥିବାରୁ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଦାଶ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ୫ଟି ସଚିବ ଭି.କେ. ପାଣ୍ଡିଆନ, ଏମ.ଏସ.ସି.ବି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମୋରଡା ବିଧାୟକ କିଶୋର ଦାସ, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ଉଚ୍ଚ ଶିକ୍ଷା ବିଭାଗ ଶଶସନ ସଚିବ ଏବଂ ବାଲେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବିଦ୍ୟା ବାଚସ୍ପତି ଶ୍ରୀନିବାସ ଉଦ୍ଗାତାଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର, ୧୯/୦୫ (ନି.ପ୍ର): ସଂସ୍କୃତ ପରିଷଦ ବଲାଙ୍ଗିର ଏବଂ ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭାର କର୍ମକର୍ତାମାନେ ଅତିବଡି ଜଗନ୍ନାଥ ଦାସ ପୁରସ୍କାର ପ୍ରାପ୍ତ ବିଦ୍ୟା ବାଚସ୍ପତି ଡ. ଶ୍ରୀ ନିବାସ ଉଦ୍ଗାତାଙ୍କୁ ତାଙ୍କ ନିଜ ବାସଭବନରେ ଭେଟି ପୁଷ୍ପମାଲ୍ୟ ତଥା ଉପଢୌକନ ପ୍ରଦାନ କରି ଆଶିର୍ବାଦ ଭିକ୍ଷା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ରାହ୍ମଣ ମହାସଭାର ସଭାପତି ଧନଞ୍ଜୟ ମିଶ୍ର, ସଂପାଦକ ଆଇନଜିବୀ ଜୟରାମ ମିଶ୍ର, ସହ-ସଂପାଦକ ଶୁଭେନ୍ଦ୍ର ନେପାକ, କୋଷାଧ୍ୟକ୍ଷ ଅର୍ଣ୍ଣୁରାମ ନାୟକ, ପର୍ଶୁରାମ ବାହିନୀ ମୁଖ୍ୟ ମଦନ ମୋହନ ରଥ, ସଂସ୍କୃତ ପରିଷଦର ସଭାପତି ନୀଳମଣି ମିଶ୍ର, ସଂପାଦକ ଜୟରାମ ମିଶ୍ର, ସହ ସଂପାଦକ ସଂକୀର୍ତନ ତ୍ରିପାଠୀ ଓ କୋଷାଧ୍ୟକ୍ଷ ରାଜ କିଶୋର ପଣ୍ଡାଙ୍କ ସମେତ ରଘୁନାଥ ମିଶ୍ର, ବନମାଳି ନନ୍ଦ, ପୁରୁଷୋତ୍ତମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ଶନିବାର, ମଇ ୨୦, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜଗାଇ ଆଞ୍ଚଳିକ ମୁନି ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

ଲଙ୍ଗଳେଶ୍ୱର , ୧୯/୦୫ (ନି.ପ୍ର): ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ଓଡ଼ିଶା ପ୍ରାନ୍ତ ଅଧିନରେ ଥିବା ବାଲିଆପାଳ ବ୍ଲକର ଜଗାଇ ଆଞ୍ଚଳିକ ମୁନି ସମାଜର ଦୁଇ ଦିନିଆ ବାର୍ଷିକ ସମ୍ମିଳନୀ ଜଗାଇ ସ୍ଥିତ କଳମା ପଡିଆରେ ଅନୁଷ୍ଠିତ ହୋଇଯାଇଛି ।ଜଗାଇ ଆଞ୍ଚଳିକ ମୁନି ସମାଜର ସଭାପତି ଯୋଗୀ ବିକାଶ ମୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରଖ ଜିଲ୍ଲା ମୁନି ସମାଜର ସଭାପତି ଯୋଗୀ ଦଶରଥ ମୁନି ଯୋଗଦେଇ କହିଥିଲେ ଯେ ଜ୍ଞାନରେ ହିଁ ଶକ୍ତି ଅଛି ।ଆତ୍ମ ଜ୍ଞାନ ସର୍ବ ଶ୍ରେଷ୍ଠ ଜ୍ଞାନ,ଅନ୍ଧ ବିଶ୍ୱାସ ଛାଡି ନିଜ ଭିତରେ ଥିବା ଶବ୍ଦକୁ ଶୁଣ ।ତୁମର ପ୍ରକୃତ ପଥ ପ୍ରଦର୍ଶକ ତୁମ ଭିତରେ ବିଦ୍ୟମାନ ବୋଲି ସେ କହିଥିଲେ ।ମୁଖ୍ୟବକ୍ତା ଭାବେ ଯୋଗଚାର୍ଯ୍ୟ କଳାକୃଷ୍ଣ ମିଶ୍ର ମୁନି ଯୋଗଦେଇ ଯୋଗଦ୍ୱାରା ବହୁ ଅଶାଧ କୁ ସାଧନ କରାଯିବା ସହିତ ସୁସ୍ଥ ସମାଜ ଗଠନ ସହିତ ସୁସ୍ଥ ଜୀବନ ଯାପନ କରାଯାଇ ପାରିବ ବୋଲି କହିଥିଲେ ।ସମ୍ମାନିତ ଅତିଥି ଭାବରର ଜଗାଇ ଆଞ୍ଚଳିକ ମୁନି ସମାଜର ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ରାଧାଗୋବିନ୍ଦ ମୁନି,ଯୋଗୀ ବିମଳ ମୁନି ଓ ଯୋଗୀ ଚିତ୍ତ ମୁନି ପ୍ରମୁଖ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଦୁଇ ଦିନିଆ ଏହି ସମ୍ମିଳନୀକୁ ଜଗାଇ ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତା ମାନେ ତଥା ଗ୍ରାମବାସୀ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।ସମ୍ମିଳନୀରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦେଇ ଯୋଗ ଶିକ୍ଷା କରିବା ସହିତ ବୌଦ୍ଧିକ ଜ୍ଞାନ ଆହରଣ କରିଥିଲେ ।



# ଏସ୍.ଇ.ବି.ସି. ସର୍ଭେ : ୧୯ ରୁ ୨୭ ସ୍ପେଶାଲ ଡ୍ରାଇଭ୍

## ଘରକୁ ଘର ବୁଲି ସର୍ଭେ ଆଜିଠୁ ଆରମ୍ଭ

ଭଦ୍ରକ, ୧୯/୦୫ (ନି.ପ୍ର): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ମତେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଗତ ୧ ତାରିଖ ଠାରୁ ଓଡ଼ିଶା ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତିର ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି । ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁଯାୟୀ ଏହି ସର୍ଭେ ପାଇଁ ହେବାକୁ ଥିବା ସ୍ପେଶାଲ ଡ୍ରାଇଭ କାର୍ଯ୍ୟକ୍ରମ ୨୧ ତାରିଖ ପରିବର୍ତ୍ତେ ସମଗ୍ର ରାଜ୍ୟରେ ଆଜି ଠାରୁ ଆରମ୍ଭ କରାଯାଇଛି । ଏହି କ୍ରମରେ ଭଦ୍ରକ ଜିଲ୍ଲାରେ ମଧ ଏନୁମରେଟର ଭାବେ କାର୍ଯ୍ୟ କରୁଥିବା ଅଙ୍ଗନବାଡ଼ି କର୍ମୀ ଓ ଅନ୍ୟମାନେ ଘର କୁ ଘର ବୁଲି ତାଲିକାଭୁକ୍ତ ଏସ୍.ଇ.ବି.ସି. ଲୋକମାନଙ୍କର ସର୍ଭେ କାର୍ଯ୍ୟ ଆଜି ଠାରୁ ଆରମ୍ଭ କରିଛନ୍ତି । ଜିଲ୍ଲାର ୭ଟି ବ୍ଲକ ଓ ୪ଟି ପୌରାଞ୍ଚଳରେ ଏହି ସର୍ଭେ କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡ୍ଡୁ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉଚ୍ଚ ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ତଦାରଖ ଓ କ୍ଷେତ୍ରସ୍ତରୀୟ ପର୍ଯ୍ୟବେକ୍ଷଣ ଜରିଆରେ ଏହି ଗୁରୁତ୍ୱପୂର୍ଣ୍ଣ ସର୍ଭେ କାର୍ଯ୍ୟ ଆଗେଇ ଚାଲିଛି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାର ସମାପ୍ତି ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରକାଶ ଥାଉକି ଘରକୁ ଘର ବୁଲି ସର୍ଭେ କରାଯାଉଥିବା ଏହି ସ୍ପେଶାଲ ଡ୍ରାଇଭ କାର୍ଯ୍ୟକ୍ରମ ଏହି ମାସର ଚତୁର୍ଥ ଶନିବାର, ରବିବାର କିମ୍ୱା ଅନ୍ୟ କୌଣସି ସରକାରୀ ଛୁଟି ଦିବସରେ ବନ୍ଦ କରାଯିବ ନାହିଁ । ସୂଚନାଯୋଗ୍ୟକି ଜିଲ୍ଲାର ସମୁଦାୟ ୬୮୨ କେନ୍ଦ୍ର ଖୋଲାଯାଇ ଏହି ସର୍ଭେ କାର୍ଯ୍ୟ କରାଯାଉଛି । ସେଥିମଧ୍ୟରେ ବାସୁଦେବପୁର ବ୍ଲକରେ ୧୧୧, ବାସୁଦେବପୁର ମ୍ୟୁନିସିପାଲିଟିରେ ୨୩, ଭଦ୍ରକ ବ୍ଲକ୍‌ରେ ୯୯, ଭଦ୍ରକ ମ୍ୟୁନିସ୍‌ପାଲିଟରେ ୨୨, ଭଣ୍ଡାରିପୋଖରୀ ବ୍ଲକରେ ୭୨, ବନ୍ତ ବ୍ଲକରେ ୭୭, ଚାନ୍ଦବାଲି ବ୍ଲକରେ ୯୩, ଚାନ୍ଦବାଲି ଏନ୍.ଏ.ସି.ରେ ୧୫, ଧାମନଗର ବ୍ଲକରେ ୯୬, ଏନ୍.ଏ.ସି.ରେ ୬ ଓ ତିହିଡ଼ି ବ୍ଲକରେଯ ୬୮ଟି କେନ୍ଦ୍ର ଖୋଲାଯାଇଛି । ଆରମ୍ଭ ଦିନ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମୁଦାୟ ୧,୩୯,୫୪୯ ପରିବାର ର ୫,୫୩,୪୪୨ ଜଣ ସଦସ୍ୟଙ୍କୁ ସର୍ଭେ କରାଯାଇଥିବା ନେଇ ସୂଚନା ପ୍ରଦାନ କରାଯାଇଛି ।



# ୨ପାୱାର ଟିଲର ଜବତ କଲେ ତହସିଲଦାର

ଖଇରା, ୧୯/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଧାନଘରପଦା ନିକଟରେ ସରକାରୀ ଜମିରେ ମାଙ୍କଡା ଖୋଳିବା ପାଇଁ ଉକ୍ତ ଗ୍ରାମର ଜନୈକ ବ୍ୟକ୍ତିଙ୍କ ବାଡିରେ ରଖାଯାଇଥିବା ୨ଟି ପାୱାର ଟିଲରକୁ ଖଇରା ତହସିଲଦାର ପ୍ରଶାନ୍ତ ମହାରଣା ଗୁରୁବାର ବିଳମ୍ବିତ ରାତିରେ ଜବତ କରିଛନ୍ତି । ତେବେ ଏଭଳି ଜବତକୁ ନେଇ ବିବାଦ ଆରମ୍ଭ ଦେଖାଦେଇଛି । ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରେ ଏହି ମ୍ୟାସିନ ମାଙ୍କଡା ପଥର ଖୋଳୁଥିବା ଖବର ପାଇଁ ଷ୍ଟାଫ ଙ୍କ ସହ ସେ ବିଳମ୍ବିତ ରାତିରେ ଯାଗାରେ ପହଞ୍ଚିବା ପୂର୍ବରୁ ଖୋଳୁଥିବା ବ୍ୟକ୍ତି ଜଣେ ବ୍ୟକ୍ତିଙ୍କ ବାଡିରେ ମ୍ୟାସିନ ରଖି ପଳାଇଥିଲେ । ପରେ ସେ ମ୍ୟାସିନ ୨ଟିକୁ ଜବତ କରି ଖଇରା ତହସିଲକୁ ଆଣିଥିବାର କହିଛନ୍ତି ।

# ଶ୍ରୀଲୋକନାଥ କିନ୍ନର ସଂଘ ସାବିତ୍ରୀ ବ୍ରତ

ବାଲେଶ୍ୱର, ୧୯/୦୫ (ନି.ପ୍ର): ଶ୍ରୀଲୋକନାଥ କିନ୍ନର ସଂଘ ପକ୍ଷରୁ ନିଷ୍ଠାର ସହ ମହାସାବିତ୍ରୀ ବ୍ରତ ଶୁକ୍ରବାର ପାଳିତ ହୋଇଯାଇଛି । ସହରର ଆନନ୍ଦବଜାରସ୍ଥିତ ଶ୍ରୀଲୋକନାଥ ମନ୍ଦିରରେ ପୂଜାର୍ଚ୍ଚନା ସହ ବ୍ରତଧାରୀ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ । ବିଧି ଅନୁସାରେ ମନ୍ଦିର ପୂଜକ ପୂଜା କରିବା ସହ ସେମାନେ ଦେବତାଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ମହିଳାମାନେ ନିଜର ସ୍ୱାମୀଙ୍କ ଦୀର୍ଘାୟୁ ସହ ପରିବାରର କଲ୍ୟାଣ କାମନା କରୁଥିବା ବେଳେ କିନ୍ନରମାନେ ସେମାନଙ୍କ ଗୁରୁଙ୍କ ଦୀର୍ଘ ଜୀବନ କାମନା କରିଥିଲେ । ସଂଘର ସଭାପତି ପ୍ରିୟା କିନ୍ନର ଓ ସମ୍ପାଦକ ନନ୍ଦିନୀ କିନ୍ନରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ସମସ୍ତେ ପୂଜାର୍ଚ୍ଚନା କରିଥିଲେ । ପ୍ରତିବର୍ଷ ଏହିଭଳି ବ୍ରତ ପାଳନ କରାଯାଇ ଥାଏ ବୋଲି ସଂଘର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି । ସାବିତ୍ରୀ ବ୍ରତରେ ପୂଜାର୍ଚ୍ଚନା କରି ସେମାନଙ୍କୁ ବେଶ ଆତ୍ମସନ୍ତୋଷ ଓ ମାନସିକ ଶାନ୍ତି ମିଳିଥାଏ ବୋଲି କିନ୍ନରମାନେ ପ୍ରକାଶ କରିଛନ୍ତି ।

# ୫୯ ବିଦ୍ୟାଳୟର ୨୮୫୦ ଛାତ୍ରଛାତ୍ରୀ ପାସ୍ : ୧୦ ଟପ୍ପର ତାଲିକାରେ ୧୮ ନାମ

ଜଳେଶ୍ୱର , ୧୯/୦୫ (ନି.ପ୍ର): ସମଗ୍ର ରାଜ୍ୟରେ ପ୍ରକାଶିତ ମାଧ୍ୟମିକ ପରୀକ୍ଷାରେ ୯୮.୩୬ ପାସ୍ ହାର ଥିବା ବେଳେ ଜଳେଶ୍ୱର ବ୍ଲକରେ ୯୮.୩୯ ପ୍ରତିଂତ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ୫୯ଟି ଉଚ୍ଚ ବିଦ୍ୟାଳୟର ୨୮୮୫ ନିୟମିତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୮୫୦ଜଣ କୃତକାର୍ଯ୍ୟ ହୋଇଛନ୍ତି । ଏ୧ରେ ୧୨୦ ଜଣ, ଏ୨ରେ ୫୯୬ ଜଣ, ବି୧ରେ ୮୬୪, ବି୨ରେ ୭୦୫, ସିରେ ୩୮୬, ଡି ରେ ୧୨୧ ଓ ଇ ରେ ୫୩ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । କିନ୍ତୁ ୩୫ଜଣ ଛାତ୍ରଛାତ୍ରୀ ଫେଲ ହୋଇଥିବା ଜଣାଯାଇଛି । ବ୍ଲକ ସ୍ତରରେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ୧୮ଜଣ ଟପ୍ପର ହୋଇଥିବା ଜଣାଯାଇଛି । ଏଥିରୁ ସାନ୍ତିଆସ୍ଥିତ ଏସ୍‌ସିଏସ୍ ହାଇସ୍କୁଲରୁ ରୋହିତ କୁମାର ଜେନା ୫୭୯, ବିରୁକୃପା ପ୍ରଧାନ ୫୬୬, ଅନୁରକ୍ତା ଆଚାର୍ଯ୍ୟ ୫୬୨, ଆର୍‌କେ ହାଇସ୍କୁଲର ରାଜିବ ଲୋଚନ ଚକ୍ରବର୍ତ୍ତୀ ୫୭୯, ଓମ୍‌ସାଇ ସତ୍ୟପ୍ରକାଶ ୫୭୫, ଜଗନ୍ନାଥ କର ୫୬୮, ଜସ୍ମିନ ବେହେରା ୫୬୮, ଜ୍ୟୋତିର୍ମୟୀ ଗିରି ୫୬୭, ଏସ୍‌ଏସ୍‌ବିବି ସ୍କୁଲର ତପସ୍ୱିନୀ ପାତ୍ର ୫୭୫, ପଂକଜିନୀ ମହାନ୍ତି ୫୭୩, ଦୀପାଞ୍ଜଳି ଦାସ ୫୬୮, ଗୋପାଳ ଗିରି ୫୬୪, ମୋନାଲିସା ଗିରି ୫୬୩, ହରପ୍ରସାଦ ଏକାଡେମୀର ପବିତ୍ର ମିଶ୍ର ୫୬୭, ପ୍ରଜନସା ମହାପାତ୍ର ୫୬୭, ହାତୀଗଡ ହାଇସ୍କୁଲର ପ୍ରତ୍ୟାସା ମାନ୍ନା ୫୬୫, ଅଗ୍ରୱଲା ହାଇସ୍କୁଲର ଦିବ୍ୟଜ୍ୟୋତି କୁଇଲା ୫୬୨, ଚାଲନ୍ତି ହାଇସ୍କୁଲର ଦୀନବଂଧୁ କୁମାର ଦେ ୫୬୨ ନମ୍ବର ରଖି ଟପ୍ପର ହୋଇଥିବା ଜଣାଯାଇଛି । ୨୭ଟି ହାଇସ୍କୁଲରେ ଶତପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ୧୨ଟି ହାଇସ୍କୁଲର ୩୫ଜଣ ଛାତ୍ରଛାତ୍ରୀ ଫେଲ ହୋଇଥିବା ଜଣାଯାଇଛି । ଆଶ୍ଚର୍ଯ୍ୟ ବିଶୟ ଜଳେଶ୍ୱର ହାଇସ୍କୁଲ ଗତବର୍ଷ ୭୫ଜଣ ଛାତ୍ରଛାତ୍ରୀ ଏ୧ରେ ପାସ୍ କରି ସମଗ୍ର ଜିଲାରେ ରେକର୍ଡ କରିଥିବା ବେଳେ ଚଳିତବର୍ଷ ଜଣେହେଲେ ଏ୧ରେ ପାସ୍ କରିନଥିବା ଜଣାଯାଇଛି ।

# କେରଳ ଷ୍ଟୋରୀ ଚଳଚିତ୍ର ନେଇ ଭିଏଚପିର ସଚେତନତା ଅଭିଯାନ

ବାରିପଦା , ୧୯/୦୫ (ନି.ପ୍ର): ସ୍ଥାନୀୟ ରକ୍ସି ସିନେମା ହଲରେ ଚାଲିଥିବା ମୌଳବାଦୀ ଆତଙ୍କବାଦୀ କାର୍ଯ୍ୟକଳାପ ଆଧାରିତ ଚଳଚିତ୍ର ଦି କେରଳ ଷ୍ଟୋରୀ କୁ ଅଧିକରୁ ଅଧିକ ଲୋକ ଦେଖିବା ପାଇଁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଛି । ଅଧ୍ୟୟନରତା ଅବିବାହିତା ତରୁଣୀମାନଙ୍କୁ ପ୍ରତାରଣା ଓ ଶୋଷଣ କରି ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡ଼ିତ କରାଯାଉଥିବା କଥା ଏହି ଚିତ୍ରରେ ପ୍ରଦର୍ଶିତ ହୋଇଥିବାରୁ ଏହାକୁ ଅଧିକରୁ ଅଧିକ କଲେଜ ଛାତ୍ରୀ ଦେଖିବା ଉପରେ ଗୁରୁତ୍ୱ ଦିଆଯାଇଛି ଓ ଏହାର ସକାରାତ୍ମକ ପ୍ରଭାବ ପଡିଛି ବୋଲି ଭିଏଚପିର ବରିଷ୍ଠ ନେତା କବିବିଷ୍ଣୁ ଶତପଥୀ କହିଛନ୍ତି । ଶ୍ରୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଶତାଧିକ କଲେଜ ଛାତ୍ରୀଙ୍କ ସମେତ ସହରର ଦୁଇ ଶହରୁ ଉର୍ଦ୍ଧ୍ୱ ଦର୍ଶକଙ୍କୁ ନେଇ ଅନୁଷ୍ଠିତ ସଚେତନତା ଅଭିଯାନରେ ଗୌରହରି ପାତ୍ର, ବିଶ୍ୱଜିତ ରଣା, ଅମିତ ନାୟକ, ଅଭିନବ ଭଞ୍ଜଦେଓ, ଦେବାଶିଷ ପାଇକରାୟ, ନନୀଗୋପାଳ ଦାସ, ମାନସ ସାହୁ, ଦୀପକ ମଲ୍ଲିକ, ମାନସ ସାହୁ, ରାଜେଶ ପ୍ରହରାଜ, ହେମଲତା ଦାସ, ପାୟଲ ରାୟ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ବେଆଇନ ଇଟାଭାଟିକୁ ମାଟି ଚାଲାଣବେଳେ ୫ଟ୍ରାକଟର ଜବଦ କଲା ନୀଳଗିରି ପୋଲିସ



ନୀଳଗିରି , ୧୯/୦୫ (ନି.ପ୍ର): ନୀଳଗିରି ତହସିଲ ଅଧିନସ୍ଥ ସନ୍ତରାଗଡ଼ିଆ ଆର. ଆଇ ସର୍କଲରେ ମୋଟ ୨୨ଗୋଟି ଚିମିନି ଭାଟି ରହିଛି । ଅଧିକାଂଶ ଚିମିନିଭାଟିରେ ଆବଶ୍ୟକୀୟ କାଗଜପତ୍ର ନଥିବାବେଳେ ଜୋର ଜବରଦସ୍ତ ଇଟାଭାଟି ଚାଲୁଥିବା ବେଳେ ପ୍ରତିଦିନ ବିନା ରୟାଲଟିରେ ଶହଶହ ଟ୍ରିପ ମାଟି ଚୋରାରେ ଟାଣୁଥିବା ବେଳେ ଦୁଇଦିନ ପୂର୍ବରୁ ୫ଟି ମାଟି ବୋଝେଇ ଟ୍ରାକ୍ଟରକୁ ନୀଳଗିରି ପୋଲିସ ଜବଦ କରିଥିବା ବେଳେ ଇଟାଭାଟି ମାଲିକଙ୍କ ଚିନ୍ତା ବଢିଯାଇଛି । ପରେ ନୀଳଗିରି ଆଇ. ଆଇ. ସି ଗୋପାଳ ଚନ୍ଦ୍ର କର୍ଣ୍ଣ ଜୋରିମାନା ଆଦାୟ ପାଇଁ ନୀଳଗିରି ତହସିଲଦାରଙ୍କୁ ଅବଗତ କରିଛନ୍ତି । ଏଥିପ୍ରତି ସନ୍ତାରାଗଡ଼ିଆ ଅଂଚଳରେ ବେଆଇନ ଇଟାଭାଟି ଗୁଡିକ ଉପରେ ରାଜସ୍ୱ ବିଭାଗ କି ପ୍ରକାର ପଦକ୍ଷେପ ରହୁଛି ଦେଖିବାକୁ ବାକି ରହିଲା ।

# ଲକ୍ଷ୍ମୀପ୍ରିୟା ଡିଗ୍ରୀ ମହିଳା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ତାଲିମ ଶିବିର ଅନୁଷ୍ଠିତ

ଲଙ୍ଗଳେଶ୍ୱର , ୧୯/୦୫ (ନି.ପ୍ର): ବାଲିଆପାଳ ବ୍ଲକର ଅଗ୍ରଣୀ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଲକ୍ଷ୍ମୀପ୍ରିୟା ଡିଗ୍ରୀ ମହିଳା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ ଛାତ୍ରୀମାନଙ୍କର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଅନ୍ନପୂର୍ଣ୍ଣା ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିବିରରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସ୍‌ଏସ୍ର ଜିଲ୍ଲା ସଂଯୋଜକ ଗୌରାଙ୍ଗ ପଣ୍ଡା ଯୋଗଦେଇ ଏନ ଏସ ଏସ ବା ଜାତୀୟ ସେବା ଯୋଜନାର କାର୍ଯ୍ୟାବଳି ଉପରେ ଶିବିରାର୍ଥୀ ମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଛାତ୍ର ଜୀବନରୁ ସେବା ମନୋଭାବ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହିତ ଏହାର ଲକ୍ଷ୍ୟ ଓ ଭୂମିକା ବିଷୟରେ ଅବଗତ କରାଇଥିଲେ । ପ୍ରୋଗ୍ରାମ ଅଫିସର ଅଧାପିକ ନମିତା ଦତ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମଚାରୀ ଶ୍ରୀଲେଖା ନାୟକ, ପ୍ରଶାନ୍ତ ଧଳ, ନିଗମାନନ୍ଦ ବେହେରା, ଦିପ୍ତିଲତା ବାରିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଏହି ଅବସରରେ ପ୍ରମୁଖ ଛାତ୍ରୀମାନେ ଶିବିରର ଅନୁଭୂତି ବିଷୟରେ ବର୍ଣ୍ଣନା କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ,କର୍ମଚାରୀ ଓ ସମସ୍ତ ଛାତ୍ରୀମାନେ ଉପସ୍ଥିତ ରହିଥିଲେ ।



# ମୃତ ଚାଷୀଙ୍କ ଶଯ୍ୟାଶାୟୀ ପତ୍ନୀଙ୍କୁ ବୀମା ସହାୟତା



ଖଇରା, ୧୯/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ଗ୍ରାମ ପଞ୍ଚାୟତ ଅଧୀନ ରୁଡିଙ୍ଗିଆ ଗ୍ରାମର ମୃତ୍ୟୁବରଣ କରିଥିବା ଚାଷୀ ମଣିଭଦ୍ର ଧଡାଙ୍କୁ ମିର୍ଜାପୁର ସେବା ସମବାୟ ସମିତି ତରଫରୁ ମୃତ୍ୟୁକାଳୀନ ବୀମା ସହାୟତା ପ୍ରଦାନ କରାଯାଇଛି । ମୃତ ମଣିଭଦ୍ରଙ୍କ ପତ୍ନୀ ସୁଷମା ମଞ୍ଜରୀ ଧଡା ବର୍ତ୍ତମାନ ଶଯ୍ୟାଶାୟୀ ଥିବା ବେଳେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଷ ପ୍ରସାଦ ମହାପାତ୍ର,ସମବାୟ ବ୍ୟାଙ୍କ ଖଇରା ଶାଖା ସଭାପତି ଯଦୁନାଥ ସ ତାଙ୍କୁ ତାଙ୍କ ବାସଭବନରେ ଭେଟି ବୀମାରାଶି ବାବଦକୁ ୫ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ । ନନ୍ଦୁର ସରପଞ୍ଚ ଜୟନ୍ତୀ ପତି, ମିର୍ଜାପୁର ପରିଚାଳନା ବୋର୍ଡ ସଭାପତି ସନ୍ତୋଷ କୁମାର ନାୟକ,ସମବାୟ ସମିତି ସମ୍ପାଦକ ଦେବାଶିଷ ପାଢୀ, ନାଏବ ସରପଞ୍ଚ ଅନାଦି ଧଡା, ଆଇନଜୀବୀ ପ୍ରହଲ୍ଲାଦ ପତି ପ୍ରମୁଖ ଉପସ୍ଥିତ ଥିଲେ । ବାର୍ଷିକ ମାତ୍ର ୩୦୦ଟଙ୍କା ପ୍ରିମିୟମ ଦେଇ ସମସ୍ତ ଚାଷୀ ବୀମା କରାଇବ ଦରକାର ବୋଲି ଜିଲା ବ୍ୟାଙ୍କ ସଭାପତି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ । ଚାଷୀ ଧଡା ୨୦୨୨ ଏପ୍ରିଲ ୨୮ତାରିଖରେ ମସ୍ତିଷ୍କ ଆଘାତ ଯୋଗୁଁ ମୃତ୍ୟୁବରଣ କରିଥିଲେ ।

# ଶିକ୍ଷକଙ୍କ ପରଲୋକ: ଅଂଚଳରେ ଶୋକର ଛାୟା

ନୀଳଗିରି :ନୀଳଗିରି ଉପଖଣ୍ଡ ଔପଦା ବ୍ଲକର ଶ୍ୟାମାସୁନ୍ଦପୁର ପଂଚାୟତର ପଞ୍ଚଲିଙ୍ଗେଶ୍ୱର ନୋଡାଲ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମୁରଲୀଧର ଦାସଙ୍କ କଟକ ବଡ଼ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି । ଏନେଇ ଅଂଚଳରେ ଶୋକର ଛାୟା ଖେଳିଯାଇଛି । କୁରିଆପାଟଣା ଗ୍ରାମର ଭାସ୍କର ଦାସଙ୍କ ପୁଅ ମକରଧର ଦାସ ଙ୍କର ଆହୁରି ୬ବର୍ଷ ଚାକିରୀ ରହିଥିବା ବେଳେ ଲିଭର ଜନିତ ରୋଗ ପାଇଁ ମୃତ୍ୟୁ ହୋଇଛି । ଦୀପ୍ତିକାନ୍ତ ଦାସ ମୁଖାଗ୍ନି ଦେଇଛନ୍ତି । ମୃତ୍ୟୁ ଖବର ଶୁଣିବା ପରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୪ବର୍ଷ ହୋଇଥିଲା ।

# ଶତପ୍ରତିଶତ ପିଲା ଉତ୍ତୀର୍ଣ୍ଣ: ଉତ୍ସବ ମୁଖର ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର

ଲଙ୍ଗଳେଶ୍ୱର ୧୯/୫(ନିପ୍ର): ବାଲିଆପାଳ ବ୍ଲକ ର ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ନୂଆଗାଁ ଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ର ଛାତ୍ରଛାତ୍ରୀ ମାନେ ୮୦% ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ୨୩ ଜଣ ଛାତ୍ରଛାତ୍ରୀ ଭଲ ନମ୍ବର ରଖି ସ୍କୁଲ ଓ ଗୁରୁଜୀ ଗୁରୁମା ଏବଂ ବାପା ଓ ମାଆଙ୍କ ଗୌରବ ଆଣିଥିବାରୁ ବିଦ୍ୟାଳୟ ରେ ଉତ୍ସବ ମୁଖର ହୋଇଉଠିଛି । ବିଦ୍ୟାଳୟ ର ସରୋଜିନୀ ମାରାଣ୍ଡି, ଇପ୍ସିତା ବେହେରା ଦୁଇ ଜଣ ୫୪୦ ନଂ ରଖି ଏ ୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏ ୨ ରେ ୨୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ର ସୁଆ ଛୋଟିଛି । ଏହି ଅବସରରେ ବିଦ୍ୟାଳୟ ର ସମ୍ପାଦକ ଶ୍ରୀ ରଞ୍ଜନ କୁମାର ବେହେରା ଙ୍କ ଛାତ୍ର ଅଭିଭାବକ ଧନ୍ୟବାଦ ଜଣାଇଛନ୍ତି ।

# ଓଡ଼ିଶା ରକ୍ତଦାତା ସଙ୍ଗଠନର ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ




ବସ୍ତା , ୧୯/୦୫ (ନି.ପ୍ର): ବସ୍ତା ବ୍ଲକ ବାରାପାଳ ସ୍ଥିତ ଉଦୟ ନାଥ ଉଚ୍ଚ ବିଦ୍ୟା ନିକେତନ ସମ୍ମିଳନୀ କକ୍ଷରେ ଓଡିଶା ବ୍ଲଡ୍ ଡୋନର ଆସୋସିଏସନ ଆନୁକୁଲ୍ୟରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବ୍ଲଡ ଡୋନର ଆସୋସିଏସନର ସଭାପତି ଭିକାରୀ ଚରଣ ମିସ୍ତ୍ରୀ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଅଧାପକ ରବୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ସମ୍ମାନିତ ଅତିଥି ଭାବେ ଅନ୍ତର୍ଯ୍ୟାମୀ ରାଉଳ ଓ ଅଧାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଯୋଗଦେଇ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଦୟା ଓ ଉଦାରତା ମାଧ୍ୟମରେ ଅନ୍ୟକୁ ପୂର୍ଣ୍ଣମାତ୍ରାରେ ସ୍ନେହ, ଶାନ୍ତି, ଖୁସି ଏବଂ ସନ୍ତୋଷ ଦେବା ନିମନ୍ତେ ଏହି କାର୍ଯ୍ୟକ୍ରମ ଏକ ପ୍ରୟାସ ଏବଂ ସମାଜକୁ ପ୍ରତିଦାନ ପ୍ରତ୍ୟେକ ବ୍ୟକ୍ତିର ମୌଳିକ କର୍ତ୍ତବ୍ୟ ହେବା ଏକାନ୍ତ ବିଧେୟ ବୋଲି ଅତିଥିମାନେ ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ କରିଥିଲେ । ଅଧାପକ ଶ୍ରବଣ ନାୟକ ଓ ଭବାନୀ ଶଙ୍କର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମାନସ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ବାରିକ, ମନ୍ମଥ ଦଳେଇ ଓ ଯଜ୍ଞେଶ୍ୱର ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ରାହାସ ବିହାରୀ ବାରିକ, ହନାନ ଖାଁ, ପୂର୍ଣ୍ଣଚନ୍ଦ୍ର ଜେନା, ଉତ୍ତମ ସାମଲ, ଗୁରୁଭା ମାଝୀ, ଅପନାମଣୀ ଦାସ, ସୂର୍ଯ୍ୟାମଣୀ ବେହେରା ଓ ତାରାମଣି ଗିରି ସମେତ ଅତିଥି ମାନଙ୍କୁ ଉତ୍ତରିୟ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କଣ୍ଠଶିଳ୍ପୀ ଧନେଶ୍ୱର ବେହେରା, ଦୀପ୍ତରାଗ ଦେ, ରଶ୍ମିତା ବାରିକ, ଦିବ୍ୟାଶା ମହାପାତ୍ର, ମଧୁସ୍ମିତା ଗିରି, ଶୁଭଙ୍କର ଦେ, ଅରବିନ୍ଦ ବାରିକ ଓ ସୁକାନ୍ତି ଜେନା ଉଦୟ ନାଥ ଉଚ୍ଚ ବିଦ୍ୟା ନିକେତନର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ରାହାସ ବିହାରୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo